
# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-156 •TUESDAY •2 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୫୬ •ମଙ୍ଗଳବାର •୨ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

ବିବାହ ବନ୍ଧନରେ ସାମନ୍ଥା

▸ପୃଷ୍ଠା ୧୧ ଦେଖନ୍ତୁ...

# ଆରମ୍ଭରୁ ଏସ୍ଆଇଆର୍ ତାତି

## ପ୍ରଥମ ଦିନରେ ସଂସଦ ଅଚଳ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଆଜି ଠାରୁ ଆରମ୍ଭ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ସରଗରମ ରହିଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍କୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ହୋଇ ରହିଥିବାରୁ ସଂସଦର ଉଭୟ ଗୃହ ପ୍ରଥମ ଦିନରୁ ଅଚଳ ହୋଇପଡ଼ିଛି। ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ବିରୋଧୀ ଦଳମାନେ ଦାବି କରିଥିବା ବେଳେ ସରକାର ତୁରନ୍ତ ଆଲୋଚନା ପାଇଁ ରାଜି ହେଉ ନାହାନ୍ତି। ବିରୋଧୀ ସଭ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳମାନେ ଏସ୍ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଥିଲେ। ଅଧ୍ୟକ୍ଷ ଏଥିପାଇଁ ଅନୁମତି ନଦେବାରୁ ସେମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି। କିନ୍ତୁ ଏହି ଆଲୋଚନା ବିରୋଧୀଙ୍କ ସର୍ତ୍ତ ଅନୁଯାୟୀ ହେବ ନାହିଁ। ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କିଛି ବି।।ରୋଧୀ ଦଳ ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ଅଛି। ଏଥିପାଇଁ ସମୟ ଦରକାର। କିନ୍ତୁ ତୁରନ୍ତ ଆଲୋଚନା ପାଇଁ ବିରୋଧୀଙ୍କ ଦାବି ଗ୍ରହଣଯୋଗ୍ୟ ନୁହେଁ। ଆଲୋଚନା କେବେ ହେବ ଏବଂ କେତେ ସମୟ ପାଇଁ ହେବ, ତାହା ଗୃହ ପରିଚାଳନା କମିଟି ସ୍ଥିର କରିବ। ଗୃହରେ ଆହୁରି ଅନେକ ପ୍ରସଙ୍ଗ ରହିଥିବାରୁ ତୁରନ୍ତ ଏସ୍ଆଇଆର୍ ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି ରୋକଠୋକ୍ ଜଣାଇଦେଇଥିଲେ। ମନ୍ତ୍ରୀଙ୍କର ଏଭଳି ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲେ।



### ଆଲୋଚନା ପାଇଁ ସରକାର ରାଜି, କିନ୍ତୁ ବିରୋଧୀଙ୍କ ସର୍ତ୍ତରେ ନୁହେଁ: ମନ୍ତ୍ରୀ

ବାଚସ୍ପତି ଓମ୍ ବିର୍ଲାଙ୍କ ତାଗିଦ ସତ୍ତ୍ୱେ ଲୋକସଭାରେ ବିରୋଧୀ ସଭ୍ୟମାନେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଜିଦ୍ ଧରିଥିଲେ। ଫଳରେ ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆସନ୍ତାକାଲି ପର୍ଯ୍ୟନ୍ତ ଲୋକସଭାକୁ ମୁଲତବୀ କରିଦିଆଯାଇଛି। ତେବେ ଏହି ସମୟ ମଧ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ତିନିଟି ବିଲ୍ ଆଗତ କରିଥିଲେ। ୨ଟା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟସଭାରେ ମଧ୍ୟ ଏସ୍ଆଇଆର୍ ପ୍ରସଙ୍ଗରେ ହଟ୍ଟଗୋଳ ହୋଇଥିଲା। ତେବ ଗୃହ ପ୍ରଥମେ ନବନିର୍ବାଚିତ ଉପରାଷ୍ଟ୍ରପତି ତଥା ଗୃହର ନୂଆ ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ସବୁ ଦଳର ସଭ୍ୟମାନେ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିନକୁ ଐତିହାସିକ ବୋଲି କହିଥିଲେ। ▸ପୃଷ୍ଠା-୭

## 'ସକାଳ'ର ୫ମ ସ୍ୱନକ୍ଷତ୍ର ଦିବସ

# ୫ ସହରରେ ମିନି ମାରାଥନ୍: ଦୌଡ଼ିଲା ଓଡ଼ିଶା

■ ଭୁବନେଶ୍ୱର, ୧।୧୨ (ସମିସ): 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜଧାନୀ ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ଜୟପୁର ଆଦି ୫ଟି ସ୍ଥାନରେ ଅନୁଷ୍ଠିତ ହୋଇଛି ହୋଇଛି ମିନି ମାରାଥନ। ସକାଳ ୬ଟାରେ ରାଜ୍ୟର ୫ ସହରରେ ଏକ ସମୟରେ ଆରମ୍ଭ ହୋଇଥିବା ମିନି ମାରାଥନରେ ବିଭିନ୍ନ ବର୍ଗର ହଜାର ହଜାର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ଶିଶୁଭବନ ଛକରୁ ଆରମ୍ଭ ହୋଇଥିବା ମିନି ମାରାଥନ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଛି। ପ୍ରଥମ ଓଡ଼ିଆ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନିଷା ମହାନ୍ତି, ପ୍ରଥମ ଓଡ଼ିଆ ବିଶ୍ୱ ଚେସ୍ ଚାମ୍ପିଅନ୍ ପଦ୍ମିନୀ ରାଉତ, ଓଲିଉଡ ଅଭିନେତ୍ରୀ ପୁନମ୍ ମିଶ୍ର, ଅଭିନେତ୍ରୀ ଦେବଯାନୀ, ହିରୋ ମୋଟୋ କର୍ପ ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହଲି ପ୍ରମୁଖ ପତାକା ହଲାଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ।


ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ ▸ପୃଷ୍ଠା-୭



ବାଲେଶ୍ୱର

## ବାରବାଟୀ ଟି-୨୦ ଆଉ ୭ ଦିନ

# ୪୫ ମିନିଟରେ ସରିଗଲା ଅନ୍‌ଲାଇନ୍ ଟିକଟ



### ୩ରେ ଟିକଟ କିଣିବେ ଅନୁବନ୍ଧିତ ୟୁନିଟ୍

### ୫ରେ ଖୋଲିବ ୫ଟି କାଉଣ୍ଟର; ମହିଳାଙ୍କ ନିମନ୍ତେ ଦୁଇଟି

■ କଟକ, ୧।୧୨ (ସମିସ): ବାରବାଟୀ ଟି-୨୦କୁ ଆଉ ୭ଦି ବାକି ଥିବାବେଳେ ସୋମବାରଠାରୁ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। ୪୫ ମିନିଟରେ ୨ହଜାର ଅନଲାଇନ ଟିକଟ ବୁକିଂ ହୋଇଗଲା। ଆଜି ଦିନ ଠିକ୍ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ୍‌ରେ ଟିକଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରୀ ଟିକଟଗୁଡିକ ବୁକିଂ ଶେଷ ହୋଇଯାଇଥିଲା। ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକଟ ଗୁଡିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନଲାଇନ୍‌ରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେସନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍ ▸ପୃଷ୍ଠା-୭

# ଡିଜିଟାଲ ଆରେଷ୍ଟ ମାମଲାର ତଦନ୍ତ କରିବ ସିବିଆଇ

## ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): 'ଡିଜିଟାଲ ଆରେଷ୍ଟ'କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ମାମଲାକୁ 'ଦ୍ରୁତ ଗତିରେ ବଢୁଥିବା ସାଇବର କ୍ରାଇମ' କହିଛନ୍ତି। ସାରା ଦେଶରେ ଡିଜିଟାଲ ଆରେଷ୍ଟର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସିବିଆଇକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଛନ୍ତି। ଏହି ଯାଞ୍ଚରେ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଠକେଇରେ ବ୍ୟାଙ୍କରଙ୍କ ଭୂମିକାର ଯାଞ୍ଚ କରିବାକୁ କେନ୍ଦ୍ରୀୟ ଏଜେନ୍ସିକୁ କହିଛନ୍ତି। ପ୍ରଥମ ଥର ପାଇଁ ସିବିଆଇ ଏଭଳି ମାମଲାର ଯାଞ୍ଚ କରିବାକୁ ଯାଉଛି। ଏଥିପାଇଁ କେନ୍ଦ୍ରୀୟ ଏଜେନ୍ସିକୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଡିଜିଟାଲ ଆରେଷ୍ଟ ସମ୍ବନ୍ଧିତ ମାମଲାରେ ବ୍ୟାଙ୍କ ▸ପୃଷ୍ଠା-୭







**ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା**

# ବରିଷ୍ଠରେ ଶାଶ୍ୱତୀ, କନିଷ୍ଠରେ ଶୁଭମ୍ ପ୍ରଥମ

ଭୁବନେଶ୍ୱର, ୧।୧୨(ସମିସ): ମାଗଣା ଯୋଜନା ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା; ମାତ୍ର ବର୍ତ୍ତମାନ ସମୟରେ ଏହା ଲକ୍ଷ୍ୟଚ୍ୟୁତ ଓ ଭୋଟ ସର୍ବସ୍ୱ ହୋଇଛି । ଯାହାଦ୍ୱାରା ଦେଶର ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଛି। ଋଣ କରି ଘିଅ ଖାଇବା ପରି ମାଗଣା ଯୋଜନା ଦେଶବାସୀ ଆର୍ଥିକ ଅସନ୍ତୁଳନର ପ୍ରମୁଖ କାରଣ ହୋଇଛି ଏବଂ ଋଣ ଭାର ବୃଦ୍ଧି ବିକାଶକୁ ବାଧାପ୍ରାପ୍ତ କରୁଛି । ସେହିପରି ପରିବେଶ ଓ ବିକାଶ ଗୋଟିଏ ମୁଦ୍ରାର ଦୁଇଟି ପାଶ୍ୱର୍ ଏବଂ ଏହା ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ। ଗୋଟିଏ ପାଇଁ ଅନ୍ୟଟିକୁ ବଳି ଦିଆଯିବା ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ, ତେଣୁ ବିକାଶ ପାଇଁ ପରିବେଶର ସତର୍କ ସଂରକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି 'ସକାଳ' ୫ମ ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

କନିଷ୍ଠ ବର୍ଗରେ 'ପରିବେଶ ଠାରୁ ବିକାଶକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ କି' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଭାବେ ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ନିରଞ୍ଜନ ପ୍ରସାଦ ରଥ, ଫକିରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମଣୀନ୍ଦ୍ର ମେହେର, ଅବସରପ୍ରାପ୍ତ ପ୍ରଫେସର ଓ ଭୂତତ୍ୱବିତ୍ ଡ. ଜେନାମଣି ସଞ୍ଜୀବ କୁମାର ଯୋଗଦେଇ ମୂଲ୍ୟାୟନ କରିଛନ୍ତି। ସେହିପରି ବରିଷ୍ଠ ବର୍ଗ ନିମନ୍ତେ 'ଦେଶର ଅଭିବୃଦ୍ଧିରେ ବାଧକ କି ମାଗଣା ଯୋଜନା' ଶୀର୍ଷକ ବିତର୍କ ପ୍ରତିଯୋଗିତାରେ ବିଚାରକ ଅତିଥି ରୂପେ ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥୀ, ପଠାଣିସାମନ୍ତ ପ୍ଲାନେଟୋରିଅମ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ବୈଜ୍ଞାନିକ ଶୁଭେନ୍ଦୁ ପଟ୍ଟନାୟକ, ପ୍ରଫେସର ଡ଼. ମଣୀନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଆଇଆର୍‌ଏସ୍ ଅଧିକାରୀ ତଥା ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ ଏହି ଅବସରରେ ଉପସ୍ଥିତ ଥିଲେ।

**■ ମାଗଣା ଯୋଜନା ଲକ୍ଷ୍ୟଚ୍ୟୁତ, ଭୋଟସର୍ବସ୍ୱ**
**■ ପରିବେଶ ଓ ବିକାଶ ମଧ୍ୟରେ ସନ୍ତୁଳନ ଅତ୍ୟନ୍ତ ଜରୁରୀ**

କନିଷ୍ଠ ବର୍ଗରେ ଯଥାକ୍ରମେ ପ୍ରଥମ ତିନିଟି ସ୍ଥାନ ଅଧିକାର କରିଥିବା ଫୁଲବାଣୀ ପବ୍ଲିକ୍ ସ୍କୁଲ୍‌ର ସାଇ ଶୁଭମ ମହାନ୍ତି ,ଢେଙ୍କାନାଳସ୍ଥିତ ପିଏମ୍‌ଶ୍ରୀ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ସୁଶ୍ରୀ ସାଗରିକା ସ୍ୱାଇଁ ଓ କଟକସ୍ଥିତ ପ୍ରଥମ ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ର ସିଦ୍ଧାନ୍ତ କୁମାର ସାହୁଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ବରିଷ୍ଠ ବର୍ଗରେ ତିନି ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀ, ନୟାଗଡ଼ ରାଜ ସୁନାଖଳା ଡିଆଇଇଟିର ଛାତ୍ର ସାଗର ବେହେରା ଓ କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆର୍ଯ୍ୟ ନାୟକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ବିତର୍କ ପ୍ରତିଯେଗିତାର ପ୍ରାୟୋଜକ ତଥା ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ଓ ବିନାୟକ କନ୍‌ସେପ୍ଟ ସ୍କୁଲ୍ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ସଞ୍ଜୟ ରାଜଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସକାଳର ସିଇଓ ସୁବ୍ରତ ଦାସ ଓ କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ସକାଳ ପରିବାରର ଦିଗଦର୍ଶକ ଡ଼. ଉମାକାନ୍ତ ମିଶ୍ର ଛାତ୍ରଛାତ୍ରୀ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ବିଭାଗରେ 'ସକାଳ'ର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ ଓ କନିଷ୍ଠ ବର୍ଗରେ ବରିଷ୍ଠ ସହ-ସମ୍ପାଦକ ସଞ୍ଜୟ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଫିଚର୍ ବିଭାଗ ବରିଷ୍ଠ ସହ ସମ୍ପାଦକ ସୁଶୀଲ କୁମାର ବାଗ୍ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ 'ସକାଳ'ର ବ୍ୟୁରୋ ମୁଖ୍ୟ ରଞ୍ଜିତ ମହାନ୍ତି, ବିଜ୍ଞାପନ ମୁଖ୍ୟ ନରୋତ୍ତମ ଗୁରୁଙ୍କ ସହ ଦିଲ୍ଲୀପ ମହାପାତ୍ର, ଅଭିଷେକ ସାହୁ ପ୍ରସାର ବିଭାଗର ପ୍ରିୟବ୍ରତ ଦାସ, ସୁଧାଂଶୁ ସାହୁ, ଚନ୍ଦନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।












**ବ୍ୟାପକ ହେଲା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ**

## ଡାକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖକୁ ପଠାଇଲେ 'ହ୍ୱାଇଟ୍ କୋର୍ଟ'



ବ୍ରହ୍ମପୁର, ୧।୧୨(ସମିସ): ୮ ଦଫା ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆୟୁଷ ଡାକ୍ତରଛାତ୍ରଛାତ୍ରୀ।ଆନ୍ଦୋଳନର ୮ମ ଦିନରେ ଅର୍ଥାତ୍ ରବିବାରଠାରୁ ଅହୋରାତ୍ର ଆନ୍ଦୋଳନ କରି ସଂଘର୍ଷକୁ ବ୍ୟାପକ କରାଯାଇଛି। ଆୟୁଷ ଡାକ୍ତରଙ୍କ ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରିବା ସହ ଚରମ ଅବହେଳା ପ୍ରଦର୍ଶନ କରୁଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ନେଇ ବାରମ୍ବାର ଦିଆଯାଇଥିବା ପ୍ରତିଶ୍ରୁତି ପରବର୍ତ୍ତୀ ସମୟରେ ପ୍ରତାରଣା ପାଲଟିଛି। ଏଣୁ, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ କଡା ଚେତାବନୀ ଦେଇଛନ୍ତି ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ। ଏହି କ୍ରମରେ ସ୍ଥାନୀୟ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପକ୍ଷରୁ ନିଆରା ଢଙ୍ଗରେ ଆନ୍ଦୋଳନ କରି ପ୍ରତିବାଦ କରାଯାଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ଦାବି ସହ ସରକାର ବିରୋଧୀ ପ୍ଲାକାର୍ଡ ଧରି କଲେଜରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ମୁଖ୍ୟ ଡାକଘର ନିକଟରେ ରାସ୍ତାରେ ବସି ପ୍ରତିବାଦ କରିଥିଲେ। ସେଠାରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ନିଜେ ପରିଧାନ କରିଥିବା ହ୍ୱାଇଟ କୋର୍ଟ ବା ଧଳା ଆପ୍ରନକୁ ବାହାର କରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ଲୋକସେବା ଭବନକୁ ପଠାଇଛନ୍ତି। ଆନ୍ଦୋଳନକାରୀଙ୍କ ଏଭଳି ନିଆରା ପ୍ରତିବାଦ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭକ୍ତଙ୍କ ଉପରେ ଦର୍ଶନ ଟିକଟ ବୋଝ

ପୁରୀ, ୧।୧୨(ସମିସ): ଶ୍ରୀମନ୍ଦିର ପରିସର ଏବଂ ମନ୍ଦିର ବାହାରେ ଏକାଧିକ ପବିତ୍ର ପୀଠ ବା ସ୍ଥାନ ରହିଛି। ଏଗୁଡ଼ିକ ମଧ୍ୟରେ ରୋଷଘର, କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ନରେନ୍ଦ୍ର ପୁଷ୍କରିଣୀ ଅନ୍ୟତମ। ଏ ସବୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ରହିଛି। ସେହିପରି ଶ୍ରୀକ୍ଷେତ୍ରର ବେଡ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ତଥା



ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକସ୍ଥଳୀ ରହିଛି। ଯେଉଁଠିକୁ ମହାପ୍ରଭୁଙ୍କୁ ପ୍ରତିଦିନ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ସ୍ଥାନକୁ ବୁଲି ଯାଆନ୍ତି। ଆସ୍ଥା ଓ ବିଶ୍ୱାସର ଏହି ପବିତ୍ର ତଥା ଧାର୍ମିକସ୍ଥଳୀକୁ ଯିବା ପାଇଁ ଭକ୍ତଙ୍କୁ ଟଙ୍କା ଗଣିବାକୁ ପଡୁଛି। ଏବେ ପୁଣି ଗୁଣ୍ଡିଚା ମନ୍ଦିର ଖୋଲିଲେ ସେଥିପାଇଁ ବି ଦର୍ଶନ ଦେୟ ୧୦ ଟଙ୍କା ରହିବ ବୋଲି ଘୋଷଣା କରାଯାଇଛି। ଏହାକୁ ନାପସନ୍ଦ କରିଛନ୍ତି ଶ୍ରଦ୍ଧାଳୁ। ଶ୍ରୀମନ୍ଦିର ପାଇଁ ସରକାର ୫୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ ଏବଂ ଭକ୍ତଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ ଲାଗି ଚିନ୍ତା କରୁଥିବା ବେଳେ ଦର୍ଶନ ଟିକଟ୍ ବୋଝ କାହିଁକି ଲଦି ଦିଆଯାଉଛି, ତାହା ଶ୍ରଦ୍ଧାଳୁଙ୍କୁ ଆଶ୍ଚର୍ଯ୍ୟ କରିଛି।

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମନ୍ଦିର ପରିସର (କୋଇଲି ବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଇତ୍ୟାଦି) ବିଭିନ୍ନ ପବିତ୍ର ସ୍ଥାନ ବୁଲିଥା'ନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ମନ୍ଦିର ବାହାରେ ମଧ୍ୟ ଏକାଧିକ ପବିତ୍ର ପୀଠ(ଯେପରିକି ନରେନ୍ଦ୍ର ପୁଷ୍କରିଣୀ, ଶ୍ରୀଗୁଣ୍ଡିଚା ମନ୍ଦିର) ରହିଛି। ମହାପ୍ରଭୁଙ୍କ ଦର୍ଶନ ପରେ ଅଧିକାଂଶ ଶ୍ରଦ୍ଧାଳୁ ଏସବୁ ବୁଲି ଏହାର ମାହାତ୍ମ୍ୟ ଏବଂ ଇତିହାସ ସମ୍ପର୍କରେ ଅନେକ ତଥ୍ୟ ଜାଣିଥା'ନ୍ତି। ହେଲେ ଶ୍ରୀମନ୍ଦିର ପ୍ରଶାସନ ରୋଷଘର, ଲୁଣପତ୍ର, କୋଇଲି ବୈକୁଣ୍ଠ, ନରେନ୍ଦ୍ର ସଂକଳ୍ପ ଏବଂ ନୀଳାଚଳ ଉପବନକୁ ନିଲାମରେ ଦେଇଛି। ଫଳରେ ଏହିସବୁ ଜାଗା ବୁଲିବା ପାଇଁ ଚାହୁଁଥିବା ଭକ୍ତଙ୍କୁ ପ୍ରତ୍ୟେକ ସ୍ଥାନ ପାଇଁ ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। କେବଳ ଏତିକି ନୁହେଁ, ଶ୍ରୀକ୍ଷେତ୍ରର ବେଡ଼ି ହନୁମାନ ମନ୍ଦିର, ଲକ୍ଷ୍ମୀଙ୍କ ବାପଘର ତଥା ଚକ୍ରନୃସିଂହ ମନ୍ଦିର ଭଳି ଏମିତି କିଛି ଦେବସ୍ଥଳୀ ରହିଛି, ଯେଉଁଠିକୁ ବୁଲିଗଲେ ଟଙ୍କା ଦେବାକୁ ପଡୁଛି। ଯଦିଓ ଏହି ଦେୟ ବଡ଼ଧରଣର ନୁହେଁ, କିନ୍ତୁ ଅନେକ ସମୟରେ ଏହାକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

**■ ଟଙ୍କା ଦେଲେ ମିଳୁଛି ପବିତ୍ର ଓ ଧାର୍ମିକସ୍ଥଳୀରେ ଦର୍ଶନ**
**■ ଗୁଣ୍ଡିଚା ମନ୍ଦିର ଖୋଲିଲେ ଦେବାକୁ ପଡ଼ିବ ୧୦ ଟଙ୍କା**

ଏବେ ଗୁଣ୍ଡିଚା ମନ୍ଦିରକୁ ନେଇ ଚର୍ଚ୍ଚା, ଆଲୋଚନା ଚାଲିଛି। ଦୀର୍ଘ ୬ବର୍ଷ ଧରି ଭକ୍ତଙ୍କ ପାଇଁ ବନ୍ଦ ରହିଛି ମହାପ୍ରଭୁଙ୍କ ଜନ୍ମବେଦୀ। କୋଭିଡ୍ କଟକଣା ପରଠାରୁ ଶ୍ରଦ୍ଧାଳୁଙ୍କୁ ଗୁଣ୍ଡିଚା ମନ୍ଦିର ଭିତରକୁ ଛଡ଼ାଯାଉ ନଥିବା ବେଳେ ଏହାକୁ ଖୋଲିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ତେବେ ନିକଟରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଗୁଣ୍ଡିଚା ମନ୍ଦିର ଖୋଲିବା ଉପରେ ନିଷ୍ପତ୍ତି ନିଆଗଲା। ଡିସେମ୍ବର ୧ରୁ ଖୋଲାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ଗଣମାଧ୍ୟମ ସମ୍ମୁଖରେ ଘୋଷଣା କଲେ। ହେଲେ ଏହି ଘୋଷଣାର ଦିନକ ପରେ ପୁଣି ମନ୍ଦିର ଖୋଲିବାକୁ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଗଲା। ଏଭଳି ନିଷ୍ପତ୍ତିକୁ ନେଇ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଏବେ ଗୁଣ୍ଡିଚା ମନ୍ଦିର ଦର୍ଶନ ଦେୟକୁ ମଧ୍ୟ ବିରୋଧ କରାଯାଉଛି।

ଗୁଣ୍ଡିଚା ମନ୍ଦିର ଦର୍ଶନ ପାଇଁ ଦେୟ ୧୦ଟଙ୍କା ରହିବ। କିନ୍ତୁ ୫ ବର୍ଷରୁ କମ୍, ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ କୌଣସି ଟିକଟ୍ ପଡ଼ିବ ନାହିଁ ବୋଲି ମୁଖ୍ୟ ପ୍ରଶାସକ ଘୋଷଣା କରିଛନ୍ତି। ହେଲେ ଏହାକୁ ନାପସନ୍ଦ କରିଛନ୍ତି ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁ। ଏହାକୁ ପ୍ରତ୍ୟାହାର ଦାବିରେ ଭଏସ୍ ଅଫ୍ କମନ୍‌ମ୍ୟାନ୍‌ର ମୁଖ୍ୟ ହେକ୍ଟର ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। କୌଣସି ଦେବାଳୟରେ ଦର୍ଶନ ଶୁଳ୍କ ନେବାର ପ୍ରଥା ନ ଥିଲା। ଏହାକୁ ଗୁଣ୍ଡିଚା ମନ୍ଦିରରେ ଲାଗୁ କରିବା ମନ୍ଦିର ସଂସ୍କୃତିକୁ ବ୍ୟାପାରୀକରଣ କରିବାର ଗନ୍ଧ ବାରି ହୋଇପଡୁଛି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି।

ସୂଚନାଥାଉ କି, ଶ୍ରୀମନ୍ଦିର ଉତ୍ତରପାର୍ଶ୍ୱରେ ରହିଛି କୋଇଲି ବୈକୁଣ୍ଠ। ଏଠାରେ ତୁଳସୀ ଏବଂ ବିଭିନ୍ନ ପ୍ରକାର ଫୁଲ ବଗିଚା ରହିଛି। ନବକଳେବର ସମୟରେ ଦାରୁଦିଅଁଙ୍କ ନୂଆ ମୂର୍ତ୍ତି ଏହା ପରିସରରେ ନିର୍ମାଣ କରାଯାଇଥାଏ। ନବକଳେବରରେ ପୁରାତନ ବିଗ୍ରହଙ୍କୁ କୋଇଲି ବୈକୁଣ୍ଠ ପରିସରରେ ପାତାଳି କରାଯାଇଥାଏ। ଏହା ହେଉଛି ସାକ୍ଷାତ ବୈକୁଣ୍ଠପୁର। ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଏହା ପରିସରକୁ ବୁଲିଯିବାକୁ ପ୍ରାଥମିକତା ଦେଇଥା'ନ୍ତି। ସେହିପରି ମନ୍ଦିର ପରିସରର ଅନ୍ୟ ପବିତ୍ରସ୍ଥଳୀ ହେଉଛି ନୀଳାଦ୍ରି ବିହାର ଉପବନ ଏବଂ ରୋଷଘର। ଭକ୍ତ ଏହାକୁ ମଧ୍ୟ ବୁଲି ଦେଖନ୍ତି। ସେହିପରି ମନ୍ଦିର ବାହାର ପବିତ୍ର ସ୍ଥଳ ହେଉଛି ନରେନ୍ଦ୍ର ପୁଷ୍କରିଣୀ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଓ ପଞ୍ଚମହାଦେବ ପ୍ରତ୍ୟେକବର୍ଷ ଚନ୍ଦନ ଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି। ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଚନ୍ଦନ ସରୋବର ନାମରେ ଖ୍ୟାତ। ତେଣୁ, ପ୍ରତିଦିନ ଏଠାକୁ ଭକ୍ତ ଦର୍ଶନ ପାଇଁ ଆସୁଥିବା ବେଳେ ସଂକଳ୍ପ କରିଥା'ନ୍ତି।

## ଯୋଜନା ବ୍ୟୟ ନୈରାଶ୍ୟଜନକ

# ୭ ମାସରେ ୩୯% ଖର୍ଚ୍ଚ

ଭୁବନେଶ୍ୱର,୧।୧୨(ସମିସ): ରାଜ୍ୟରେ ବିତ୍ତୀୟ ପରିଚାଳନାରେ ଦୁର୍ବଳତାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ସରକାରଙ୍କ ଉପରେ ପ୍ରଶ୍ନବାଚୀ ଉଠୁଥିବା ବେଳେ ଆଜି ଗୃହରେ ଏକ ତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିଥିବା ଏକ ଉତ୍ତର ରାଜ୍ୟର ଅର୍ଥନୀତିଜ୍ଞମାନଙ୍କୁ ନିରାଶ କରିଛି। ଶ୍ରୀ ହରିଚନ୍ଦନ ଗତ ୭ ମାସ ମଧ୍ୟରେ ଆର୍ଥିକ ବ୍ୟୟ ମାତ୍ର ୩୯% ରହିଥିବା ଓ ଆଗାମୀ ଦିନଗୁଡ଼ିକରେ ଯୋଜନା ବ୍ୟୟ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରି ଗତବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟରେ ଅଧିକ ୩ ପ୍ରତିଶତ ବ୍ୟୟ ହୋଇଥିବା ଶ୍ରୀ ହରିଚନ୍ଦନ କହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କ ଅନୁରୂପ ଆଭିମୁଖ୍ୟକୁ କଟୁ ସମାଲୋଚନା ସହ କ୍ଷୋଭ ପ୍ରକାଶ କରିଛନ୍ତି । ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର କେଇମାସ ବାକିଥିବାବେଳେ ବଜେଟ ବରାଦ ପୂର୍ଣ୍ଣ ଖର୍ଚ୍ଚ ହୋଇ ନ ପାରିବା ଅଶଙ୍କା ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷର ମାସ ୭ ମାସରେ ବଜେଟ ଅର୍ଥ ବ୍ୟୟ ମାତ୍ର ୩୯ ପ୍ରତିଶତ ମଧ୍ୟରେ ରହିବାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଆର୍ଥିକ ବର୍ଷ ସରିବାକୁ ହାତରେ ମାତ୍ର ଆଉ ୫ ମାସ ସମୟ ଥିବା ବେଳେ ଆଉ ମାତ୍ର ୧୫ରୁ ୨୦ ପ୍ରତିଶତ ବ୍ୟୟ ସମ୍ଭାବନା ରହିଛି, ତେଣୁ ଡବଲ ଇଞ୍ଜିନ ଓଡ଼ିଶାରେ କାମ କରୁଛି ତ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।ଏ

**■ ଆର୍ଥିକ ପ୍ରଦର୍ଶନକୁ ନେଇ ବିରୋଧୀଙ୍କ କ୍ଷୋଭ**
**■ ୫ ମାସରେ ବ୍ୟୟ ହେବ ବଳକା ଅର୍ଥ: ମନ୍ତ୍ରୀ**

ସୋମବାର ପ୍ରଶ୍ନକାଳ ଆରମ୍ଭରେ ବଜେଟ ଅର୍ଥ ଖର୍ଚ୍ଚରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ। ସେ କହିଥିଲେ ଯେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଅକ୍ଟୋବର ଶେଷ ସୁଦ୍ଧା ମାତ୍ର ୩୯ ପ୍ରତିଶତ ବଜେଟ ଅର୍ଥ ବ୍ୟୟ ହୋଇଛି। ଏଥିରୁ ପ୍ରଶାସନିକ ବ୍ୟୟ ୪୪ ପ୍ରତିଶତ ଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ୩୬ ପ୍ରତିଶତ। ଅକ୍ଟୋବର ଶେଷ ସୁଦ୍ଧା କ୍ରୀଡ଼ା ବିଭାଗ ମାତ୍ର ୮.୮୩ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ୧୩.୨୮ ପ୍ରତିଶତ, ପଞ୍ଚାୟତିରାଜ ବିଭାଗ ୨୩.୨୦ ପ୍ରତିଶତ, ଖଣି ବିଭାଗ ୧୬.୩୩ ପ୍ରତିଶତ, ଶକ୍ତି ବିଭାଗ ୨୮.୮୬ ପ୍ରତିଶତ, ବିପର୍ଯ୍ୟୟ ପରିଚାଳନା ୧୧.୮୭ ପ୍ରତିଶତ, ଏମଏସଏମଇ ବିଭାଗ ମାତ୍ର ୧୬.୫୩ ପ୍ରତିଶତ ବଜେଟ ଅର୍ଥ ବ୍ୟୟ କରିଛନ୍ତି। ହାତରେ ଆଉ ମାତ୍ର ୪ ମାସ ସମୟ ବାକି ରହିଛି। ଏପରିସ୍ଥଳେ ବଜେଟ ଅର୍ଥ କିପରି ବ୍ୟୟ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଏପରିକି ଗଣଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଳସମ୍ପଦ , ପଞ୍ଚାୟତିରାଜ ବିଭାଗରେ ବିଭିନ୍ନ୍ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ କମ୍ ଅର୍ଥ ବ୍ୟୟ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ। ସେହିପରି କେନ୍ଦ୍ରୀୟ ଅନୁଦାନ ଉପରେ ରାଜ୍ୟ ସରକାର ବଜେଟ ବ୍ୟୟ ଅଟକଳ କରିଥିଲେ। ୪୧ ହଜାର କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ପାଇବେ ବୋଲି ରାଜ୍ୟ ସରକାର ଆକଳନ କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ୭ ହଜାର ୬୧୩ କୋଟି ଟଙ୍କା ପାଇଛନ୍ତି। ମାତ୍ର ୧୮ ପ୍ରତିଶତ ପାଇଛନ୍ତି। ଅବଶିଷ୍ଟ ୪ ମାସରେ କେନ୍ଦ୍ର ସବୁ ଟଙ୍କା କେନ୍ଦ୍ର ସରକାର ଦେବେ ତ। ଏହାଦ୍ୱାରା ରାଜ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ଯାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମ କାଡାମ କହିଥିଲେ ଯେ ବିଭିନ୍ନ ବିଭାଗରେ ବଜେଟ ବ୍ୟୟ ଅତ୍ୟନ୍ତ ନୈରାଶ୍ୟଜନକ । ବଜେଟ ଅର୍ଥ ଖର୍ଚ୍ଚ ନହେଲେ, ଲୋକଙ୍କ ବିକାଶ ହୋଇପାରିବ ନାହିଁ। ଏ କ୍ଷେତ୍ରରେ ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। ଆଉ ୨-୩ ମାସ ମଧ୍ୟରେ ଶତ ପ୍ରତିଶତ ବ୍ୟୟ କରିବା ପାଇଁ କେଉଁ ପଦକ୍ଷେପ ନେବେ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଧାୟକ ନିରଞ୍ଜନ ପୂଜାରୀ ଗତବର୍ଷ କେତେ ବଜେଟ ସରେଣ୍ଡର ହୋଇଥିଲା ଏବଂ ଚଳିତ ବର୍ଷ କେତେ ହେବା ନେଇ ସରକାର ଅନୁମାନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ।

**■ ଲଙ୍କାପୁଟ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଅଘଟଣ**

# ରାତିରେ ହଷ୍ଟେଲ ଛାଡ଼ି ଜଙ୍ଗଲକୁ ପଳାଇଲେ ୨୦ ଛାତ୍ର

କୋରାପୁଟ, ୧।୧୨(ସମିସ): ରାତିରେ ଘନ ଅନ୍ଧାରରେ ହଷ୍ଟେଲ ଛାଡ଼ି ୨୦ ଜଣ ଛାତ୍ର ପଳାଇବା ଓ ସକାଳେ ଜଙ୍ଗଲରୁ ଉଦ୍ଧାର ହେବା ଘଟଣା କୋରାପୁଟ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। କୋରାପୁଟ ବ୍ଲକ୍ ଅନ୍ତର୍ଗତ ଲଙ୍କାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଏହି ଘଟଣା ଘଟିଛି। କେଉଁ କାରଣରୁ ଛାତ୍ରମାନେ ଏଭଳି ଦୁଃସାହସିକ ପଦକ୍ଷେପ ନେଲେ,

**■ ୯ କିମି ଦୂର ଜଙ୍ଗଲରୁ ଉଦ୍ଧାର**
**■ ସ୍କୁଲ ସାମ୍ନାରେ ଅଭିଭାବକଙ୍କ କାନ୍ଦବୋବାଳି**

ତାହା ଜଣାପଡ଼ିନାହିଁ। ଅପରପକ୍ଷେ, ଏହି ଘଟଣା ପରେ ଅଭିଭାବକମହଲରେ ଚିନ୍ତା ବଢ଼ି ଯାଇଛି। ଏହି ଘଟଣାରେ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା ସହ ତଦନ୍ତ ଦାବି କରିଛନ୍ତି।

ସୂଚନାନୁଯାୟୀ, ଲଙ୍କାପୁଟ ଉଚ୍ଚ ବିଦ୍ୟାଳୟରେ ହଷ୍ଟେଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବହୁ ଛାତ୍ର ରହୁଛନ୍ତି। ସେଥିମଧ୍ୟରୁ ୨୦ଛାତ୍ର ଗତ ରାତିରେ ହଷ୍ଟେଲ ପାଚେରି ଡେଇଁ ପାଖ ଜଙ୍ଗଲକୁ ପଳାଇଥିଲେ। ଆଜି ସକାଳୁ ହଷ୍ଟେଲ କର୍ତ୍ତୃପକ୍ଷ ଏ ସଂପର୍କରେ ଜାଣିବା ପରେ ସେମାନଙ୍କ ଅଭିଭାବକମାନଙ୍କୁ ଖବର ଦେଇଥିଲେ। ମଧ୍ୟାହ୍ନରେ ହଷ୍ଟେଲ ସମ୍ମୁଖରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ନିଖୋଜ ଥିବା ଛାତ୍ରଙ୍କ ଅଭିଭାବକମାନେ ହଷ୍ଟେଲରେ ପହଞ୍ଚି କନ୍ଦାକଟା କରିଥିଲେ। ଅଭିଭାବକମାନଙ୍କ କହିବାନୁଯାୟୀ, ଗତରାତିଠାରୁ ସେମାନଙ୍କ ପିଲା ହଷ୍ଟେଲରେ ନାହାନ୍ତି ବୋଲି ସ୍କୁଲ ପକ୍ଷରୁ ସେମାନଙ୍କୁ ଫୋନ୍‌ରେ ଜଣାଯାଇଥିଲା। ଏ ସଂପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ପରେ ଅଭିଭାବକ ଓ ସ୍କୁଲର ରୋଷେୟା ନିକଟସ୍ଥ ଜଙ୍ଗଲ ଓ ଗ୍ରାମରେ ଖୋଜାଖୋଜି କରିଥିଲେ। ସ୍କୁଲଠାରୁ ୯ କିମି ଦୂର ପଣ୍ଡି ଜଙ୍ଗଲ ନିକଟରେ ନିଖୋଜ ପିଲାମାନଙ୍କୁ ଠାବ କରାଯାଇଥିଲା। ପରେ ସେମାନଙ୍କୁ ସ୍କୁଲକୁ ଅଣାଯାଇଥିଲା। କେଉଁ କାରଣରୁ ସେମାନେ ଏପରି ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ। ଅପରପକ୍ଷେ, ଖବର ପାଇ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ପିଲାଙ୍କୁ ଭେଟିବା ସହ କେଉଁ କାରଣରୁ ସେମାନେ ଏଭଳି ପଦକ୍ଷେପ ନେଇଥିଲେ, ସେ ସଂପର୍କରେ ଅନୁସନ୍ଧାନ କରୁଥିବା ଜଣାପଡ଼ିଛି।

## କୋଣାର୍କ ଉତ୍ସବ ଉଦ୍‌ଘାଟିତ

# ଦର୍ଶକଙ୍କ ମନ ମୋହିଲା ଓଡ଼ିଶୀ ଓ ଭାରତନାଟ୍ୟମ୍

କୋଣାର୍କ, ୧।୧୨(ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଆନୁକୂଲ୍ୟରେ ସୋମବାର କୋଣାର୍କସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପାଞ୍ଚଦିନିଆ ୩୬ତମ କୋଣାର୍କ ଉତ୍ସବ

**ଚନ୍ଦ୍ରଭାଗା ବେଳାଭୂମିରେ ୧୩୧ଜଣ ଶିଳ୍ପୀଙ୍କ ବାଲୁକା କଳା ପ୍ରଦର୍ଶିତ**

ଓ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି।

ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ବାଲୁକା କଳା ଉତ୍ସବରେ ସ୍ପେନ୍, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କାରୁ ୫ଜଣ ବାଲୁକା ଶିଳ୍ପୀଙ୍କ ସମେତ ଭାରତର ୧୩୧ଜଣ ବାଲୁକା




ଶିଳ୍ପୀ ୪୫ଟି ଷ୍ଟଲ୍‌ରେ ବାଲୁକା କଳା ପ୍ରଦର୍ଶନ କରିଛନ୍ତି। ଏଥିସହ ଦର୍ଶକଙ୍କ ମନମୁଗ୍ଧ କରିଥିଲା ଓଡ଼ିଶୀ ଓ ଭାରତନାଟ୍ୟମ୍। କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାର ପ୍ରଥମ ଉପସ୍ଥାପନରେ ଥିଲା ସୋନାଲି ମହାପାତ୍ରଙ୍କ ନୃତ୍ୟ ଅନୁଷ୍ଠାନ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ସେମାନଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ସନ୍ଥ ତୁଳସୀ ଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳୀସା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଅଭିରାମ ନନ୍ଦ ଏବଂ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲି ମହାପାତ୍ର। ସେମାନଙ୍କ ଦ୍ୱିତୀୟ ପ୍ରସ୍ତୁତିରେ ଥିଲା ସାରଙ୍ଗ ପଲ୍ଲବୀ। ଏହାର ନୃତ୍ୟ ସଂରଚନା କରିଛନ୍ତି ଗୁରୁ ସୋନାଲି ମହାପାତ୍ର ଏବଂ ସଙ୍ଗୀତ ଓ ତାଳ ସଂଯୋଜନା କରିଛନ୍ତି ନିର୍ମଳ କୁମାର ମହାପାତ୍ର। ଶେଷରେ ନୃତ୍ୟ ଉପାସନା ପୀଠର ଶିଳ୍ପୀମାନଙ୍କ ପ୍ରସ୍ତୁତିରେ ଥିଲା ଚାରି ଯୁଗ ଦେବୀ। ଏଥିରେ ଦେବୀ ଦୁର୍ଗାଙ୍କ ଦିବ୍ୟ ଶକ୍ତିକୁ ବର୍ଣ୍ଣନା କରଯାଇଥିଲା। ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମକୁ ମଞ୍ଚରେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ ଓ ନାଜିୟା ଆଲ୍ଲମ୍। ପରିଚାଳନରେ ସହଯୋଗ କରିଥିଲେ ଡ. ସଂଗୀତା ଗୋସାଇଁ। ଉତ୍ସବ ପରିଚାଳନା କରିଥିଲେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଅନୁଗୋଳ,୧।୧୨(ସମିସ): ନାଲକୋ ଥାନା ଅନ୍ତର୍ଗତ ନାଲକୋ କଲୋନୀରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ, କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସ୍ତ୍ରୀ ମଧୁସ୍ମିତା ପ୍ରଧାନ (୩୫)। କାର୍ତ୍ତିକେଶ୍ୱର ନାଲକୋ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ପରି ସୋମବାର ସକାଳେ ସେ ଡ୍ୟୁଟିକୁ ଯାଇଥିଲେ। ଅପରାହ୍ଣ ୧ଟା ୪୦ରେ ଝିଅକୁ ସ୍କୁଲରୁ ଧରି ଘରକୁ ଫେରିଥିଲେ। ସାମ୍ନା କବାଟ ବନ୍ଦ ଥିବାରୁ ପଛ ପଟରେ ଘର ଭିତରକୁ ପ୍ରବେଶ କରିବା ବେଳକୁ ମଧୁସ୍ମିତା ତଳେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ନାଲକୋ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଅନୁଗୋଳ ଏସ୍‌ଡିପିଓ, ନାଲକୋ ଥାନା ଅଧିକାରୀ ଓ ନାଲକୋ ଘରୋଇ ସୁରକ୍ଷା କର୍ମୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।




## ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର,୧।୧୨(ସମିସ): ସ୍ୱାମୀ ପୁଅ ସହ ଡାକ୍ତର ଖାନାରୁ ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ଖସି ପଡ଼ି ମହିଳାଙ୍କ ଅକାଳ ମୃତ୍ୟୁ ଘଟିଛି। ଜଳେଶ୍ୱର ଥାନା ରାଜପୁର ପଞ୍ଚାୟତ ବାଘାବାଲୀ ଗାଁର ଦିନବନ୍ଧୁ ଜେନାଙ୍କ ପୁଅ ପ୍ରଶାନ୍ତ, ଧର୍ମପତ୍ନୀ ଶାନ୍ତିଲତା(୩୬) ସହ ପୁଅକୁ ଧରି ରବିବାର ସକାଳେ ବାଇକ୍ ଯୋଗେ ଜିକେ ଭଟ୍ଟର ହସ୍ପିଟାଲକୁ ଯାଇଥିଲେ। ପୁଅକୁ କୁକୁର କାମୁଡା ଇଂଜେକସନ ଦେଇ ଘରକୁ ଫେରିବା ବେଳେ ନୂଆ ବଜାର ଦାସ କଲୋନୀ ନିକଟରେ ଶାନ୍ତିଲତା ବାଇକ୍‌ରୁ ଖସି ପଡ଼ି ଗୁରୁତର ହୋଇଥିଲେ। ଗୁରୁତର ଭାବେ ସନ୍ନକଟ ହସ୍ପିଟାଲରେ ଭର୍ତ୍ତି ପରେ ପରିସ୍ଥିତି ଜଟିଳ ଥିବାରୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଭୁବନେଶ୍ୱର ନେବା ରାସ୍ତାରେ ଅପରାହ୍ନରେ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆଣି ସୁବର୍ଣ୍ଣରେଖା ନଦୀକୂଳ ଶ୍ମଶାନରେ ପୁଅ ବ୍ରହ୍ମାନନ୍ଦ, ପୁତୁରା ଚନ୍ଦନ, କାହ୍ନା ମିଳିତ ଭାବେ ମୁଖାଗ୍ନି ଦେଇଥିଲେ। ସରପଞ୍ଚ ମମତା ପରିଡ଼ା, ଦିଲ୍ଲୀପ ପରିଡ଼ା, ବିଜୟ କୁମାର ଦାସ, କିଶୋରୀ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ପାଳ ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର,୧।୧୨(ସମିସ): ଭୋଗରାଇର ସାହାବାଜିପୁର ପଂଚାୟତ ଅଧୀନ ସେହି ଗାଁର ସୀତାରାମ ମଲ୍ଲିକଙ୍କ ସାନ ପୁଅ ବଳିଆ(୨୧)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତାଳସାରୀ ସାମୁଦ୍ରିକ ଥାନା ପକ୍ଷରୁ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯାଇଛି। ପାଠପଢାରେ ଡୋରି ଲାଗିବା ପରେ ବଳିଆ ଉଦୟପୁର ବେଳାଭୂମିରେ ଉଠା ଦୋକାନ କରି ବେଶ ଦୁଇ ପଇସା ରୋଜଗାର କରୁଥିଲେ। ଆଜି ସକାଳେ ବେଳାଭୂମିରେ ଦୋକାନକୁ ଯାଇଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଫେରି ଶୋଇବା କୋଠରୀରେ ଝୁଲୁଥିବା ଦେଖିଥିଲେ। ପରେ ଏ ନେଇ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ।

## ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ଚନ୍ଦନେଶ୍ୱର, ୧।୧୨ (ସମିସ) : ଭୋଗରାଇର ସାହାବାଜିପୁର ପଂଚାୟତ ଅଧୀନ ଭଟ୍ଟପୁର ଗାଁର ପୂର୍ବତନ ୱାର୍ଡସଭ୍ୟ ସୁବଳ ଚନ୍ଦ୍ର କର(୮୨)ଙ୍କ ପରଲୋକ ହୋଇ ଯାଇଛି। ତାଙ୍କ ବିୟୋଗରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଶୋକ ପ୍ରକାଶ କରିବା ସହିତ ଦଳର ଜଣେ ଟାଣୁଆ ନେତାଙ୍କୁ ହରାଇଲା ବୋଲି ପ୍ରକାଶ କରିଛନ୍ତି। ସ୍ୱର୍ଗତ କର ଅଭିଭକ୍ତ ହୁଗୁଳି ପଂଚାୟତର ଜଣେ ଦରଦୀ ନେତା ଭାବେ ଭଟ୍ଟପୁର ଗାଁରୁ ନିର୍ବାଚିତ ହୋଇ ଗାଁର ସର୍ବାଙ୍ଗୀନ ବିକାଶ କରିବାରେ ଅଗ୍ରଣୀ ଭୂମିକା ତୁଲାଇ ଥିଲେ। ବାର୍ଦ୍ଧକ୍ୟ କାରଣରୁ ସେ ବେଶ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ରବିବାର ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ମୃତ୍ୟୁ ଖବର ପାଇ ସାହାବାଜିପୁର ପଂଚାୟତର ସମିତି ସଦସ୍ୟ ତରଣୀ କାନ୍ତ ସେନାପତି, ୱାର୍ଡସଭ୍ୟ ସଞ୍ଜୟ ସେନାପତି, ଗାଁର ବିଶିଷ୍ଟ ବ୍ୟକ୍ତି ହରିଶ୍ଚନ୍ଦ୍ର ପରିଡାଙ୍କ ସମେତ ବହୁବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ଗାଁ ପରିକ୍ରମା କରି ତାଳସାରୀ ବେଳାଭୂମିକୁ ନିଆଯାଇଥିଲା। ଏକମାତ୍ର ପୁତ୍ର ଅଜିତ କର ମୁଖାଗ୍ନି ଦେଇଥିଲେ।

## ସିରିଜ ଦୁର୍ଘଟଣା; ଜଣେ ଗୁରୁତର, ୩ ଆହତ

ରାଜଘାଟ,୧।୧୨ (ସମିସ): ୧୬ନଂ ଜାତୀୟ ରାଜପଥର ସନ୍ତୋଷପୁର ପୁରୁଣା ଟୋଲଗେଟ ନିକଟରେ ଆଜି ଅପରାହ୍ନ ଚାରିଟା ସମୟରେ ସୋର ଆଡୁ ଆସୁଥିବା



ବାଇକ ଭେଲୋରା ଛକ ପାରହୋଇ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ପଲସର ବାଇକ ଆରୋହୀକୁ ଭାରସାମ୍ୟ ହରାଇ ପଛ ପଟୁ କାର ଧକ୍କା ଦେଇ ରାସ୍ତାର ଡିଭାଇଡର ଉପରକୁ ଚଢି ଯାଇ ଓଲଟି ପଡିଥିଲା। ବାଇକ ଚାଳକ ଆଗରେ ଥିବା ଅନ୍ୟ ଏକ କାରକୁ ଧକ୍କା ଦେଇଥିଲା ଏବଂ ସେହି କାର ସମ୍ମୁଖରେ ଯାଉଥିବା ଅନ୍ୟ କାର ମଧ୍ୟ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିଲା। ଖବରପାଇ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଂଚି ଗୁରୁତର ବାଇକ ଚାଳକଙ୍କୁ ପ୍ରଥମେ ବସ୍ତା ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ପଠାଇଥିଲେ। କାରରେ ଥିବା ଚାଳକଙ୍କ ସହିତ ଅନ୍ୟ ଦୁଇ ଜଣ ମହିଳା ଆହତ ହୋଇଥିବାର ଜଣାପଡିଛି। ଅମର୍ଦାରୋଡ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଂଚି ତଦନ୍ତ ଚଳାଇଛନ୍ତି। ଗୁରୁତର ବାଇକ ଆରୋହୀ ମନୋଜ ନନ୍ଦୀ (୩୩) ଘର ସୋର ଥାନା ଅଞ୍ଚଳର ଏବଂ ସେ ଜଳେଶ୍ୱର ଆଇଡିଏଫସି ବ୍ୟାଙ୍କର କର୍ମଚାରୀ ଅଟନ୍ତି।

## ପଥର ଖାଦାନରେ ବ୍ଲାଷ୍ଟିଂ ପ୍ରସ୍ତୁତି, ଜଣେ ଅଟକ

ସୋର, ୧।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖାଦାନରେ ଆଜି ମଧ୍ୟାହ୍ନରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଅଚାନକ ଚଢ଼ଉ କରି ବିସ୍ଫୋରକ ଜବତ କରିବା ସହିତ ଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ଏହି ଖାଦାନ ଅଞ୍ଚଳରେ ବେଆଇନ ବ୍ଲାଷ୍ଟିଂ ପାଇଁ ମାଫିଆମାନେ ପ୍ରସ୍ତୁତି ହେଉଥିବା ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ହଠାତ ଚଢ଼ଉ କରିଥିଲେ। ଏହି ଚଢ଼ଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ଜଣକୁ ଉଠାଇ ଆଣି ଥାନାରେ ଅଟକ ରଖିଛନ୍ତି। ତେବେ ପୁଲିସ ତା ନିକଟରୁ ବିସ୍ଫୋରକ ସମେତ ଏଥିରେ ବ୍ୟବହୃତ କେବୁଲ ତାରକୁ ଜବତ କରିଛି।

# ନଭେମ୍ବରର ଭତ୍ତା ପାଇନାହାନ୍ତି ଶତାଧିକ ହିତାଧିକାରୀ

ଖଇରା,୧।୧୨ (ସମିସ)



### ପ୍ରଶାସନକୁ ଦୁଃଖ ଜଣାଇଲେ ବୃଦ୍ଧବୃଦ୍ଧା

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଚଳିତ ମାସ ବହୁ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ଭତ୍ତା ଗତ ନଭେମ୍ବର ମାସରେ ସେମାନଙ୍କ ଆକାଉଣ୍ଟକୁ ଆସିନଥିବା ନେଇ ସଂପୃକ୍ତ ହିତାଧିକାରୀ ମାନେ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଶେଷ କରି ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ୪୦ଜଣ ଓ ଡୁଙ୍ଗୁରା ପଞ୍ଚାୟତରେ ୭୦ ଜଣ ଭତ୍ତାରୁ ବଞ୍ଚିତ ହୋଇଥିବା ବେଳେ ଅନ୍ୟ ୩୫ ପଞ୍ଚାୟତରେ ମଧ୍ୟ ବହୁ ସଂଖ୍ୟାର ହିତାଧିକାରୀଙ୍କୁ ଅର୍ଥ ମିଳିନାହିଁ। ସୋମବାର ଶ୍ୟାମସୁନ୍ଦରପୁର ପଞ୍ଚାୟତର ଭତ୍ତା ପାଇନଥିବା ବହୁ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ସରପଞ୍ଚ ବନିତା ପ୍ରଧାନଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ଘଟଣା ଜଣାପଡିଛି। ସେହିଭଳି ଡୁଙ୍ଗୁରା ପଞ୍ଚାୟତର ସରପଞ୍ଚ ପ୍ରକାଶ ଲେଙ୍କା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକଙ୍କୁ ପଚାରିବା ପରେ ଯେଉଁମାନଙ୍କର ଗ୍ରାମ୍ୟବ୍ୟାଙ୍କରେ ଆକାଉଣ୍ଟ ଅଛି ଆଇଏଫଏସସି କୋର୍ଡରେ ପରିବର୍ତ୍ତନ ଯୋଗୁଁ ଅର୍ଥ ଆସିବାରେ ସମସ୍ୟା ହୋଇଛି। ସେମାନେ ସେମାନଙ୍କର ଆଧାରକାର୍ଡ ନେଇ ବ୍ଲକକୁ ଆସିବା ପରେ ଏଗୁଡିକୁ ଯାଞ୍ଚକରି ଅର୍ଥ ଆସିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ମହିଳାଙ୍କ ମୃତ୍ୟୁ ଘଟଣା; ଶାଶୂ, ନଣନ୍ଦ ଓ ନଣନ୍ଦେଇ ଗିରଫ

ସୋର, ୧।୧୨ (ସମିସ): ସୋର ଥାନା ଆଟପୁର ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ସୋର ପୁଲିସ ମହିଳାଙ୍କ ଶାଶୂ, ନଣନ୍ଦ ଏବଂ ନଣନ୍ଦେଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ରାମର ସ୍ୱର୍ଗତ ସନ୍ତୋଷ ଜେନାଙ୍କ ସ୍ତ୍ରୀ ସବିତା ବିଶ୍ୱାଳ(୨୫)ଙ୍କୁ ତାଙ୍କ ଶାଶୂ, ନଣନ୍ଦ ଏବଂ ନଣନ୍ଦେଇ ଅଧିକ ଯୌତୁକ ଦାବି କରି ମାନସିକ, ଶାରୀରିକ ନିର୍ଯାତନା ଦେଉଥିଲେ। ଫଳରେ ଏଥିରେ ଅତିଷ୍ଠ ହୋଇ ସବିତା ଗତକାଲି ସକାଳେ ନିଜ ଶୋଇବା ଘରେ ଗଡାଣରେ ବେଙ୍କରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ସବିତାଙ୍କ ବାପା କୈଳାଶ ତାଙ୍କ ଝିଅକୁ ଅଧିକ ଯୌତୁକ ଦାବି କରି ନିର୍ଯ୍ୟାତନା ଦେବା ସହିତ ତାଙ୍କୁ ଶାଶୂଘର ଲୋକେ ମାରି ଦେଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଶାଶୂ ଭାରତୀ ଜେନା(୫୧), ନଣନ୍ଦ ଗୀତାରାଣୀ ଜେନା (୨୭)କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ପୁଲିସ ଉଭୟଙ୍କ ସମେତ ଅନ୍ୟତମ ଅଭିଯୁକ୍ତ ନଣନ୍ଦେଇ ଜନ୍ମେଜୟନାୟକ(୩୦)କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଭୋଗରାଇ,୧।୧୨(ସମିସ): ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତ ବାଇଁଶଖଣା ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ସ୍ତ୍ରୀ କାଞ୍ଚନ ବେହେରା (୨୮) ବେଙ୍କରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ମୀଧର ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। କାଞ୍ଚନ ଏକା ଘରେ ୨ଟି ଛୋଟ ଛୋଟ ପିଲାଙ୍କୁ ନେଇ ରହୁଥିଲେ। ଆଜି ସକାଳେ ପଡ଼ୋଶୀ ତାଙ୍କ ଘରକୁ ଯାଇ ଡାକିବାକୁ ସେ ନ ଶୁଣିବାରୁ ସେମାନେ ଝରକା ଦେଇ କାଞ୍ଚନ ଫ୍ୟାନରେ ଲୁଗା ଲଗାଇ ଝୁଲୁଥିବା ଦେଖି ସଙ୍ଗେ ସଙ୍ଗେ ଭୋଗରାଇ ଥାନାକୁ ଖବର ଦେଇଥିଲେ। ଭୋଗରାଇ ପୁଲିସ କାଞ୍ଚନର ଶବକୁ ଜବତ କରିବା ସହିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ। ପୁଲିସ ମୃତ କାଞ୍ଚନର ଶବ ବ୍ୟବଚ୍ଛେଦ କରାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଛନ୍ତି।

## ପୋଖରୀ ଭିତରୁ ବାଇକ ଉଦ୍ଧାର

ସୋର, ୧।୧୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ ବାଲେଶ୍ୱର ଶିବ ମନ୍ଦିର ପଛ ପାଖରେ ଥିବା ପୋଖରୀରୁ ଏକ ବାଇକକୁ ସୋର ପୁଲିସ ଉଦ୍ଧାର କରିଛି। ଆଜି ସକାଳେ ସୋର ପୌରପାଳିକା ଅନ୍ତର୍ଗତ ବାଲେଶ୍ୱର ଗ୍ରାମର ଶିବ ମନ୍ଦିର ପଛରେ ଥିବା ପୋଖରୀରେ ଏକ ବାଇକ ପଡିଥିବାର ଲୋକମାନେ ଦେଖିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଦମକଳ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀମାନେ ବାଇକଟିକୁ ପାଣିରୁ ଉଦ୍ଧାର କରି ସୋର ପୁଲିସ ଜିମା ଦେଇଥିଲେ। ବାଇକଟିର ଇଞ୍ଜିନ ଓ ଚେଚିସ ନମ୍ବର ଲିଭା ଯାଇଥିବାରୁ ତାହା ଚୋରା ବାଇକ ବୋଲି ସନ୍ଦେହ କରାଯାଉଛି। ପୁଲିସ ବାଇକ ଟିକୁ ଜବତ କରି ସୋର ଥାନାରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଫାଇନାନ୍ସ କମ୍ପାନୀ କିସ୍ତି ଟଙ୍କା ହଡ଼ପ ମାମଲା / କଷ୍ଟମର ରିଲେସନ୍ ଅଫିସର ଗିରଫ

ରୂପସା, ୧।୧୨ (ସମିସ): ଆଇଆଇଏଫ୍‌ଏଲ୍ ସମସ୍ତା ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଟଙ୍କା ହଡ଼ପ ଘଟଣାରେ ଆଜି କଷ୍ଟମର ରିଲେସନ୍ ଅଫିସର ଗିରଫ ହୋଇଛନ୍ତି। ଗିରଫ ଅଫିସର ହେଲେ ବାଲିଆପାଳ ଥାନା ନାବଦା ଗ୍ରାମର ହରିନାରାୟଣ ସାହୁ (୨୬)। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ବାଲେଶ୍ୱର



ଜିଲ୍ଲା ରୂପସା ପାଟପୁର ବଜାର ନିକଟସ୍ଥ ଏକ ଭଡ଼ା ଘରେ ଉକ୍ତ ଫାଇନାନ୍ସ କମ୍ପାନୀର ଏକ ବ୍ରାଞ୍ଚ ଅଫିସ ଚାଲୁଥିଲା। ଏହି କମ୍ପାନୀ ତରଫରୁ ମହିଳାମାନଙ୍କୁ ଋଣ ଦିଆଯାଇ ମାସିକ ଆକାରରେ କିସ୍ତି ସଂଗ୍ରହ ହେଉଥିଲା। ଅଭିଯୁକ୍ତ ଅଫିସର ଜଣକ ମହିଳାମାନଙ୍କ ଠାରୁ ସେମାନଙ୍କର କିସ୍ତି ନିୟମିତ ଆଦାୟ କରୁଥିଲେ ହେଁ ବ୍ରାଞ୍ଚ ଅଫିସରେ ଉକ୍ତ ଟଙ୍କା ଜମା କରୁ ନ ଥିଲେ। ଅଫିସର ଜଣକ ମୋଟ୍ ୩ ଲକ୍ଷ ୭୩ ହଜାର ଟଙ୍କା ହଡ଼ପ କରିଥିବା ନେଇ ବ୍ରାଞ୍ଚ ମ୍ୟାନେଜର ଦେବେନ୍ଦ୍ର ପଣ୍ଡା ୨୦୨୪ ମସିହାରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୨୦୨୪ ଅଗଷ୍ଟ ୧୭ରେ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପରେ ଅଭିଯୁକ୍ତ ଜଣକ ଫେରାର ଥିଲେ। ଘଟଣାର ଏକ ବର୍ଷ ୪ ମାସ ପରେ ରୂପସା ଥାନା ପୁଲିସ ସଦଳବଳେ ଚଢ଼ଉ କରି ଅଭିଯୁକ୍ତ ଜଣଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

## ବେଆଇନ ବାଲି ଖାଦାନରେ ଚଢ଼ଉ; ଖଣି ଅଧିକାରୀ ଅଟକ

ଭୋଗରାଇ/ଚନ୍ଦନେଶ୍ୱର, ୧।୧୨(ସମିସ): ଭୋଗରାଇର ସୁବର୍ଣ୍ଣରେଖା ଅଞ୍ଚଳରେ ମାତିଛନ୍ତି ବାଲିମାଫିଆ। ନଦୀରୁ ବେଆଇନ ଭାବରେ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଓ ଡମ୍ପର ସାହାଯ୍ୟରେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଲା ପରେ ଜୁନିୟର ଖଣି ଅଧିକାରୀଙ୍କ ବାଲି ମାଫିଆଙ୍କ ଉପରେ ବଡ଼ ଧରଣର ଛାଟ ଲଗାଇଛନ୍ତି। ଭୋଗରାଇର ଆରୁହାବୃତ୍ତି, ଦହମୁଣ୍ଡା ନିକଟରେ ବେଆଇନ୍ ଭାବରେ ଡ଼ଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିଥିବା ସମସ୍ତ ବାଲିକୁ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଲେ। ଭୋଗରାଇର ଲକ୍ ନିକଟରେ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରି ଆସୁଥିଲେ। ଖବର ପାଇ ଜୁନିୟର ଖଣି ଅଧିକାରୀ ତାପସ କୁମାର ବେହେରା ଆସି ପହଞ୍ଚି ଥିଲେ। ସେଠାରେ ଗଚ୍ଛିତ ଥିବା ସମସ୍ତ ବାଲିକୁ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଇଛନ୍ତି। ଜୁନିୟର ଖଣି ଅଧିକାରୀଙ୍କ ଏଭଳି କାର୍ଯ୍ୟ ଦେଖି ବାଲି ମାଫିଆଙ୍କ ଛନକା ପଶିଥିଲା। ଖରାଦିପିପଳ ସରପଞ୍ଚଙ୍କ ସ୍ୱାମୀ ଗ୍ରାମବାସୀଙ୍କ ସହାୟତାରେ ଖଣି ଅଧିକାରୀ ଓ ଏନ୍ଫୋର୍ସ ମେଣ୍ଟ ଟିମକୁ ଏକ ଘଣ୍ଟା ଧରି ଅଟକ ରଖିଛନ୍ତି ବୋଲି ଖଣି ଅଧିକାରୀ ଅଭିଯୋଗ କରିଥିବା ବେଳେ ସରପଞ୍ଚ ସ୍ୱାମୀ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

ବାଲେଶ୍ୱର,୧।୧୨(ସମିସ): ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୨ ଜଣ ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଗୁଡିକ ମଧ୍ୟରୁ ୧୪୫ଟି ବ୍ୟକ୍ତିଗତ, ୪ଟି ସାମୁହିକ, ୧୨ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଏବଂ ୧ଟି ରେଡକ୍ରସ ସହାୟତା ପାଇଁ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୨୧ଟି ଦରଖାସ୍ତର ଆଶୁ ସମାଧାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ପଥର ଖାଦାନକୁ ଉପଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

ସୋର, ୧।୧୨(ସମିସ): ସୋର ଥାନା ବାଗୁଡ଼ି ଖଞ୍ଜାମାହାଲ ପଥର ଖାଦାନ ସମେତ ବିଭିନ୍ନ କ୍ରସରକୁ ଆଜି ସନ୍ଧ୍ୟାରେ ବାଲେଶ୍ୱର ଉପଜିଲ୍ଲାପାଳ ଅଚାନକ ପରିଦର୍ଶନ କରିଥିଲେ। ଉପଜିଲ୍ଲାପାଳ ଶିଭ ମାଲବ୍ୟ, ସୋର ତହସିଲଦାର ଦୈତାରୀ ମଲ୍ଲିକଙ୍କ ସହିତ ଅଚାନକ ସେଠାରେ ପହଞ୍ଚି ଖାଦାନର ବିଭିନ୍ନ ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନ ସହ ପୂର୍ବରୁ ସିଲ କରାଯାଇଥିବା କ୍ରସରର ସ୍ଥିତି ପରିଦର୍ଶନ କରିଥିଲେ। ଏହି ପଥର ଖାଦାନରୁ ବେଆଇନ ପଥର ଚାଲାଣ ରୋକିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଏ ଭଳି ପଦକ୍ଷେପ ନିଆଯାଉଥିବା ତହସିଲଦାର ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ଗୋଡ଼ ଉପରେ ଚଢ଼ିଗଲା ଟ୍ରାକ୍ଟର, ଯୁବକ ଆହତ

ନୀଳଗିରି, ୧।୧୨ (ସମିସ): ଗୋଡ଼ ଉପରେ ଚଢ଼ି ଗଲା ଟ୍ରାକ୍ଟର, ଯୁବକ ଆହତ। ସୋମବାର ସକାଳ ପ୍ରାୟ ୮ଟା ସମୟରେ ନୀଳଗିରି ଏନ୍‌ଏସିର ୧୦ନମ୍ବର ୱାର୍ଡର ବିଷ୍ଣୁ ମହଲଙ୍କ ପୁଅ ସରୋଜ ନିଜ ଟ୍ରାକ୍ଟରରେ ତେଲ ପକାଇବାକୁ ଏସ ଆର୍ ପେଟ୍ରୋଲ ପମ୍ପକୁ ଯାଇଥବା ବେଳେ ଟ୍ରାକ୍ଟର ଷ୍ଟାର୍ଟରେ ଥିବାବେଳେ ହଠାତ୍ ଟ୍ରାକ୍ଟରଟି ଗଡ଼ିବାକୁ ଲାଗିଥିଲା। ଚକ ନିକଟରେ ଥିବା ସରୋଜ ଗୋଡ଼ ସାଇଡ୍‌ରେ ମାଡ଼ି ଯିବାରୁ ଅଳ୍ପକେ ଜୀବନରୁ ବର୍ତ୍ତି ଯାଇଛନ୍ତି। ଗୋଡ଼ରେ ଆଘାତ ଲାଗିଥିବା ବେଳେ ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ମେଡିକାଲକୁ ଆଣିଥିଲେ।

## ସୁବର୍ଣ୍ଣରେଖାରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ଜଳେଶ୍ୱର ବ୍ଲକ, ୧।୧୨ ( ସମିସ): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଗୁଆଗଡ଼ିଆ ନିକଟସ୍ଥ ସୁବର୍ଣ୍ଣରେଖା ନଦୀରେ ଗତ ନଭେମ୍ବର ୧୬ରେ ପାର ହେଉଥିବା ବେଳେ ଖୁଦିଆମାଝୀ ସାହି ପଞ୍ଚାୟତର ସୁରେଶ ମାରାଣ୍ଡି (୪୧) ଚୋରା ବାଲିରେ ଫସି ନିଖୋଜ ହୋଇ ଯାଇଥିଲେ। ଘଟଣାର ୧୬ ଦିନ ପରେ ସେ ବୁଡି ଯାଇଥିବା ସ୍ଥାନରୁ ୧୦୦ ମିଟର ତଳକୁ ପହରାଜପୁର ଗ୍ରାମ ନଦୀ କୂଳରେ ମୃତ ଶରୀର ଭାସୁଥିବାର ଲୋକେ ଦେଖିବାକୁ ପାଇଥିଲେ। ରାଇବଣିଆ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ସରପଞ୍ଚ ଚଞ୍ଚଳା ସେଠୀ, କ୍ଷୀତିଶ ଦେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ କିପରି ସରକାରୀ ସହାୟତା ଖୁବ୍‌ଶୀଘ୍ର ମିଳି ପାରିବ ସେ ନେଇ ସ୍ଥାନୀୟ ପ୍ରଶାସନକୁ ଦାବି କରିଛନ୍ତି।





# ବିଶ୍ୱ ଏଡ୍‌ସ ଦିବସ ପାଳିତ

ବାଲେଶ୍ୱର,୧।୧୨(ସମିସ)

ବଳାଙ୍ଗୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ସଂସ୍ଥା ଏବଂ ଜାତୀୟ ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ଅଞ୍ଜୁବାଳା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଉମାକାନ୍ତ ଜେନା, ପରମାନନ୍ଦ ଭଦ୍ର, ରେଡକ୍ରସ ସଂସ୍ଥାର ସଂଯୋଜକ ପ୍ରଶାନ୍ତ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଖେଳ ଶିକ୍ଷକ ଦୁର୍ଯୋଧନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏକ ରାଲି ବଡଖୁଆ ଗ୍ରାମ ପରିକ୍ରମା କରିଥିଲା।


**ନୀଳଗିରି:** ବିଶ୍ୱ ଏଡ୍ସ ଦିବସ ପରାପ୍ରେକ୍ଷୀରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶମୂଳେ ଶତାଧିକ ଏକ ସଚେତନତା ପଦଯାତ୍ରା ମହାବିଦ୍ୟାଳୟରୁ ବାହାରି ସମଗ୍ର ନୀଳଗିରି ସହର ପରିକ୍ରମା କରିଥିଲା। ପରେପରେ ମହାବିଦ୍ୟାଳୟ ପରିସରରେ ସାଧାରଣ ଜ୍ଞାନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଶେଷରେ ଅଧକ୍ଷାଙ୍କ ପୌରୋହିତ୍ୟରେ ସଚେତନତା ଶିବିରରେ ଏନ୍ ଏସ ଏସ ର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମୌସୁମୀ ଭୋଳ ପରିଚାଳନା କରିଥିବାବେଳେ ବରିଷ୍ଠ ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପକ ଡ. ହରିପଦ ଦାଶ, ଅଧ୍ୟାପିକା ମଣିମାଳା ବିଶ୍ୱାଳ, ମମତା ପ୍ରିୟଦର୍ଶିନୀ ସାହୁ ଓ ୟୁଥ୍ ରେଡ କ୍ରସର କାଉନସେଲର ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ଭାବରେ ମତ ଉପସ୍ଥାପନ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ କୁମାରୀ ପୁଷ୍ପଲତା ବେହେରା ଓ ମଧୁସ୍ମିତା ବଳ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ଭୋଗରାଇ:** ଭୋଗରାଇର ଆଜାଦ କ୍ଲବ, ଚନ୍ଦନେଶ୍ୱର ପରିସରରେ ବିଶ୍ୱ ଏଡସ ଦିବସ ଅବସରରେ ପର୍ନଉତ୍ଥାନ ସ୍ୱେଚ୍ଛାସେବୀ ସଂଗଠନ ବାଲେଶ୍ୱର ତରଫରୁ ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସଙ୍ଗଠନ ତରଫରୁ ନଗର ପରିକ୍ରମା କରାଯାଇ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଥିଲା। ବାୟୁସେନାରୁ ଅବସର ପରେ ସମାଜସେବାରେ ଲିପ୍ତ ଆଶିଷ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ହୁଗୁଳି ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସ୍, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଏଡସ ସଚେତନତାର ପ୍ରୋଗ୍ରାମ ଅଫିସର ରଜନୀ କାନ୍ତ ବେହେରା ଯୋଗଦେଇ ଏଡସର ଲକ୍ଷଣ, ପ୍ରତିକ୍ରିୟା, ନିରାକରଣ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନର କୋଷାଧକ୍ଷ ବାଣୀବ୍ରତ ପାତ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବାବେଳେ କୁନିଝିଅ ଅଭିପ୍ସା ପାତ୍ର ଆବାହନୀ ନୃତ୍ୟ ଓ ବିଶ୍ଳେଷକ ଅମିତା ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଚନ୍ଦନେଶ୍ୱର:** ବାଲେଶ୍ୱର ପୁନଃରୁଥାନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏଡ୍ସ ସଚେତନତାରେ ସମସ୍ତେ ଚନ୍ଦନେଶ୍ୱର ପେଟ୍ରୋଲ ପମ୍ପ ନିକଟରୁ ବାହାରି ବଜାର ପରିକ୍ରମା କରି ଆମ୍ବଦ ୟୁଥ ଏସୋସିଏସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ପରେ ଏକ ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏ ନେଇ ଆୟୋଜିତ ସଭାକୁ ସଂଗଠନର ପ୍ରୋଗ୍ରାମ ମେନେଜର ରଜନୀକାନ୍ତ ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଗୋଛିଦାତେଘରି ପଞ୍ଚାୟତର ସମିତି ସଦସ୍ୟ ରାଧାଶ୍ୟାମ ଦେ ଯୋଗଦେଇ କୁସଂସ୍କାର, ଗୁଣି ଗାରେଡି ଏବଂ ଅନ୍ଧ ବିଶ୍ୱାସକୁ ଗ୍ରହଣ ନ କରି ସଚେତନତାକୁ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର କୋଷାଧକ୍ଷ ବାଣିବ୍ରତ ପାତ୍ର, କାଉନସିଲର ଅମିତା ରାଣୀ ମହାନ୍ତି, ସମାଜସେବୀ ଅନାଦି ନନ୍ଦନ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

**କାଳିପଦା :** ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଯୁବ ରେଡକ୍ରସ ୟୁନିଟ, ଜାତୀୟ ସେବା ଯୋଜନା ପୁରୁଷ ଓ ମହିଳା ବିଭାଗ ୟୁନିଟ ପକ୍ଷରୁ ସୋମବାର କଲେଜ ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ଼ସ ଦିବସ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରାଧ୍ୟାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ଡ଼ଃ ଶିବ ନାରାୟଣ ମହାପାତ୍ର, ନିର୍ମଳ କୁମାର ସାମଲ, ପରମାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ଏଡ଼ସର ଭାୟାବହତା ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରାକ ସୂଚନା ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ବାଙ୍କିମ ଚନ୍ଦ୍ର ମୈକାପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦ୍ୱାଦଶାହ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୬ ସ୍ୱର୍ଗତ ହିନା ପଟ୍ଟନାୟକ
ଗ୍ରାମ- ଗନ୍ଧିପାଲି
ଆବିର୍ଭାବ : ୧୦.୦୫.୧୯୪୦, ତିରୋଧାନ : ୨୧.୧୧.୨୦୨୫
ଦ୍ୱାଦଶାହ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

## ଆକ୍ରମଣ ଓ ଲୁଟ୍ ମାମଲାରେ ଅଭିଯୁକ୍ତ ଗିରଫ



ବଡ଼ବିଲ, ୧।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନାଞ୍ଚଳ ଦେଇ ଯାଇଥିବା ୫୨୦ ନଂ ଜାତୀୟ ରାଜପଥରେ ଜଣେ ଚାଳକଙ୍କୁ ଆକ୍ରମଣ କରି ଟଙ୍କା, ପର୍ସ ଓ ମୋବାଇଲ୍ ଲୁଟ୍ ନେଇ ଏକ ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଭଦ୍ରାସାହିରୁ ରୋଇଡା ଛକ ମଧ୍ୟରେ ଦୁର୍ବୃତ୍ତମାନେ ହାଇୱା ଗାଡ଼ିକୁ ଅଟକାଇ ଚାଳକ ମଧ୍ୟପ୍ରଦେଶ ରାଜ୍ୟର ସତ୍ୟନାରାୟଣ ବିଶ୍ୱକର୍ମା (୨୬)ଙ୍କୁ ଭୁଜାଲି ଦ୍ୱାରା ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଚାଳକ ଜଣକ ଏନେଇ ଝାଡଗାଁସ୍ଥିତ ମାଲିକ ଘର ନିକଟକୁ ଯାଇ ନିଜ କିଛି ସହଯୋଗୀଙ୍କ ସହ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସିତ ହୋଇଥିବା ବେଳେ ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଜେଲ୍

କେନ୍ଦୁଝର,୧।୧୨(ସମିସ): କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶିରିଷପାଳ ଗ୍ରାମର ଅଭିଯୁକ୍ତ ଟୁନା ହାସଁଦା ଓରଫ କ୍ୟୁଟୁ(୩୫)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୪ ନଭେମ୍ବର ୧୪ରେ ୪ ବର୍ଷିୟା ଶିଶୁକନ୍ୟାକୁ ଟୁନା ହାଁସଦା ବିସ୍କୁଟ ଦେଇ ଜଣଙ୍କର ଘରକୁ ଡାକି ନେଇ ସେଠାରେ ଦୁଷ୍କର୍ମ କରିଥିଲା। ପରେ ଯନ୍ତ୍ରଣାରେ ଛଟପଟ ଶିଶୁକନ୍ୟା ମା'ଙ୍କୁ ସବୁ କଥା କହିଥିଲା। ଏନେଇ ପୀଡ଼ିତାଙ୍କ ବାପା ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୨୨୬/୨୪ରେ ଦଫା ୬୫ (୨)ବିଏନ୍ ଏସ୍ ୬ ପୋକ୍ସୋ ଧାରାରେ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ସୋମବାର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ୧୯ ଜଣ ସାକ୍ଷୀଙ୍କ ବୟାନ ସହ ପୁଲିସର ତଦନ୍ତକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥଜେନା ମାମଲା ପରିଚାଳନା କରୁଥିଲେ।

### ଠିକା କାମକୁ ନେଇ ଫୁଟିଲା ଗୁଳି

# ୨ ବନ୍ଧୁକ ଜବତ, ୬ ଗିରଫ

ବଡ଼ବିଲ, ୧।୧୨ (ସମିସ):

କେନ୍ଦୁଝର ଜିଲ୍ଲା ବଲାଣି ଥାନାଞ୍ଚଳରେ ଏକ ଠିକା କାମକୁ କେନ୍ଦ୍ରକରି ଗୁଳି ଫୁଟିଛି। ଉକ୍ତ ଗୁଳିକାଣ୍ଡରେ କେହି ମୃତାହତ ହୋଇ ନଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୁଲିସ ଗୋଟିଏ ୩୧୫ ଏମଏମ ରାଇଫଲ ଓ ଗୋଟିଏ ପିସ୍ତଲ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଳାସପୁର ଅଞ୍ଚଳର ଜଣେ ଠିକାଦାର ବଲାଣି 'ସେଲ୍' ଖଣିରେ ଏକ କାମ ନେଇଥିଲେ। ଉକ୍ତ କାମକୁ ସେ ରାଉରକେଲାର ଜଣେ ସହଯୋଗୀ ଠିକାଦାରଙ୍କୁ ଦେଇଥିଲେ। କାମ ସରିବାରେ ବିଳମ୍ବ ହେବାରୁ 'ସେଲ୍' କର୍ତ୍ତୃପକ୍ଷ ସଂପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହ ତୁରନ୍ତ କାମ ଶେଷ କରିବାକୁ ଚାପ ପକାଇଥିଲେ। ତେବେ ଗତକାଲି ରାତି ୮ଟାବେଳେ ବିଳାସପୁରର ସମ୍ପୃକ୍ତ ଠିକାଦାର ଓ ତାଙ୍କର ଦୁଇ ସୁରକ୍ଷା କର୍ମୀ (ପିଏଓ) ବଲାଣି ଆସି ରାଉରକେଲାର ସମ୍ପୃକ୍ତ ଠିକାଦାରଙ୍କୁ ଆଲୋଚନା ପାଇଁ ଡାକିଥିଲେ। ରାଉରକେଲାର ଠିକାଦାର ଜଣକ ନିଜର କିଛି ସମର୍ଥକଙ୍କୁ ନେଇ ପହଞ୍ଚିଥିଲେ। ଆଲୋଚନା ସମୟରେ ଉତ୍ତେଜନା ପ୍ରକାଶ ପାଇବାରୁ ବିଳାସପୁର ଠିକାଦାରଙ୍କ ଜଣେ ପିଏଓ ନିଜ ବନ୍ଧୁକରୁ ଗୋଟିଏ ଫାଙ୍କା ଗୁଳି ଚାଳନା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଠିକସଂସ୍ଥାର ୬ ଜଣଙ୍କୁ ହେପାଜତକୁ ନେଇ ତଦନ୍ତ କରୁଥିବା ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି।

## ଜରଦାରେ ଭାସ୍କର ଜେନାଙ୍କ ସ୍ମୃତିସଭା



ଆନନ୍ଦପୁର, ୧।୧୨ (ସମିସ): ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଗ୍ରାମର ସଙ୍କୀର୍ତ୍ତନମଣ୍ଡଳୀ ବରିଷ୍ଠ ସଦସ୍ୟ ତଥା ଗ୍ରାମର ମୁରବୀ ଭାସ୍କର ଜେନାଙ୍କ ଏକାଦଶାହରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଚ୍ୟୁତାନନ୍ଦ ଜେନାଙ୍କ ସଂଯୋଜନାରେ ଆୟୋଜିତ ଶୋକସଭାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସରପଞ୍ଚ ପ୍ରଦୀପ ସାହୁ, ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ସମିତିସଭ୍ୟ ମନ୍ମଥ ସାହୁ, ପୁଅ ଅଚ୍ୟୁତ, ଅମୂଲ୍ୟ, ଅରୁଣ, ଅତନୁ, ଅଞ୍ଜନ, ପୁତୁରା, ଝିଆରୀ ସଂଯୁକ୍ତା, ସାବିତ୍ରୀ, ବିଷ୍ଣୁ, ମେନକା, ଅଶୋକ, ରଘୁ, ମନୋଜ, କୂଳ ଗୀତା, ଉର୍ବଶୀ, ନାତିନାତୁଣୀ ଦେବସ୍ମିତା ଦୀନେଶ, ରାକେଶ, ବିବେକାନନ୍ଦ, ଦିବ୍ୟଜ୍ୟୋତି, ମୁସ୍କାନ ଅଂଶୁମାନ, ଶ୍ରୀୟା, ଆଦ୍ୟାଶା, ଲକି, ଆୟୁଷ୍ମାନ, ଆଦିତ୍ୟ, ଅମ୍ଲାନ ପ୍ରିୟା, ଅର୍ପିତ ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି



କେନ୍ଦୁଝର, ୧।୧୨(ସମିସ): କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୬୯ଟି ଅଭିଯୋଗ ମଧ୍ୟରୁ ୨୭ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୪୨ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିନୋଦ ବିହାରୀ ମିଶ୍ର, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଆସନ୍ତା ୮ ତାରିଖ ସୋମବାର ଆନନ୍ଦପୁର ପଞ୍ଚାୟତ ସମିତି, ୧୫ ତାରିଖ ସୋମବାର ଝୁମ୍ପୁରା ପଞ୍ଚାୟତସମିତି କାର୍ଯ୍ୟାଳୟ, ୨୨ ତାରିଖ ସୋମବାର ବାଂଶପାଳ ପଞ୍ଚାୟତସମିତି କାର୍ଯ୍ୟାଳୟ ଏବଂ ୨୯ ତାରିଖ ସୋମବାର ଘଟଗାଁ ପଞ୍ଚାୟତସମିତି କାର୍ଯ୍ୟାଳୟରେ ଚଳିତ ମାସର ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ଚମ୍ପୁଆ ଶିଶୁ ମନ୍ଦିରରେ ବାଲ୍ ଓ କନ୍ୟା ଶିବିର



ଚମ୍ପୁଆ,୧।୧୨(ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରୀଙ୍କୁ ନେଇ ବାଲ୍ ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲା ବେଳେ ବିଦ୍ୟାଳୟ ସଂଯୋଜକ ଧରଣୀଧର ଦାସ ଶିକ୍ଷାରେ ଉତ୍କର୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ବାଲ୍ ଓ କନ୍ୟା ଶିବିରର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ସରୋଜ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଏନଏମ ମାନସୀ ଦାସ ବାଳିକାଙ୍କ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ଅବଗତ କରିଥିଲେ। ଆଇନଜୀବୀ ସଞ୍ଜୟ କୁମାର ଗିରି ଛାତ୍ରଛାତ୍ରୀଙ୍କୁ ଆଇନ ସଚେତନତା ବିଷୟରେ ଅବଗତ କରିଥିଲେ। ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ।

## ପନ୍ଥ ହାଉସ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ



ଆନନ୍ଦପୁର, ୧।୧୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌର ପରିଷଦର ୧୬ ନମ୍ବର ୱାର୍ଡର ଭୂତଳ ପନ୍ଥ ହାଉସର ଅସ୍ଥାୟୀ କର୍ମଚାରୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି କାଉନସିଲର ଲିନାରାଣୀ ସାହୁ। ଶୈଳଙ୍କ ଗ୍ରାମର ରଞ୍ଜନ କୁମାର ରାଉତରାୟ ଦୀର୍ଘ ଦିନ ଧରି ପନ୍ଥ ହାଉସକୁ ନିଜ ଆଜ୍ଞା ଘର କରି ରହିବା ସହ ସେଠାରେ ମୋଟର ବେବହାର କରୁଥିବା ମଧ୍ୟ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି କାଉନସିଲର। ଏନେଇ ସମ୍ପୃକ୍ତ କର୍ମଚାରୀଙ୍କୁ କାଉନସିଲରଙ୍କ ସ୍ୱାମୀ ପଚାରିବାରୁ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ତେବେ ଭୂତଳ ଜଳ ସମ୍ପଦ ବିଭାଗ ପକ୍ଷରୁ ପନ୍ଥ ହାଉସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଉପଜିଲ୍ଲାପାଳଙ୍କ ନିକଟରେ କାଉସିଲର ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ରହିଛି।

## ମୌଳିକ ସମସ୍ୟା ସମାଧାନ ନେଇ ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନ



ତେଲକୋଇ, ୧।୧୨(ସମିସ): ତେଲକୋଇ ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଧାନସଭାର ଶୂନ୍ୟକାଳରେ ପ୍ରଶ୍ନ ଉଠାଇଛନ୍ତି ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ। ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟଗୁଡ଼ିକର ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ସେହିପରି ନିର୍ବାଚନମଣ୍ଡଳୀରେ ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ୍ ହେଉଥିବା ସହ ୩୧ ଜଣ ଶିକ୍ଷକଶିକ୍ଷୟିତ୍ରୀ ଡେପୁଟେସନରେ ଅନ୍ୟ ଜିଲ୍ଲାକୁ ଯାଇଛନ୍ତି। ତାଙ୍କୁ ପୁରା ବଦଳି କରାଯାଉ କିମ୍ବା ବଦଳି ବନ୍ଦ ପାଇ ବିଧାୟକ ପ୍ରଶ୍ନ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇ ରହିଛି। ଯାହାଫଳରେ ସ୍ୱତନ୍ତ୍ର ବିଧାନସଭା ସ୍ୱାସ୍ଥ୍ୟ ବିଭାଗୀୟ ସ୍ଥାୟୀ କମିଟି ମଧ୍ୟ ପରିଦର୍ଶନ କରି କ୍ଷୋଭ ପ୍ରକାଶ କରିଥିଲେ। ନୂତନ କୋଠା ନିର୍ମାଣ ପାଇଁ ତୁରନ୍ତ ଆବଶ୍ୟକତା ରହିଥିବା କହିଥିଲେ। ସେହିପରି ବିଦ୍ୟୁତ ସମସ୍ୟା ଯୋଗୁଁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ନେଟୱର୍କ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏନେଇ ବିଭିନ୍ନ ବିଭାଗୀୟ ମନ୍ତ୍ରୀଗଣଙ୍କୁ ବିଧାନସଭାରେ ବାଚସ୍ପତିଙ୍କ ସମ୍ମୁଖରେ ପ୍ରଶ୍ନ କରି ତେଲକୋଇ ନିର୍ବାଚନମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ସମାଧାନ ଦିଗରେ ଦାବି ଜଣାଇଛନ୍ତି।

## ଟୁଙ୍କୁଣା ମହାବିଦ୍ୟାଳୟରେ ଗୀତା ଆବୃତ୍ତି ପ୍ରତିଯୋଗିତା




ଆନନ୍ଦପୁର, ୧।୧୨ (ସମିସ): ଟୁଙ୍କୁଣା ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବଦ୍ୟାଳୟରେ ପ୍ରଜ୍ଞାନ ମିଶନ ତରଫରୁ ଏକ ବ୍ଲକସ୍ତରୀୟ ପଞ୍ଚମ ଅଧାୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜକ ଅଧାପକ ଡକ୍ଟର ଗୋପୀନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରକ ରୂପେ ଆନନ୍ଦପୁର ଆଦର୍ଶ ବିଦ୍ୟାଳୟର ଆଚାର୍ଯ୍ୟ ଡକ୍ଟର ବିପ୍ରବର ଦଳାଇ, ରାଜୀବ ଲୋଚନ ବେହେରା, କଂଶ କେନ୍ଦୁଆସ୍ଥିତ ମଧୁବନ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ନାମିତରାଣୀ ରଥ ଓ ପଞ୍ଚୁପଲ୍ଲୀ ଉନ୍ନୀତ ମଧ୍ୟଙ୍ଗରଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭସ୍ମିତ ମିଶ୍ର ଯୋଗ ଦେଇଥିଲେ। ଏଥିରେ ଆନନ୍ଦପୁର ଓ ଘସିପୁରା ବ୍ଲକର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଗ୍ରୁପ-ଏ ସମ୍ପୂର୍ଣ୍ଣା ମିଶ୍ର, ପ୍ରତ୍ୟୁଷ ମିଶ୍ର, ଗ୍ରୁପ-ବିର ଅର୍ପିତା ଦାଶ, ପ୍ରତ୍ୟୁଷା ମିଶ୍ର ଓ ଆକାଂକ୍ଷା ଉପାଧ୍ୟାୟ, ଗ୍ରୁପ-ସିର ଦିବ୍ୟରଞ୍ଜନ ମିଶ୍ର, ସୁଦୀପ୍ତ ମିଶ୍ର, ଦମୟନ୍ତୀ ମିଶ୍ର ଓ ଗ୍ରୁପ-ଡିର ମନ୍ମଥ ମିଶ୍ର, ସ୍ୱପ୍ନା ଦାସ, ଅଙ୍କିତା ଉପାଧ୍ୟାୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।


## ମାସକରେ ଚାଲିଗଲେ ଦୁଇ ସନ୍ତାନ; ସହାୟତା ଦାବି



ଆନନ୍ଦପୁର, ୧।୧୨ (ସମିସ): ମାସକ ମଧ୍ୟରେ ଦୁଇଟି ସନ୍ତାନଙ୍କୁ ହରାଇ ଭାଙ୍ଗି ପଡ଼ିଥିବା ପରିବାର ଶୁଦ୍ଧିକ୍ରିୟା ପାଇଁ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି। ଘସିପୁରା ବ୍ଲକର ପଣ୍ଡୁଆ ଗ୍ରାମର ବୃଦ୍ଧ ଦମ୍ପତି ଗୋବିନ୍ଦ ଜେନା (୭୦) ଏବଂ ସୁବାଶିନୀ ଜେନା (୫୫) ନିକଟରେ ଏକ ଦୁଇଟି ପୁତ୍ରଙ୍କୁ ହରାଇ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଅର୍ଥ ଅଭାବରୁ ସେମାନେ ପ୍ରଶାସନ ନିକଟରେ ଆର୍ଥିକ ସାହାଯ୍ୟ ଏବଂ ସାନପୁଅର ଶୁଦ୍ଧିକ୍ରିୟା ସମ୍ପନ୍ନ କରିବା ପାଇଁ ନିବେଦନ କରିଛନ୍ତି। ଗତ ପାଞ୍ଚ ବର୍ଷ ଧରି କର୍କଟ ରୋଗ ସହିତ ଲଢ଼ିକରି ଗୋବିନ୍ଦଙ୍କ ବଡ଼ପୁଅ ସଞ୍ଜୟ ଜେନା (୪୦) ଅଳ୍ପ କିଛି ଦିନ ତଳେ ମୃତ୍ୟୁ ବରଣ କରିଛନ୍ତି। ସଞ୍ଜୟ ନିଜର ପତ୍ନୀ ଲତା ଜେନା (୩୦) ଏବଂ ତିନି ଝିଅଙ୍କୁ ଛାଡ଼ିଯାଇଛନ୍ତି। ପରିବାରର ଏକମାତ୍ର ଅନ୍ୟ ଆଶା ଥିଲା ସାନପୁଅ ଶରତ ଜେନା (୩୦), ଯିଏକି ସମ୍ପୂର୍ଣ୍ଣ ପରିବାରର ଭରଣପୋଷଣ ଭାର ବହନ କରୁଥିଲେ; କିନ୍ତୁ ଦୁର୍ଭାଗ୍ୟ ଜନକ ଭାବେ କିଛି ଦିନ ତଳେ ଶରତଙ୍କର ମୃତ୍ୟୁ ହୋଇଛି। ଏହି ମାମଲାରେ ଗୋବିନ୍ଦ ଜେନା କହିଛନ୍ତି, 'ମୋର ଦୁଇଟି ସନ୍ତାନଙ୍କୁ ହରାଇଲି। ମୋ ବଡ଼ପୁଅ ରୋଗରେ ଚାଲିଗଲା, ଆଉ ସାନପୁଅ ହୃଦଘାତରେ। ଆମେ ନିରାଶ୍ରୟ ବୁଢ଼ାବୁଢ଼ୀ ହୋଇଗଲୁ, ଆଉ କିଏ ଅଛି ଆମ ପାଖରେ? ମୋ ବଡ଼ପୁଅର ପରିବାର, ତିନି ଝିଅ ଏବଂ ବୋହୂ ଲତା କେମିତି ଚଳିବେ? ପ୍ରଶାସନ ଯଦି ସାହାଯ୍ୟ କରନ୍ତେ, ସାନ ପୁଅ ଶୁଦ୍ଧିକ୍ରିୟା ହୁଅନ୍ତା ଏବଂ ଲତାଙ୍କୁ ଭତ୍ତା ଟଙ୍କା ମିଳିବା ସହ ଆବାସ ଯୋଜନା ଟେ କରେଇଦେଲେ ତାଙ୍କ ପରିବାର ରହିବା ସହ ସେ ତାଙ୍କ ଝିଅମାନଙ୍କୁ ପାଠ ପଢାଇପାରନ୍ତେ। ପ୍ରଶାସନ ଏବଂ ସମାଜ ସେବା ସଂସ୍ଥାଗୁଡିକ ଆଗେଇ ଆସି ଏହି ଭାଙ୍ଗିପଡିଥିବା ପରିବାରକୁ ସାହାଯ୍ୟ କରିବା ଉଚିତ୍'। ଶୋକାକୁଳ ଏହି ପରିବାରଙ୍କ ପାଇଁ ଆମର ଛୋଟ ଛୋଟ ଉଦ୍ୟମ ମଧ୍ୟ ଏକ ବଡ଼ ସହାୟତା ହୋଇପାରେ।




# ସମ୍ପାଦକୀୟ



ନ୍ୟାୟର ଅର୍ଥ ବିବେକ, କିନ୍ତୁ ବ୍ୟକ୍ତିଗତ ନୁହେଁ, ସାରା ମାନବଜାତିର ବିବେକ !
-ଆଲେକଜାଣ୍ଡର ସୋଲଝେନିତସିନ

ସକାଳ
THE SAKALA

## ସମୃଦ୍ଧିର ନୂଆ ଦିଗନ୍ତ

ଦେଶର ଅର୍ଥନୀତି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗତିଶୀଳତାର ଶିଖର ଛୁଇଁବାକୁ ଯାଉଛି। ଏହା ସ୍ପଷ୍ଟ ହୋଇଛି ଅର୍ଥନୀତିର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରୁ। ୨୦୨୫-୨୬ ଆର୍ଥିକ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ମୋଟ ଘରୋଇ ଉତ୍ପାଦନ ୮.୨ ପ୍ରତିଶତ ଭଳି ଉଚ୍ଚ ଅଙ୍କରେ ଅଭିବୃଦ୍ଧି ହାସଲ କରିଛି। ଏସଂକ୍ରାନ୍ତରେ ସବୁ ଅର୍ଥନୀତିଜ୍ଞ ଏପରିକି ରିଜର୍ଭ ବ୍ୟାଙ୍କ ଆକଳନ ଭୁଲ ପ୍ରମାଣିତ ହେଇଛି। ଯେତେଦୂର ମନେ ହୁଏ ଚଳିତ ଆର୍ଥିକ ବର୍ଷର ହାରାହାରି ଜିଡିପି ୭ ପ୍ରତିଶତ ଅତିକ୍ରମ କରିବ। ସୂଚନାଯୋଗ୍ୟ ଯେ ପୂର୍ବ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସିକ ରିପୋର୍ଟରେ ଜିଡିପି ହାର ୫.୬ ପ୍ରତିଶତ ନେଇ ବିଭିନ୍ନ ମହଲରେ ଯେଉଁ ନୈରାଶ୍ୟ ସୃଷ୍ଟି ହୋଇଥିଲା ସେଥିରୁ ବର୍ତ୍ତିବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପରୁ ସୁଫଳ ମିଳିଛି। ଆଗାମୀ ଦିନରେ ବିଶ୍ୱରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପୂର୍ବଭଳି ବଜାୟ ରଖିବ। ଆସନ୍ତା ଅର୍ଥିକ ବର୍ଷ ଶେଷ ସୁଦ୍ଧା ଆମ ଦେଶ ୫ଟ୍ରିଲିୟନ ଅର୍ଥନୀତିର ମାନ୍ୟତା ହାସଲ କରିବା ସହ ପରବର୍ତ୍ତୀ ଦୁଇବର୍ଷ ମଧ୍ୟରେ ବିଶ୍ୱର ତୃତୀୟ ଅର୍ଥନୀତି ହେବାର ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ଏହି ଗତିଶୀଳତା ଜାରି ରହିଲେ ପୂରଣ ହେବା କିଛି ବିଚିତ୍ର ନୁହେଁ।

ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିବା ଏହି ରିପୋର୍ଟ ଅନୁଯାୟୀ ବିନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ୯.୧, ନିର୍ମାଣରେ ୭.୨ ଏବଂ ଆର୍ଥିକ, ରିଅଲ ଇଷ୍ଟେଟ୍, ପେସାଦାର ସେବା ଅଭିବୃଦ୍ଧି ହାର ୧୦.୨ ପ୍ରତିଶତ ହୋଇଛି। ତେବେ କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୩.୫ ପ୍ରତିଶତରେ ସୀମିତ ରହିଛି। ଦର୍ଶାଯାଇଥିବା ଏହି ହିସାବରୁ ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ଆକଳନ କରାଯାଇପାରେ। ଏହି ପରିସଂଖ୍ୟାନ ଆଧାରରେ ରିଜର୍ଭବ୍ୟାଙ୍କ ଆଗାମୀ ଦିନରେ ମୁଦ୍ରା ପ୍ରଚଳନକୁ ଅଧିକ ମୁକ୍ତ କରିବା ସମ୍ଭାବନା ଅଛି। ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ରେପୋ ରେଟ ହ୍ରାସ ମାଧ୍ୟମରେ ବ୍ୟାଙ୍କ ଋଣଗ୍ରହୀତାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବେ। ଅର୍ଥନୀତିର ଏହି ଅନୁକୂଳ ଦିଗ ସଂପର୍କରେ ତର୍ଜମା କଲା ବେଳେ ସ୍ୱତଃ ମନରେ ଉଙ୍କିମାରେ ବିଶ୍ୱ ବାଣିଜ୍ୟ କାରବାରରେ ପରିଲକ୍ଷିତ ଶିଥିଳତାକୁ ଲକ୍ଷ୍ୟ କରି ଏକ ଭୟାଙ୍କର ମାନ୍ଦାବସ୍ଥା ମାଡ଼ି ଆସୁଛି ବୋଲି ଅର୍ଥନୀତି ବିଶାରଦମାନେ ସତର୍କ କରାଇଛନ୍ତି। ଆମ ଦେଶର ପରିସ୍ଥିତି ସେଭଳି ସକାରାତ୍ମକ ସ୍ଥିତିରେ ନାହିଁ ଯେ ପରିଲକ୍ଷିତ ବାଣିଜ୍ୟ ନିଅଣ୍ଟକୁ ଏତେ ସହଜରେ ଅତିକ୍ରମ କରି ହେବ। ତେଣୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଦର୍ଶାଇଥିବା କେତେକ ତ୍ରୁଟିକୁ ଏଡ଼ାଇଯିବା ଏତେ ସହଜ ନୁହେଁ। ଦେଶର ଜାତୀୟ ଆକାଉଣ୍ଟ ତଥ୍ୟର ଆକଳନକୁ ମୁଦ୍ରାପାଣ୍ଠି ସି ଗ୍ରେଡ ଦେଇଛି। ସେମାନଙ୍କ କହିବା କଥା ହେଲା, ଜିଡିପି ଓ ଜିଭିଏ ଭଳି ପ୍ରମୁଖ ପରିସଂଖ୍ୟାନ ନିର୍ଦ୍ଧାରଣରେ ଜାତୀୟ ଆକାଉଣ୍ଟର ପଦ୍ଧତିଗତ ତ୍ରୁଟି ରହିଛି। ସେହିଭଳି ଉପଭୋକ୍ତା ମୂଲ୍ୟସୂଚକାଙ୍କ ନିର୍ଦ୍ଧାରଣ ପ୍ରକ୍ରିୟାକୁ ମଧ୍ୟ ବି ଗ୍ରେଡ ଦିଆଯାଇଛି। ମୁଦ୍ରାପାଣ୍ଠିର ଏହି ପ୍ରତିକୂଳ ମତାମତ ସତ୍ତ୍ୱେ ବିଶ୍ୱ ଅର୍ଥନୀତିରେ ପରିଲକ୍ଷିତ ମାନ୍ଦାବସ୍ଥା ପ୍ରଭାବରୁ ଆମେ ମୁକ୍ତ ଓ ଗତଶୀଳତା ଅବ୍ୟାହତ ରହିଥିବା କେହି ଅସ୍ୱୀକାର କରିପାରିବେନି।

ବଜାର ଅର୍ଥନୀତିରେ କ୍ରେତାଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ମୁଦ୍ରାସ୍ଫୀତି ହ୍ରାସରୁ ସ୍ପଷ୍ଟ ଯେ କ୍ରୟଶକ୍ତିରେ ଦୁର୍ବଳତା ରହିଛି। ଏହା କୌଣସି ପରିସ୍ଥିତିର ଅଭିବୃଦ୍ଧି କାରକ ନୁହେଁ। ସେହିଭଳି ବର୍ଷକ ମଧ୍ୟରେ ଭାରତୀୟ ମୁଦ୍ରା ୪.୨ ପ୍ରତିଶତ ଡଲାର ତୁଳନାରେ ଅଧିକ ଦୁର୍ବଳ ହୋଇଛି। ଏହି ଦୁଇଟି ପ୍ରସଙ୍ଗକୁ ଜିଡିପି ଆକଳନ ବେଳେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

## ବିକାଶ-ମାନବ ସମ୍ବଳ-ଶିକ୍ଷା

ଆମ ରାଜ୍ୟର ସରକାରୀ ବିଦ୍ୟାଳୟ ଅବସ୍ଥା ଏତେ ଶୋଚନୀୟ ହୋଇପଡ଼ିଛି ଯେ ଯେତେଯାହା କଲେ ମଧ୍ୟ ଅଭିଭାବକଙ୍କ ଆଉ ଭରସାଯୋଗ୍ୟ ହୋଇପାରୁନି। ଛାତ୍ରଛାତ୍ରୀ ମଧ୍ୟ ଏକ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଅଧାରୁ ପାଠ ଛାଡୁଛନ୍ତି। ଅଧିକାଂଶ ଅଭିଭାବକଙ୍କ ଭରସାଯୋଗ୍ୟ ହୋଇଛି ଘରୋଇ ବିଦ୍ୟାଳୟ। ସରକାରୀ ଶିକ୍ଷା ବ୍ୟବସ୍ଥାରେ କେଉଁଠି ନିରାପଦ ବିଦ୍ୟାଳୟଗୃହ ନାହିଁ ତ କେଉଁଠି ଶିକ୍ଷକ ନାହାନ୍ତି। ଶିକ୍ଷକଙ୍କ ଦାବିକୁ ନେଇ ବର୍ଷତମାମ ଆନ୍ଦୋଳନ ଚାଲିଛି। ବିଭିନ୍ନ ଗଣମାଧ୍ୟମରେ ଶିରୋନାମା ମଣ୍ଡନ କରୁଛି। ରାଜ୍ୟ ସରକାରୀ ବିଦ୍ୟାଳୟରେ ଅଧାରୁ ପାଠ ଛାଡ଼ିଛନ୍ତି ୧ ଲକ୍ଷ ୨୩ ହଜାର ପିଲା ଏବଂ ନବମରେ ସାଢ଼େ ୧୩ ହଜାର ପିଲା ଅକୃତକାର୍ଯ୍ୟ। ଶିକ୍ଷାକ୍ଷେତ୍ରରେ ଯେତେ ସମସ୍ୟା ମୁଣ୍ଡ ଟେକିଛି ସେ ନେଇ ପ୍ରଶ୍ନ କଲେ ସରକାରଙ୍କ ନିକଟରେ ଉତ୍ତର ଅଭାବ ନାହିଁ। କିନ୍ତୁ ସମସ୍ୟା ଯେଉଁଠି ସେଇଠି ଅଟକି ରହିଛି।

ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଚାଲିଥିବା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆହୁରି ଉପର ଶ୍ରେଣୀକୁ ବଢ଼ି ଚାଲିଛି। ରାଜ୍ୟର ନବମ ଓ ଦଶମ ଶ୍ରେଣୀର ୧୦ ଲକ୍ଷ ୮୦ ହଜାର ପିଲାଙ୍କୁ ସିଏମ ପୋଷଣ କାର୍ଯ୍ୟକ୍ରମ ମାଧ୍ୟମରେ ମାଧ୍ୟାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା ହୋଇଛି। ସେହିପରି ଏକାଦଶ ଶ୍ରେଣୀ ଏସଟି ପିଲାଙ୍କୁ ବର୍ଷକୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଛି। ଶିକ୍ଷକମାନେ ପାଠପଢ଼ା ଛାଡୁଥିବା ପିଲାଙ୍କ ଅଭିଭାବକଙ୍କୁ ବୁଝାଇ ସେମାନଙ୍କ ବିଦ୍ୟାଳୟକୁ ଫେରାଇ ଅଣାଯିବାର ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନଭୋଜନ, ୟୁନିଫର୍ମ ଓ ପାଠ୍ୟବସ୍ତୁ ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି ସ୍ପଷ୍ଟୀକରଣ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଭିନ୍ନ କଥା। ଶିକ୍ଷା ବର୍ଷ ଶେଷ ହେବାକୁ ବସିଥିଲେ ମଧ୍ୟ କେଉଁଠି ୟୁନିଫର୍ମ ମିଳିନି ତ ଓ କେଉଁଠି ପାଠ୍ୟ ପୁସ୍ତକ ନାହିଁ। ଅସଲରେ ବ୍ୟବସ୍ଥାର ଉନ୍ନତି ଆଣିବାରେ ସରକାରଙ୍କ ଏହି ଘୋଷଣା କେତେଦୂର ସହାୟକ ହେବ ସେନେଇ ସନ୍ଦେହ ରହିଛି। ପିଲାଙ୍କ ଅସ୍ଥାଭାଜନ ହେଲା ଭଳି ବିଦ୍ୟାଳୟରେ ଶିକ୍ଷା ପରିବେଶ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ। ଏପରିକି ରାଜ୍ୟରେ ସ୍ୱତନ୍ତ୍ର ପତିଆରା ସୃଷ୍ଟି କରିଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଥିବାର ଲକ୍ଷ୍ୟ କରାଯାଉଛି। ଉଚ୍ଚମାନର ଶିକ୍ଷାପ୍ରଦାନ ପାଇଁ ସୁଯୋଗ୍ୟ ଶିକ୍ଷକ ନିଯୁକ୍ତିକୁ ଏପର୍ଯ୍ୟନ୍ତ ଗୁରୁତ୍ୱ ଦିଆଯାଇନାହିଁ। ବିଭିନ୍ନ ବିଷୟରେ ପାଠ ପଢ଼ାଇବା ସକାଶେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ସବୁଚାଲିଛି କାମଚଳା ଅବସ୍ଥାରେ। ଏଭଳି ପରିବେଶରେ ବିଜ୍ଞାନ ଅଧ୍ୟୟନ ସକାଶେ ଲାବୋରାଟୋରୀ, କମ୍ପ୍ୟୁଟର ଓ ପୁସ୍ତାକାଗାର ଆଶା କରିବା ବୃଥା। ତେଣୁ ଯେଉଁ ବିକାଶ କଥା କୁହାଯାଉଛି ତାହା ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ବିନା କିପରି ସମ୍ଭବ, ସନ୍ଦେହ ସୃଷ୍ଟି ହେଉଛି।

# ଅବସରପ୍ରାପ୍ତ ଅଧ୍ୟାପକ ନିଯୁକ୍ତି କେତେ ଯୁକ୍ତିଯୁକ୍ତ

ଶ୍ରୀବତ୍ସ ନାୟକ

ଉଚ୍ଚଶିକ୍ଷା ବିଭାଗରେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କୁ ପୁନଃ ନିଯୁକ୍ତି ଦେବାକୁ ସ୍ଥିର କରିଛନ୍ତି ଓଡ଼ିଶା ସରକାର। ଚଳିତ ଶିକ୍ଷା ବର୍ଷରୁ ସରକାରୀ ଅନୁଦାନପ୍ରାପ୍ତ (୪୮୮ ବର୍ଗ) ଓ ବେସରକାରୀ ଅନୁଦାନପ୍ରାପ୍ତ (୬୬୨ ବର୍ଗ) ମହାବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପ୍ରକ୍ରିୟାରେ ସିଧାସଳଖ ଯୋଡ଼ି ହେବେ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକ। ଏଥିସହିତ ଖୁବଶୀଘ୍ର ସ୍ଥାୟୀ ଅଧ୍ୟାପକ ମଧ୍ୟ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଫଳରେ ଉଚ୍ଚଶିକ୍ଷା ବିଭାଗରେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ ହେବା ସହ ଶିକ୍ଷାଦାନରେ ଉପୁଜିଥିବା ସମସ୍ୟା ସମାଧାନ ହେବ। ଏହା ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଉଚ୍ଚଶିକ୍ଷା ବିଭାଗର ପତ୍ରସଂଖ୍ୟା ୫୬୧୯୮ ତା ୨୩.୧୦.୨୫ ରିଖ ଅନୁଯାୟୀ ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନେଇ ଶିକ୍ଷାଦାନ ଚାଲିବ। ଏମିତିକି ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଯୋଗ୍ୟତା ଓ ମାପଦଣ୍ଡ କ'ଣ ରହିବ ତା' ମଧ୍ୟ ନିୟମାବଳୀରେ ଉଲ୍ଲେଖ ରହିଛି। ସହକାରୀ ପ୍ରଫେସର ପାଇଁ ଦରମା ୨୫ ହଜାର ଟଙ୍କାରୁ ଆରମ୍ଭ କରି ପ୍ରଫେସରଙ୍କ ଦରମା ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଏଥିପାଇଁ ଅତିକମ୍‌ରେ ୫୦ଟି କ୍ଲାସ କରିବା ବାଧ୍ୟତାମୂଳକ। ଯଦି ତା'ଠୁ କମ୍ ହୁଏ ତା'ହାଲେ ପାରିଶ୍ରମିକ କମିବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ମାର୍ଗଦର୍ଶିକାରେ କୁହାଯାଇଛି ଅତିଥି ଅଧ୍ୟାପକମାନେ ବର୍ଷକୁ ୧୦ ଦିନର ଛୁଟି ପାଇବେ। ଚାକିରି ଛାଡ଼ିବା ଆଗରୁ ୩୦ ଦିନର ନୋଟିସ୍ ଦେବେ।

ତେବେ ଅବସରପ୍ରାପ୍ତମାନଙ୍କୁ ପୁନଃନିଯୁକ୍ତି କ୍ଷେତ୍ରରେ ଅନେକ ପ୍ରଶ୍ନ ସାଧାରଣରେ ଉଙ୍କିମାରେ। ଶିକ୍ଷକତା କେବଳ ଏକ ବୃତ୍ତି ନୁହଁ, ବରଂ ଶିକ୍ଷାଦାନ ହେଉଛି ଶିକ୍ଷକ ଜୀବନର ବ୍ରତ। ଶିକ୍ଷକ କେବେ ଅବସର ନେଇପାରେ ନାହିଁ। ବିପଥଗାମୀ ସମାଜକୁ ସଜାଡ଼ିବାରେ ସେମାନଙ୍କର ଭୂମିକା ଅବର୍ଣ୍ଣନୀୟ। କିନ୍ତୁ ସରକାରଙ୍କର ବିଧିବିଧାନ ଅନୁସାରେ ଶାରୀରିକ ଅକ୍ଷମତା ଦୃଷ୍ଟିରୁ ଶିକ୍ଷକମାନଙ୍କୁ ୬୦ ବର୍ଷ ବୟସରେ ଶିକ୍ଷକତା ବୃତ୍ତିରୁ ଅବସର ଦିଆଯାଏ ଏବଂ ଅବଶିଷ୍ଟ ଜୀବନ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ସରକାର ପେନସନ୍ ମଧ୍ୟ ଦେଇଥା'ନ୍ତି। ଏଠି ପ୍ରଶ୍ନ ଉଠୁଛି ବୟସାଧିକ୍ୟ କାରଣରୁ ଯାହାକୁ ଅବସର ଦେଲେ ତାଙ୍କୁ ପୁଣି କାର୍ଯ୍ୟକୁ ନିମନ୍ତ୍ରଣ କରିବା ତାଙ୍କ ପାଇଁ ଅସମ୍ମାନ ନୁହେଁ କି? ଯଦି ସେମାନେ ନିଯୁକ୍ତି ହୁଅନ୍ତି ସେମାନେ ଶାରୀରିକ ଓ ମାନସିକ ଭାବେ ଶିକ୍ଷାଦାନ କରିବା ପାଇଁ ପ୍ରସ୍ତୁତ ଥିବେ ତ? ଯଦି ସେମାନେ ଏବେ ପାଠ ପଢ଼େଇବାକୁ ସକ୍ଷମ, ତା' ହେଲେ ସରକାର ତାଙ୍କୁ ଅବସର ଦେଉଛନ୍ତି କାହିଁକି?

ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ, ଯାହାଙ୍କର ବୟସ ସୀମା ୬୦ ରୁ ୬୯ ମଧ୍ୟରେ ହୋଇଥିବ ସେମାନେ ଶିକ୍ଷାଦାନ କରିବେ। ଅର୍ଥାତ୍ ପାଖାପାଖି ଏକ ଦଶନ୍ଧି ଧରି ସରକାର ବୋଧହୁଏ ସ୍ଥାୟୀ ନିଯୁକ୍ତି କରିବେ ନାହିଁ! ବେକାରୀ ସମସ୍ୟା ଉତ୍କଟ ହେବ। ଓଡ଼ିଶା ରାଜ୍ୟ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର ତଥ୍ୟ ଅନୁସାରେ ୨୦୨୫ ବର୍ଷ ଆରମ୍ଭରୁ ରାଜ୍ୟରେ ୪୮, ୬୭୮ ଜଣ ସ୍ନାତକୋତ୍ତର ଅଧ୍ୟାପକ ନିମନ୍ତେ ଯୋଗ୍ୟ ଥିଲେ ମଧ୍ୟ ନିଯୁକ୍ତି ନ ପାଇ ବେକାର ଅଛନ୍ତି। ଦିନକୁ ଦିନ ଏହି ଶିକ୍ଷିତ ଯୁବ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ପାଇଁ ସରକାର କ'ଣ ସବୁ ରୂପରେଖ ପ୍ରସ୍ତୁତ କରିଛନ୍ତି, ତାହା ସାର୍ବଜନୀନ ହେବା ନିହାତି ଜରୁରୀ।

୧୯୮୮ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ସରକାର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରିପାରିଲେ ନାହିଁ। ଫଳରେ ସେ ସମୟରେ ଅନେକ ଯୁବ ଅଧ୍ୟାପକ ମହାବିଦ୍ୟାଳୟର ପରିଚାଳନା ସମିତି ଅଧୀନରେ ରହି ଶିକ୍ଷାଦାନ କଲେ। ଯେଉଁମାନଙ୍କ ମଧ୍ୟରୁ କେତେଜଣ ସରକାରୀ ବ୍ୟବସ୍ଥାର ଚରମ ଅବହେଳାର ଶିକାର ହୋଇ ରିକ୍ତ ହସ୍ତରେ ଅବସର ନେଇ ସାରିଲେଣି ତ କେତେଜଣ ଅବସର ନେବାକୁ ପ୍ରସ୍ତୁତ ହେଲେଣି। ଦୀର୍ଘ ଦିନ ଅଧ୍ୟାପନା କଲା ପରେ ମଧ୍ୟ ସେମାନଙ୍କୁ କୌଣସି ଚାକିରି ସର୍ତ୍ତାବଳୀ ମିଳିଲା ନାହିଁ। ସରକାରୀ ଚାକିରିର କୌଣସି ସୁବିଧା ସେମାନେ ପାଇଲେ ନାହିଁ। ପଦୋନ୍ନତି ଓ ପେନସନ୍ ସହିତ ଚାକିରି ସର୍ତ୍ତାବଳୀ ନିମନ୍ତେ ଗୁହାରି କଲେ ମଧ୍ୟ ସରକାର ପ୍ରତ୍ୟାଖାନ କଲେ। ସେମାନଙ୍କର ଅତୀତ ଅଭିଶପ୍ତ, ବର୍ତ୍ତମାନ ରୁଗ୍ଣ ଓ ଭବିଷ୍ୟତ ଅନ୍ଧକାରମୟ। ସରକାର ସେମାନଙ୍କ ପ୍ରତି ଦୟା ମନୋଭାବ ପୋଷଣ କରିବା ଉଚିତ।

ଏ କ୍ଷେତ୍ରରେ ପୂର୍ବ ତ୍ରୁଟିବିଚ୍ୟୁତି ସଂଶୋଧନପୂର୍ବକ ତୁରନ୍ତ ସଂସ୍କାର ଆଣି ବିହିତ ପଦକ୍ଷେପ ନ ନେଇ ଅବସରଙ୍କୁ ପୁନଃନିଯୁକ୍ତି କେତେ ଯୁକ୍ତିଯୁକ୍ତ? ଅବସରପ୍ରାପ୍ତ ଅଧ୍ୟାପକ ଅଭିଜ୍ଞ, କିନ୍ତୁ ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରି ଭାରତ ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣି ଯେଉଁ ସୁଚିନ୍ତିତ, ସୁଦୃଢ଼, ସୁ-ସଙ୍ଗଠିତ ଶିକ୍ଷାନୀତି (ଜାତୀୟ ଶିକ୍ଷାନୀତି ୨୦୨୦) ପ୍ରଣୟନ କରିଛନ୍ତି, ସେଥିନିମନ୍ତେ ସେମାନେ କେତେ ଯୋଗ୍ୟ ତାହା ସରକାରଙ୍କୁ ଜଣା। କହିବା ବାହୁଲ୍ୟ ଯେ ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଯୁଗରେ ଯେତେବେଳେ ସରକାର ଶିକ୍ଷାରେ ଆଧୁନିକୀକରଣ କରିଛନ୍ତି ସେତେବେଳେ ଅବସରପ୍ରାପ୍ତ ଶିକ୍ଷକମାନେ ସେହି ପାରମ୍ପରିକ ଶୈଳୀରେ ରହିଯାଇଛନ୍ତି, ଯାହା ଜାତୀୟ ଶିକ୍ଷାନୀତିର ମୌଳିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିପାରେ। ସରକାର ଗୋଟେ ପଟେ ଅଭିନବ ଶିକ୍ଷାନୀତିର କଥା କହୁଥିବା ବେଳେ ପୁଣି ପୁରୁଣାଙ୍କୁ ମନେପକାଇବା କେତେ ସମୀଚୀନ? ବାର୍ଦ୍ଧକ୍ୟରେ ଯୌବନର ଉତ୍ସାହ କାହୁଁ ଆସିବ?

ଅନ୍ୟପକ୍ଷରେ ଦେଖିଲେ କୌଣସି କ୍ଷେତ୍ରରେ ପୁରୁଖାମାନେ କାହିଁକି ଯୁଗାନ୍ତକାରୀ ପରିବର୍ତ୍ତନର ସ୍ୱପ୍ନ ଦେଖିବେ? ଆମ ଦେଶର ଶିକ୍ଷା ପ୍ରଣାଳୀରେ ଯେଉଁଭଳି ଯୁଗୋପଯୋଗୀ ସଂସ୍କାରମାନ ଆସୁଛି ସେଥିପାଇଁ ସଦ୍ୟତମ ଯୁବ ଉଦ୍ଦୀପନାର ଆବଶ୍ୟକତା ରହିଛି। ନୂତନ ପିଢ଼ିଙ୍କର ନିଯୁକ୍ତି ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଏକ ସାଧନା। ଯୁବ ଅଧ୍ୟାପକମାନଙ୍କର ଲମ୍ବା ଚାକିରି ସମୟ ସୀମା ଥିବାରୁ ସେମାନେ ଉତ୍ସାହର ସହିତ ଶିକ୍ଷାଦାନରେ ନିଜକୁ ସାମିଲ୍ କରିପାରିବେ। ସରକାର ଅନ୍ତତଃପକ୍ଷେ ଏ ସବୁ ବିଷୟ ପ୍ରତି ଦୃଷ୍ଟି ଦେବାର ଥିଲା। ଅଧୁନା ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଶିକ୍ଷକମାନଙ୍କର ଜାତିଭେଦ। ମହାବିଦ୍ୟାଳୟରେ ଅଧ୍ୟାପକମାନଙ୍କୁ ସରକାର ବିଭିନ୍ନ ଶ୍ରେଣୀରେ ବିଭାଜିତ କରିଛନ୍ତି। ସମାନ କାମକୁ ସମାନ ଦରମାର ନାରା ଦେଉଥିବା ସରକାର ଶିକ୍ଷକମାନଙ୍କୁ ୟୁଜିସି ଅଧ୍ୟାପକ, ଏସଏସବି ଅଧ୍ୟାପକ, ଗ୍ରାଣ୍ଟ ଇନ୍ ଏଡ ଅଧ୍ୟାପକ, ବ୍ଲକ ଗ୍ରାଣ୍ଟ ଅଧ୍ୟାପକ, ମ୍ୟାନେଜମେଣ୍ଟ ଅଧ୍ୟାପକ, ଠିକା ଅଧ୍ୟାପକ, ଅତିଥି ଅଧ୍ୟାପକ ଆଦି ଶ୍ରେଣୀରେ ବିଭକ୍ତ କରି ଭିନ୍ନ ଭିନ୍ନ ବେତନ ଦେଇଥା'ନ୍ତି। ଗୋଟିଏ ବୃତ୍ତିରେ ଥାଇ ସମାନ କାମ କରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଅଧ୍ୟାପକମାନେ ହୀନ ମାନସିକତାର ଶିକାର ହେଉଛନ୍ତି। ଏଥିପାଇଁ ଅଧ୍ୟାପକମାନେ ବାରମ୍ବାର ଗୁହାରି କରୁଛନ୍ତି; କିନ୍ତୁ ଫଳ ଶୂନ୍ୟ। ଫଳରେ ସ୍ୱଳ୍ପ ବେତନ ପାଉଥିବା ଅଧ୍ୟାପକମାନେ ନାନା ଦୁଶ୍ଚିନ୍ତା ଭିତରେ ରହିଥା'ନ୍ତି, ଯାହାର ପ୍ରତିକୂଳ ପ୍ରଭାବ ସମଗ୍ର ଶିକ୍ଷା ଉପରେ ପଡ଼ିଥାଏ। ଯେଉଁ ଅଧ୍ୟାପକମାନେ ବେତନ ଦାବି କରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ଉପଯୁକ୍ତ ବେତନ ନ ଦେଇ ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପେନସନ ସହିତ ଅତିଥି ଅଧ୍ୟାପକର ବେତନ ଦେବା ତେଲିଆ ମୁଣ୍ଡରେ ତେଲ ସଦୃଶ।

ଶିକ୍ଷା ବ୍ୟବସ୍ଥାକୁ ନ ସୁଧାରିଲେ ସାମାଜିକ ସୁଧାର ବିଳମ୍ବିତ ହୋଇଥାଏ। ସାମାଜିକ ସଦଭାବ ପାଇଁ କରାଯାଉଥିବା ପ୍ରୟାସ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ସମାନତାର ଅବସର ପ୍ରଦାନ କରିବାର ସାମ୍ବିଧାନିକ ଆଶ୍ୱାସନା ଉଲ୍ଲଙ୍ଘନ ହୋଇଥାଏ। ଭାରତର ମନୀଷୀମାନଙ୍କର ସ୍ୱପ୍ନ ଥିଲା ଯେ ଶିକ୍ଷାର ବିକାଶରେ ଭାରତର ସୁନେଲି ସକାଳ ଅଣାଯାଇପାରିବ। କିନ୍ତୁ ସରକାରଙ୍କର କେତେକ ନିଷ୍ପତ୍ତି ଯୋଗୁଁ ଉଚ୍ଚଶିକ୍ଷା ଅସ୍ତଗାମୀ ସୂର୍ଯ୍ୟ ସଦୃଶ ପ୍ରତୀୟମାନ ହେଲାଣି। ଶିକ୍ଷା ପ୍ରଶାସନ ଶିକ୍ଷାବିତ୍‌ଙ୍କ ହାତରେ ରହିବା ସହିତ ଶିକ୍ଷା ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଏହି ବ୍ୟବସ୍ଥା ସହ ଜଡ଼ିତ ଥିବା ମହଲର ମତାମତ ନେଲେ କିଛି ସୁଫଳ ଆଶା କରାଯାଇପାରେ। ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷକମାନଙ୍କର ଦକ୍ଷତା, ଅଭିକ୍ଷମତା, ଉତ୍କର୍ଷ ଓ ପାରଦର୍ଶିତା ଆଦି ପ୍ରତି ଗୁରୁତ୍ୱାରୋପ କରୁଥିବା ବେଳେ ଓଡ଼ିଶା ସରକାର କେଉଁଭଳି ପରିସ୍ଥିତିରେ ଅବସରପ୍ରାପ୍ତମାନଙ୍କୁ ନିଯୁକ୍ତି ଦେବେ ତାହା ଚିନ୍ତାର ବିଷୟ ହୋଇଛି। ଯୁବ ଶକ୍ତି ରାଷ୍ଟ୍ର ଶକ୍ତି। ଯୁବକମାନଙ୍କୁ ବେକାର ରଖି କେତେ ଯୁକ୍ତିଯୁକ୍ତ ତାହା ବିଚାର କରିବାର ଆବଶ୍ୟକତା ରହିଛି।

(ଅଧ୍ୟାପକ, ବାଣିଜ୍ୟ ବିଭାଗ)
କଟକ, ମୋ: ୯୪୩୮୦୭୦୮୪୯

# ଧୈର୍ଯ୍ୟହରା ଯୁବସମାଜ ଓ ଆତ୍ମବିଶ୍ୱାସର ପରିବେଶ

ଡ.ବିମଳ ଷଡ଼ଙ୍ଗୀ

ବିଜ୍ଞାନର ଅଗ୍ରଗତି ସହିତ ଆଜିର ଯୁବପିଢ଼ିର ସବୁଠୁ ବଡ଼ ସମସ୍ୟା ହେଉଛି ଡିଜିଟାଲ ନିର୍ଭରତା। ଘଣ୍ଟାଘଣ୍ଟା ଧରି କମ୍ପ୍ୟୁଟର ଗେମ୍, କ୍ରିକେଟ, ସିନେମା, ରିଲ୍ସ, ସାମାଜିକ ଗଣମାଧ୍ୟମ, ନିରନ୍ତର ଡୋପାମିନର ଆସକ୍ତି ଆଦିରୁ ଜାତ ଅତ୍ୟଧିକ ଚାପ ଯୁବସମାଜର ଧ୍ୟାନଶକ୍ତି କମାଇ ଧୈର୍ଯ୍ୟକୁ ନଷ୍ଟ କରୁଛି। ଜୀବନର ଲକ୍ଷ୍ୟରୁ ଭ୍ରମିତ କରୁଛି। ଆଜିର ଯୁବସମାଜ ଚାହାନ୍ତି ତୁରନ୍ତ ସଫଳତା। କିନ୍ତୁ ସଫଳତାକୁ ପାଇବାକୁ ହେଲେ ପରିଶ୍ରମ, ଶିଷ୍ଟାଚାର, ସହନଶୀଳତା, ଧୈର୍ଯ୍ୟ ଆଦି ଗୁଣର ଆବଶ୍ୟକତାକୁ ଭୁଲିଯାଆନ୍ତି ସେମାନେ। ଅନୁକରଣର ସଂସ୍କୃତି ସେମାନଙ୍କୁ ବିପଥଗାମୀ କରିଛି। ସାମାଜିକ ଗଣମାଧ୍ୟମ, ଗ୍ଲାମର୍, ଧନ, ଚାକଚକ୍ୟ ଜୀବନଶୈଳୀ, ନୀତିହୀନ ସେବା ଓ ତ୍ୟାଗହୀନ ଓ ଜ୍ଞାନହୀନ ତତ୍ତ୍ୱ ସେମାନଙ୍କ ଆଦର୍ଶ ହୋଇଯାଇଛି। ଚରିତ୍ର ଓ ନୀତିର ଅଭାବ ହେତୁ ଅନେକ ସ୍ଥାନରେ ଅସତ୍ୟ, ଠକେଇ, ଭ୍ରଷ୍ଟାଚାର, ଦୁର୍ନୀତି ଆଦି ଯୁବସମାଜକୁ ଆକର୍ଷିତ କରୁଛି। ଅନୁଶାସନହୀନତା ସହିତ ଅନିୟମିତ ଜୀବନଶୈଳୀ, ଅପପୁଷ୍ଟିକର ଖାଦ୍ୟର ଲାଳସା ଆଦି ସେମାନଙ୍କ ମନ ଓ ଦେହକୁ ଦୁର୍ବଳ କରୁଛି। ଶଠତାପୂର୍ଣ୍ଣ ନେତୃତ୍ୱ ଓ ଅପସଂସ୍କୃତି ଆଜି ଯୁବସମାଜକୁ ଉଦ୍‌ଭ୍ରାନ୍ତ କରୁଛି।

୨୦୦୦ ମସିହା ପରଠାରୁ ଭାରତରେ ଜନ୍ମିତ ପିଲାମାନେ ପିଲାଦିନରୁ ଅପେକ୍ଷାକୃତ ଆରାମଦାୟକ ପରିବେଶରେ ବଢ଼ି ଆସିଛନ୍ତି। ଅଧିକାଂଶ ପିଲା ଜନ୍ମରୁ ଅଭାବ ଓ ସଂଘର୍ଷ କ'ଣ ଜାଣିବାର ସୁଯୋଗ ପାଇ ନାହାନ୍ତି। ଡିଜିଟାଲ୍ ଯୁଗରେ ସେହି ପିଲାମାନେ ଆଜି ଯୁବାବସ୍ଥାରେ ପହଞ୍ଚିଛନ୍ତି। ରାଜନୈତିକ ଦଳମାନେ ସ୍ୱାର୍ଥ ପାଇଁ ସେମାନଙ୍କୁ ମଦ, ମାଂସ ଓ ବିଭିନ୍ନ ଅନୀତିକର କାର୍ଯ୍ୟ ଦ୍ୱାରା ନିୟୋଜିତ କରନ୍ତି ଏବଂ ସେମାନଙ୍କ ପାଇଁ ଏକ ଅସୁରକ୍ଷିତ ଭବିଷ୍ୟତର ଆଚ୍ଛାଦନ ସୃଷ୍ଟି କରନ୍ତି। ସହଜଲବ୍ଧ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଅନ୍ୟମାନଙ୍କ ସହ ତୁଳନାରେ ନିଜକୁ ହେୟ ଭାବିବା ସହିତ ନିଜ ଭିତରେ କ୍ଷୋଭ, ଚିଡ଼ିଚିଡ଼ା ପଣ, କ୍ରୋଧ, ପ୍ରତିକ୍ରିୟା ଓ ଧୈର୍ଯ୍ୟ ହ୍ରାସ ଆଦି ସ୍ୱଭାବ ସୃଷ୍ଟି ହୋଇଛି। ଆଜିର ପିଲାମାନଙ୍କ ଭିତରେ କୌଣସି କାର୍ଯ୍ୟକ୍ଷେତ୍ରରେ ସେମାନଙ୍କର ଆତ୍ମୀୟତା ପରିଲକ୍ଷିତ ହୁଏ ନାହିଁ। ଏହା 'ଜବ ହୋପିଙ୍ଗ' ସଂସ୍କୃତି ନାମରେ ବେଶ ଆଦୃତ। ନିଜର ପିତାମାତାଙ୍କ ସହିତ ସେମାନଙ୍କର ସମ୍ପର୍କ ବିବାହ ପରେ ସଂକୀର୍ଣ୍ଣ ହୋଇଥାଏ। ସେହି ମନୋବୃତ୍ତିରୁ ସେମାନଙ୍କ ବୈବାହିକ ସମ୍ପର୍କ ମଧ୍ୟ କ୍ଷଣସ୍ଥାୟୀ ହୋଇଥାଏ। କ୍ରମଶଃ ଏକ ନିଃସଙ୍ଗ ଚାପଗ୍ରସ୍ତ ଜୀବନଶୈଳୀର ସାଥୀ ହୋଇ ସମାଜର ଦୁର୍ଗତିର କାରଣ ହୁଅନ୍ତି।

ଆମର ପ୍ରଥମ କର୍ତ୍ତବ୍ୟ ଯୁବସାମାଜଙ୍କ ସମସ୍ୟାକୁ ଭଲଭାବରେ ଶୁଣିବା ଓ ବୁଝିବା। କାରଣ ଆମେ ସେମାନଙ୍କୁ ତୁରନ୍ତ ପରାମର୍ଶ ଦେଲେ ସେମାନେ ଆମକୁ ଅନୁସରଣ କରିବେ ନାହିଁ। ଯେତେବେଳେ ସେମାନେ ଆପଣଙ୍କୁ ବୁଝିପାରିବେ ସେତେବେଳେ ସେମାନେ ମାର୍ଗଦର୍ଶନ ପାଇଁ ଆପଣଙ୍କର ସାହାଯ୍ୟ ନେବେ। ସେମାନଙ୍କୁ ସମ୍ମାନ ମାଧ୍ୟମରେ ବିଶ୍ୱାସ ସୃଷ୍ଟି କରିବାକୁ ପଡ଼ିବ। କେବେବି ସେମାନଙ୍କୁ ଅପମାନ, ତୁଳନା କିମ୍ବା ଲଜ୍ଜିତ କରିବା ଠିକ ନୁହେଁ। ଉଦାହରଣ ସ୍ୱରୂପ ଆମକୁ କହିବାକୁ ପଡ଼ିବ 'ମୁଁ ବୁଝିପାରୁଛି ତୁମେ କେଉଁ ସମସ୍ୟା ଦେଇ ଗତି କରୁଛ', 'ଆମେ ଏହାକୁ ଏକାଠି ସମାଧାନ କରିପାରିବା' ଇତ୍ୟାଦି। ସମ୍ମାନ, ଧୈର୍ଯ୍ୟ, ଗଠନମୂଳକ ଚିନ୍ତାଧାରା ସହିତ ସମସ୍ୟା ସମାଧାନର ଦ୍ୱାର ଖୋଲିଥାଏ। ସୁବିଧା, ଅସୁବିଧା କ'ଣ ସେମାନଙ୍କୁ ବୁଝାନ୍ତୁ। କେବଳ ନିୟମ ନୁହେଁ, ଆଜିର ଯୁବସମାଜ ଯେତେବେଳେ ନିଜର ଲାଭକୁ ପାଇବା ଅନୁଭବ କରନ୍ତି ସେତେବେଳେ ସେମାନେ ନିୟମ ପାଳନ କରନ୍ତି। ସେହିପରି ମୋବାଇଲ ଫୋନ୍ ବ୍ୟବହାର ହ୍ରାସ କରିବାକୁ ପରାମର୍ଶ ପରିବର୍ତ୍ତେ ଆପଣ କହିପାରନ୍ତି 'ଯଦି ତୁମେ ପ୍ରତିଦିନ ଗୋଟିଏ ଘଣ୍ଟା ପାଇଁ ଫୋନ୍ ବ୍ୟବହାର ହ୍ରାସ କର ତେବେ ତୁମର ଏକାଗ୍ରତା ବୃଦ୍ଧି ପାଇବ ଏବଂ ତୁମେ କମ୍ ଚାପ ଅନୁଭବ କରିବ।'

ଛୋଟ ଛୋଟ ସଫଳତା ପାଇବାକୁ ଉତ୍ସାହିତ କରନ୍ତୁ। ବଡ଼ ପରିବର୍ତ୍ତନ ପାଇଁ ବାଧ କରନ୍ତୁ ନାହିଁ। ସରଳ ଅଭ୍ୟାସ ସହିତ ସେମାନଙ୍କୁ ପରାମର୍ଶ ଦିଅନ୍ତୁ। ଯେପରି, ଦିନକୁ ବାହାରେ ୧୦ ମିନିଟ୍ ଚାଲିଲେ ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ ବୃଦ୍ଧି ହୁଏ। ଅନ୍ୟ ସହିତ ତୁଳନା କରିବା ବନ୍ଦ କରନ୍ତୁ। ଏହା ଚାପ ହ୍ରାସ କରେ ଏବଂ ଧୈର୍ଯ୍ୟ ବୃଦ୍ଧି କରେ। ଏକ ସହାୟକ ପରିବେଶ ସୃଷ୍ଟି କରନ୍ତୁ। ପରିବେଶ ପରାମର୍ଶ ଅପେକ୍ଷା ଆଚରଣକୁ ଅଧିକ ଆକାର ଦିଏ। ବାସ୍ତବ ଜୀବନ କାର୍ଯ୍ୟକଳାପକୁ ଉତ୍ସାହିତ କରନ୍ତୁ। କ୍ରୀଡ଼ା, ଚାଲିବା, ଯୋଗ, ଯେକୌଣସି ହବି ଯଥା - ସଙ୍ଗୀତ, କଳା, ପଠନ ଆଦି କାର୍ଯ୍ୟକଳାପଗୁଡ଼ିକ ସ୍ୱାଭାବିକ ଭାବରେ ଧୈର୍ଯ୍ୟ ଓ ଶୃଙ୍ଖଳା ଶିଖାଏ। ସେମାନଙ୍କର ପ୍ରତ୍ୟେକ ଛୋଟ ଉନ୍ନତିକୁ ପ୍ରଶଂସା କରନ୍ତୁ। ପ୍ରଶଂସା ପ୍ରେରଣା ବଢ଼ାଏ ଆଉ ପ୍ରେରଣା ଧୈର୍ଯ୍ୟ ବଢ଼ାଏ। ଆପଣ ନିଜେ ଏକ ଆଦର୍ଶ ହୁଅନ୍ତୁ। ଆପଣ ମଧ୍ୟ ମୋବାଇଲ ଫୋନ ଓ ଟିଭିରୁ ମନ ହଟାଇବାକୁ ଚେଷ୍ଟା କରନ୍ତୁ। କାରଣ ସେମାନେ ଆପଣଙ୍କ ପରାମର୍ଶ ଅପେକ୍ଷା ଆପଣଙ୍କୁ ନିରୀକ୍ଷଣ କରି ଅଧିକ ଶିଖନ୍ତି। ଯଦି ଆପଣ ଶାନ୍ତ ରୁହନ୍ତି ଏବଂ ଧୈର୍ଯ୍ୟର ସହିତ ସମସ୍ୟାଗୁଡ଼ିକୁ ପରିଚାଳନା କରନ୍ତି ତେବେ ସେମାନେ ତାହାକୁ ଅନୁକରଣ କରିବେ।

ଧୈର୍ଯ୍ୟ ଗୋଟିଏ ଅଭ୍ୟାସ। ନିୟମିତ ସଠିକ ମାର୍ଗଦର୍ଶନ, ଶାନ୍ତ ପରିବେଶ ଓ ସକାରାତ୍ମକ ମନୋଭାବ ଦ୍ୱାରା ବୃଦ୍ଧି ହେବାକୁ ସମୟ ଲାଗେ। ଯଦି ଯୁବସମାଜ ଧୈର୍ଯ୍ୟଶୀଳ ହେବେ, ତେବେ ନିଜ ଜୀବନ, ସମାଜ ଓ ଦେଶ ଅଧିକ ସୁଦୃଢ଼ ହେଇପାରିବ। ସାମାଜିକ ଓ ରାଜନୈତିକ ବ୍ୟବସ୍ଥାରେ ଉନ୍ନତି ସହିତ ସଚ୍ଚୋଟତା, ଉତ୍କୃଷ୍ଟ ଶିକ୍ଷାପ୍ରଣାଳୀ, ପରିବାର ସହାୟତା ଓ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା, ସର୍ବୋପରି ସାମୂହିକ ପ୍ରୟାସ ଦ୍ୱାରା ଯୁବସମାଜ ନିଜର ଜୀବନକୁ ଧୈର୍ଯ୍ୟ, ସହିଷ୍ଣୁତା ଓ ଶାନ୍ତିପୂର୍ଣ୍ଣ ଦିଗକୁ ନେଇଯିବାକୁ ସମର୍ଥ ହୋଇପାରିବେ।

ଭୁବନେଶ୍ୱର, ମୋ: ୯୪୩୭୧୨୩୮୯୨

## ଦୀପ୍ତିମାନ ଗଛ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

କେତେକ ଜୀବଙ୍କର ଶୀତଳ ଆଲୋକ ବିକିରଣକାରୀ ଗୁଣ ରହିଛି। ଏହା ସେମାନଙ୍କ ଜୀବନଯାତ୍ରା ପ୍ରକ୍ରିୟାର ଏକ ଅଂଶ ବିଶେଷ। ଏହି ଆଲୋକକୁ ଜୀବଦୀପ୍ତି ବା ବାୟୋଲୁମିନ୍ସେନ୍ସ (Biolumінerscence) ବୋଲି କୁହାଯାଏ। ଜୁଳୁଜୁଳିଆ ପୋକ ତାହାର ତଳିପେଟରେ ଥିବା ଏକ ବିଶଷ ଅଙ୍ଗରୁ ଏହା କରେ। ତାର ଯୌନ ସାଥୀ ଏବଂ ଶିକାରକୁ ଆକୃଷ୍ଟ କରିବାରେ ଏହା ସହାୟକ ହୁଏ। ସେହିପରି ଅଙ୍ଗାରମାଛ (Angles fish) ର ପାଟି ଆଗକୁ ଥିବା ଏକ ଅଙ୍ଗରୁ ଏପରି ଅଲୋକ ବାହାରି ତା' ଶିକାରକୁ ଆକୃଷ୍ଟ କରେ। କେତେକ ଶ୍ରେଣୀର ସ୍କୁଇଡ (Squid)ଙ୍କର ବି ଆଲୋକ ସୃଷ୍ଟିକାରୀ ଅଙ୍ଗର ରହିଛି। ସେମାନେ ସେଥିରୁ ଆଲୋକର ବାଦଲ ନିର୍ଗତ କରିପାରନ୍ତି, ଯାହାକି ସେମାନଙ୍କ ଶିକାରୀଜୀବମାନଙ୍କୁ ଭୟଭୀତ କରେ। ଅନ୍ୟ ପକ୍ଷରେ କେତେକ ସମୁଦ୍ରବାସୀ ପ୍ଲାଙ୍କଟନ୍ (Plankrun) ଅଜ୍ଞାତ ପରିବେଶର ସମ୍ମୁଖୀନ ହେଲେ ଶରୀରରୁ ଆଲୋକ ସୃଷ୍ଟି କରନ୍ତି। ଏହା ତାଙ୍କ ଜୀବକୋଷ ମଧ୍ୟରେ ସୃଷ୍ଟି ହୁଏ ଏବଂ ଚତୁଃପାର୍ଶ୍ୱକୁ ଆଲୋକିତ କରେ। କେତେକ ଶ୍ରେଣୀର କବକ ବା ଫଙ୍ଗସ୍ (Fungus) ମଧ୍ୟ ଏପରି କରିପାରନ୍ତି। ଏହାକୁ ଫକ୍ସ ଫାୟାର୍ (Fox fine) ବୋଲି କୁହାଯାଏ। ଏହି ଜୀବଦୀପ୍ତ ସେମାନଙ୍କଠାରେ ଥିବା ଲ୍ୟୁସିଫେରିନ୍ (Luciferin) ନାମକ ଏକ ଜୈବରାସାୟନିକ ପଦାର୍ଥ ଏବଂ ଲ୍ୟୁମିସିଫେରେଜ (Luciferase) ନାମକ ଏନଜାଇମ ମଧ୍ୟରେ ପ୍ରତିକ୍ରିୟା ଯୋଗୁଁ ସୃଷ୍ଟିହୁଏ।

ଗଛଲତାମାନଙ୍କଠାରେ ସାଧାରଣତଃ ଏପରି ହେବାର ଦେଖାଯାଏ ନାହିଁ। ତେବେ ନିକଟରେ ବୈଜ୍ଞାନିକମାନେ 'ବାୟୋଲୁମିନ୍ସେନ୍ସ) କବକମାନ ବ୍ୟବହାର କରି ଏମାନଙ୍କୁ ଦୀପ୍ତିମାନ କରିବା ଏବଂ ତାଙ୍କଠାରୁ ଦୀପ୍ତିମାନ କାଠ ଉତ୍ପାଦନ କରିବାକୁ ସମର୍ଥ ହୋଇଛନ୍ତି। ଏହି ପ୍ରକିୟାରେ ସେମାନେ ଗଛମାନଙ୍କ ଦେହରେ ଏହି ଜାତୀୟ କବକ ଏବଂ ତା'ର ଅଭିବୃଦ୍ଧିରେ ସହାୟତା କରୁଥିବା କେତେକ ପୁଷ୍ଟି ଇଜେକ୍ସନ ଆକାରରେ ଦେଉଛନ୍ତି। ଫଳରେ ସେଗୁଡ଼ିକ ସେଥିରେ ବଂଶବିସ୍ତାର କରି ଶୀତଳ ନୀଳ ଆଲୋକ ଉତ୍ପନ୍ନ କରୁଛନ୍ତି। ଏପରିକି ଗଛର ମୃତ୍ୟୁପରେ ମଧ୍ୟ ଦୀର୍ଘକାଳ ଧରି ତାହା ତହିଁରୁ ନିର୍ଗତ ହେଉଛି।

ଆଶାକରାଯାଉଛି ଯେ ଏପ୍ରକାର ନୂତନତା ପ୍ରବର୍ତ୍ତନକାରୀ ସଫଳତା ପରିବେଶ ଅନୁକୂଳ ଆଲୋକର ଉତ୍ସ ରୂପେ କାର୍ଯ୍ୟ କରିପାରିବ। ଅତଏବ ପାରମ୍ପରିକ ବିଦ୍ୟୁତ୍ ଶକ୍ତିର ବ୍ୟବହାର ହ୍ରାସ ପାଇବ। ଏହି ଶକ୍ତିର ପ୍ରାୟ ୭୦ ଶତାଂଶ ଉତ୍ପନ୍ନ ହୋଇଥାଏ କୋଇଲା ଆଦି ଜୀବାଶ୍ମ ଇନ୍ଧନର ବ୍ୟବହାରରେ। ଫଳରେ ତହିଁରୁ ନିର୍ଗତ ହୁଏ ପ୍ରଚୁର ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷଣକାରୀ ପଦାର୍ଥ। ବର୍ତ୍ତମାନର ନୂତନ ପ୍ରକ୍ରିୟାଟି ବହୁଳ ଭାବେ ବ୍ୟବହାରକ୍ଷମ ହୋଇପାରିଲେ ଏ ସମସ୍ୟା ଲାଘବ ହେବ।

ବୈଜ୍ଞାନିକମାନେ ଜଙ୍ଗଲ ତଥା ନିର୍ଜନ ରାସ୍ତାଘାଟ କଡ଼ରେ ଥିବା ଗଛଲତାଙ୍କଠାରେ ଏହା ପ୍ରୟୋଗ କରିବା କଥା ଚିନ୍ତା କରୁଛନ୍ତି। ଅତଏବ ସେସବୁ ସ୍ଥାନ ଆଲୋକିତ ଓ ବିପଦମୁକ୍ତ ହୋଇପାରିବ। ପୁନଶ୍ଚ ଏବର ପ୍ରାକୃତିକ ଆଲୋକ ଜୀବଜନ୍ତୁମାନଙ୍କ ପାଇଁ ଅଧିକ ଗ୍ରହଣୀୟ ହେବ। ଅନ୍ୟପକ୍ଷରେ, ଏପ୍ରକାର ଗଛରେ କାଠରେ ଘରୋଇ ଉପକରଣମାନ ତିଆରି କରାଗଲେ ବିଦ୍ୟୁତ୍ ଆଦି କୃତ୍ରିମ ଆଲୋକର ଆବଶ୍ୟକତା ହ୍ରାସ ପାଇବ। ପୁନଶ୍ଚ ମନ୍ଦିର, ବିବାହ ମଣ୍ଡପ ଆଦିର ସାଜସଜାରେ ମଧ୍ୟ ଏହାର ବ୍ୟବହାର ହୋଇପାରିବ।

ଏଭଳି ବାୟୋଲୁମିନ୍ସେନସ ଉତ୍ପାଦନକାରୀ କବକ ବ୍ୟବହାର କରି ଦୀପ୍ତିମାନ ଗଛଲତା ଓ କାଠ ଉତ୍ପନ୍ନ କରିବା ଏକ ଅତ୍ୟନ୍ତ ସହନୀୟ ପ୍ରକ୍ରିୟା ହୋଇପାରିବ। ଏଥିରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ତାପଜ ବିଦ୍ୟୁତ୍ କେନ୍ଦ୍ର ବା ଜଳ ବିଦ୍ୟୁତ୍ କେନ୍ଦ୍ରମାନ ସ୍ଥାପନର ଆବଶ୍ୟକତା ହ୍ରାସ ପାଇବ। ଅତଏବ ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ପ୍ରଦୂଷକମାନଙ୍କ ନିର୍ଗମନ ତଥା ବନ ଧ୍ୱଂସ ଆଦି ସୀମିତ ହେବ। ପୁନଶ୍ଚ ଏହି ପରିବେଶ ଅନୁକୂଳ ଆଲୋକ ମଧ୍ୟ ମଣିଷ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କ ସ୍ୱାସ୍ଥ୍ୟ ଅନୁକୂଳ ବୋଲି ମନେ କରାଯାଉଛି। ତେବେ ଏ ପ୍ରକ୍ରିୟାର ବ୍ୟାପକ ବ୍ୟବହାର ଲାଗି ଲୋଡ଼ା ଆହୁରି ଅନେକ ପରୀକ୍ଷା ନିରୀକ୍ଷା ଏବଂ ତାହାର ଅଧିକ ବିକାଶ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନବୀନଙ୍କ ଆଗରେ ଅଭିଯୋଗ ବାଢ଼ିଲେ ଭଦ୍ରକର ଦଳୀୟ ନେତା

# ଅଧ୍ୟକ୍ଷମାନଙ୍କୁ ଧମକାଇ ଦଳ ଛାଡ଼ିବାକୁ ବାଧ୍ୟ କରାଯାଉଛି

- ନିଜେ ବିଜେପି ରାଜ୍ୟ ସଭାପତି ଭିଆଉଛନ୍ତି ଏଭଳି କାଣ୍ଡ
- ଅଧ୍ୟକ୍ଷମାନଙ୍କ ସହ ଆଲୋଚନା କରିବେ ପ୍ରଫୁଲ୍ଲ ସାମଲ

ଭୁବନେଶ୍ୱର,୧।୧୨(ସମିସ): ସୋମବାର ଭଦ୍ରକରେ ଦେଖା ଦେଇଥିବା ଏଭଳି ରାଜନୈତିକ ହଟଚମଟକୁ ନେଇ ନବୀନ ନିବାସରେ ଦଳର ସଭାପତି ନବୀନ ପଟ୍ଟନାୟକ ଭଦ୍ରକ ଜିଲ୍ଲାର ବରିଷ୍ଠ ନେତାମାଙ୍କ ସହ ଆଲୋଚନା କରିବା ସହିତ ଦଳ କିପରି ଏଠାରେ ସଂଗଠିତ ହୋଇ ରହିବ, ସେନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ବରିଷ୍ଠ ବିଜେଡି ବିଧାୟକ ଡଃ ବ୍ୟୋମକେଶ ରାୟ କହିଛନ୍ତି ଯେ ବିଜେପି ସରକାର ଆସିବା ପରେ ବ୍ଲକ୍ ଅଧ୍ୟକ୍ଷମାନଙ୍କ ଉପରେ ବିଭିନ୍ନ ଉପାୟରେ ଚାପ ପ୍ରୟୋଗ କରାଯାଉଛି। ଭଦ୍ରକରେ ବିଭିନ୍ନ ବ୍ଲକରେ ଥିବା ବିଜେଡି ଅଧ୍ୟକ୍ଷମାନଙ୍କୁ ଡରାଇ ଧମକାଇ ବିଜେପି ନଜ ଦଳକୁ ନେବା ପାଇଁ ଉଦ୍ୟମ କରୁଛି। କଳ-ବଳ-କୌଶଳ ଲଗାଇ ବିଜେପି ଏହି କାମ କରୁଥିବା ଯୋଗୁଁ ଜିଲ୍ଲାରେ ୪ ଜଣ ବ୍ଲକ୍ ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେଇଛନ୍ତି। ନିଜେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏହି କାର୍ଯ୍ୟ କରୁଛନ୍ତି ଓ ଏହାଦ୍ୱାରା ଗଣତାନ୍ତ୍ରିକ ପରମ୍ପରାରେ ଏକ କଳୁଷିତ ବାତାବରଣ ସୃଷ୍ଟି ହେଉଛି।



ଡଃ ରାୟ କହିଛନ୍ତି, ଭଦ୍ରକ ଜିଲ୍ଲା ବିଜେପି ରାଜ୍ୟ ସଭାପତିଙ୍କ ଅଞ୍ଚଳ। ସେଠାରେ ନେତାମାନଙ୍କୁ ଡରାଇ ଧମକାଇ ବିଜେପି ନିଜ ଦଳକୁ ନେଉଛି। ଏଥିରେ ବିଜେପି ରାଜ୍ୟ ସଭାପତିଙ୍କର ମଧ୍ୟ ସିଧାସଳଖ ହାତ ରହୁଛି। ସେଠାରେ ବିଜେଡିର ଜଣେ ଉପାଧ୍ୟକ୍ଷ ଓ ଜଣେ ବରିଷ୍ଠ ନେତାଙ୍କ ପତ୍ନୀଙ୍କୁ ୩୦ କିମି ଦୂରକୁ ବଦଳି କରିଦିଆଗଲା। କୋର୍ଟଙ୍କ ସ୍ଥଗିତାଦେଶ ସତ୍ତ୍ୱେ ଏହା କରାଯାଇଛି। ଏଭଳି ଘଟଣା ଭିଆଇ ବିଜେପି ଅନ୍ୟ ଦଳର ନେତାମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି। ତେବେ ଭଦ୍ରକ ଜିଲ୍ଲାରେ ଯେଉଁ ଅଧ୍ୟକ୍ଷମାନେ ଦଳ ଛାଡ଼ି ଯାଉଛନ୍ତି, ସେମାନେ ଦଳରୁ ଗଲେ କୌଣସି ପ୍ରଭାବ ପଡ଼ିବ ନାହିଁ। ଭଦ୍ରକ ଜିଲ୍ଲାର ବିଧାୟକ ପ୍ରାର୍ଥୀ ଓ ବିଧାୟକମାନଙ୍କର ବିଜୁ ଜନତା ଦଳ ସଂଗଠନ ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେଡି ଭଦ୍ରକ ଜିଲ୍ଲାରେ ବହୁତ ଭଲ ଫଳାଫଳ କରିବ। ସାରା ରାଜ୍ୟରେ ବିଜେଡିର ୯୦ ପ୍ରତିଶତ ଅଧ୍ୟକ୍ଷ ରହିଛନ୍ତି। ଯେଉଁ ୫-୧୦ ଜଣେ ଅଧ୍ୟକ୍ଷ ଦଳରୁ ଚାଲିଯିବେ, ଏହାଦ୍ୱାରା କିଛି ଫରକ ପଡ଼ିବ ନାହିଁ। ଏହାସହିତ ସେମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର ଅନାସ୍ଥା ଆସିବ ଓ ସେମାନେ ପରାସ୍ତ ହେବେ ବୋଲି ଡଃ ରାୟ କହିଛନ୍ତି।

ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ ମଲ୍ଲିକ କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ଆମ ଦଳର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ସାମଲଙ୍କୁ ଭଦ୍ରକ ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। ଯେଉଁ ଅଧ୍ୟକ୍ଷମାନେ ଦଳ ଛାଡୁଛନ୍ତି ବା ଏଭଳି ଆଶଙ୍କା ରହୁଛି, ଦଳର ନେତାମାନଙ୍କ ସହ ସେ ଆଲୋଚନା କରିବେ। ଜିଲ୍ଲାରେ ଦଳର ସ୍ଥିତି ମଜଭୁତ କରିବାକୁ ସଭାପତି ତାଙ୍କୁ ଦାୟିତ୍ୱ ନେଇଛନ୍ତି। ତେବେ ଏହି ନେତାମାନେ ଅନ୍ୟଦଳକୁ ଯିବା ଦ୍ୱାରା ବିଜେଡିରେ କୌଣସି କ୍ଷତି ହେବ ନାହିଁ ଶ୍ରୀ ମଲ୍ଲିକ ଦୋହରାଇଛନ୍ତି।

ସେହିପରି ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ କହିଛନ୍ତି, ଓଡ଼ିଶାର ପ୍ରିୟ ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ନବୀନଙ୍କ ମୂଲ୍ୟବୋଧ ଓଡ଼ିଶାର ଯେକୌଣସି ନେତାଙ୍କ ମୂଲ୍ୟବୋଧଠାରୁ ଅଧିକ। ନବୀନ ପଟ୍ଟନାୟକଙ୍କୁ ଛାଡ଼ି କେହି ଯିବେ ନାହିଁ। ଯେଉଁମାନଙ୍କର କୌଣସି ମୂଲ୍ୟନାହିଁ, ସେମାନେ ଦଳ ଛାଡୁଛନ୍ତି। ଏହାଦ୍ୱାରା ଦଳର କୌଣସି କ୍ଷତି ହେବ ନାହିଁ; ବରଂ ଦଳ ଆହୁରି ମଜଭୁତ ହେବ। ବିଜୁ ଜନତା ଦଳରେ ମୁଁ ଅଛି, ଏହି ଦଳରେ ରହିବି ଓ ଦଳକୁ ମଜଭୁତ କରିବି ବୋଲି ପ୍ରଫୁଲ୍ଲ କହିଛନ୍ତି।

# ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା

ପାଲଲହଡ଼ା, ୧।୧୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ସିଆରିମାଳିଆ ଗ୍ରାମ ବରସାହିରେ ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ମୃତ ମହିଳା ହେଲେ, ଗ୍ରାମର ସୁଦର୍ଶନ ହେମ୍ବ୍ରମଙ୍କ ସ୍ତ୍ରୀ ମଞ୍ଜୁ ହେମ୍ବ୍ରମ। ହତ୍ୟାକାଣ୍ଡ ଘଟାଇବା ପରେ ସୁଦର୍ଶନ ସମ୍ପର୍କୀୟ ଶଳାକୁ ଫୋନରେ ସୂଚନା ଦେଇ ଫେରାର୍ ହୋଇଯାଇଛି।

ସୂଚନାନୁଯାୟୀ, ସୁଦର୍ଶନ ପାଲଲହଡ଼ା ଥାନା ହାତୀମୁଣ୍ଡ ଗ୍ରାମର ମଞ୍ଜୁଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଦୁହିଁଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ମଞ୍ଜୁଙ୍କ ପରପୁରୁଷ ସହ ସଂପର୍କ ଥିବା ସୁଦର୍ଶନ ସନ୍ଦେହ କରୁଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରାୟସମୟ କଳହ ହେଉଥିଲା। ଏପରିକି, ସୁଦର୍ଶନ ମଞ୍ଜୁଙ୍କୁ ମାରପିଟ୍ ମଧ୍ୟ କରୁଥିଲେ। ରବିବାର ମଞ୍ଜୁ ହାଟକୁ ଆସିଥିବା



ବେଳେ ଜଣେ ସମ୍ପର୍କୀୟ ଯୁବକଙ୍କ ସହ କଥା ହେଉଥିଲେ। ସୁଦର୍ଶନ ଏହା ଦେଖିଥିଲେ। ଏହାକୁ କେନ୍ଦ୍ର କରି ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସୁଦର୍ଶନ ଉତ୍ତ୍ୟକ୍ତ ହୋଇ ମଞ୍ଜୁଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଏକ ନିଆଁ କାଠରେ ତାଙ୍କ ଶରୀରର ବିଭିନ୍ନ ଅଙ୍ଗକୁ ଚେଙ୍କ ଦେଇଥିଲା। ଫଳରେ ମଞ୍ଜୁଙ୍କ ମୃତ୍ୟୁ ହୋଇଥିଲା। ସୋମବାର ସକାଳେ ସୁଦର୍ଶନ ନିଜ ସମ୍ପର୍କୀୟ ଶଳାକୁ ଫୋନ ଯୋଗେ ସବୁ ଘଟଣା କହିବା ପରେ ଫେରାର ହୋଇଯାଇଛି। ମଞ୍ଜୁଙ୍କ ଭାଇ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରମ୍ଭରୁ ଏସ୍‌ଆଇଆର୍...

ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ କରି ଆଶା ପ୍ରକାଶ କରିଥିଲେ ଯେ ସେ ଗୃହ ପରିଚାଳନାରେ ନିରପେକ୍ଷତା ଅବଲମ୍ବନ କରି ସଂସଦୀୟ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବେ। ଏହି ସମୟରେ ସେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ପ୍ରସଙ୍ଗ ଉଠାଇଥିଲେ। ଧନଖଡ଼ଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇ ପାରିଲା ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ତେବେ ତାଙ୍କର ଏହି ବକ୍ତବ୍ୟକୁ ସରକାରୀ ସଭ୍ୟ ଦୃଢ଼ ବିରୋଧ କରିଥିଲେ। ନୂଆ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ପୁରୁଣା କଥା ଉଠାଯିବା ଠିକ୍ ନୁହେଁ ବୋଲି ମନ୍ତ୍ରୀ ରିଜିଜୁ ଏବଂ ଜେପି ନଡ୍ଡା କହିବା ସହିତ ଖଡ଼ଗେଙ୍କର ସମାଲୋଚନା କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ମାନସିକ ରୂପେ ଅସୁସ୍ଥ ଥିବାରୁ ସେ ଡାକ୍ତରଙ୍କୁ ଯାଇ ଦେଖା କରନ୍ତୁ।

ଇତିମଧ୍ୟରେ ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ସଭ୍ୟମାନେ ଦେଇଥିବା ଏକାଧିକ ମୁଲତବୀ ନୋଟିସକୁ ରାଜ୍ୟସଭା ଅଧ୍ୟକ୍ଷ ଖାରଜ କରଦେଇଥିଲେ। ଜିରୋ ଆୱାର ବେଳେ ଏହି ପ୍ରସଙ୍ଗ ଉଠାଇବା ଲାଗି ରାଧାକ୍ରିଷ୍ଣନ ବିରୋଧୀ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ବିରୋଧୀ ସଭ୍ୟ ଏହାକୁ ଗ୍ରହଣ ନକରି କକ୍ଷତ୍ୟାଗ କରିଥିଲେ।

ଅନ୍ୟପକ୍ଷରେ ଆଜି ସଂସଦ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଗଣମାଧ୍ୟମରେ ଦେଇଥିବା ବିବୃତିକୁ ବିରୋଧୀ ଦଳ ସମାଲୋଚନା କରିଥିଲେ। ମୋଦୀ କହିଥିଲେ ଯେ କାମ କରିବା ପରିବର୍ତ୍ତେ ବିରୋଧୀ ସଭ୍ୟ ସଂସଦ ।।ରେ ଡ୍ରାମାବାଜି କରୁଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରି କହିଲେ ଯେ ବିରୋଧୀ ସଭ୍ୟମାନେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ ଚାହାନ୍ତି। ଏହା କଣ ଡ୍ରାମାବାଜି ବୋଲି ସେ ପ୍ରଶ୍ନ କରିଥିଲେ।

### ଦୌଡ଼ିଲା ଓଡ଼ିଶା...

ଆୟୋଜିତ ଏଭଳି ନିଆରା ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ୫ବର୍ଷ ପୂର୍ବରୁ ଜନ୍ମ ନେଇଥିବା ସକାଳ ଓ ନନ୍ଦିଘୋଷ ନିଚ୍ଛକ ଖବର ପ୍ରସାରଣ କରି କିଭଳି ଘରେ ଘରେ ପରିଚିତ ହୋଇପାରିଛି ଓ ପାଠକୀୟ ଆଦୃତି ଲାଭ କରିପାରିଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ତଥା ପୂର୍ବତନ ସାଂସଦ, ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମ୍ୟାନେଜର ତଥା ଆଇପିଏଲର ପୂର୍ବତନ ଅଧ୍ୟକ୍ଷ ରଞ୍ଜିବ ବିଶ୍ୱାଳ 'ସକାଳ'ର ପ୍ରୟାସକୁ ପ୍ରଶଂସା କରିଥିଲେ। ଚା' ପରି ଅନେକଙ୍କ ପାଇଁ ସମ୍ବାଦପତ୍ର ଅନେକଙ୍କ ପାଇଁ ଏକ ନିଶା ବୋଲି ଉଲ୍ଲେଖ କରି ସେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବରେ ଓଲିଉଡ୍ ଅଭିନେତ୍ରୀ ତଥା ସମାଜସେବୀ ବର୍ଷା ପ୍ରିୟଦର୍ଶିନୀ, ମିସେସ୍ ୱାଲର୍ଡ ୱାଇଡ୍(ଦୁବାଇ) ସଙ୍ଗୀତା ନାୟକ, ହିରୋ ମୋଟୋ କର୍ପର ଏରିଆ ମ୍ୟାନେଜର ଉଜ୍ୱଳ କୋହଲି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ମିନି ମାରାଥନରେ ପୁରୁଷ ବିଭାଗରେ ପ୍ରଥମ ହୋଇଥିବା ଶଶିକାନ୍ତ ଓରାମ୍, ଦ୍ୱିତୀୟ ସ୍ଥାନ ଏସ୍. ଲୋକନାଥ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପରମେଶ୍ୱର ମାଝୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅନୁରୂପ ଭାବରେ ମହିଳା ବର୍ଗରେ ପ୍ରଥମସ୍ଥାନ ଅଧିକାର କରିଥିବା ମାମିନା ମୁର୍ମୁ, ଦ୍ୱିତୀୟ ପ୍ରଜ୍ଞାଶ୍ରୀ ସୁନ୍ଦର ରାୟ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବା ଜଲି ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

'ହିରୋ ମୋଟୋ କର୍ପ' ଓ 'ଫାଲକନ୍' ସହଯୋଗରେ ଅନୁଷ୍ଠିତ ଏହି ମିନି ମାରାଥନ ଉଦ୍‌ଘାଟନ ଓ ଉଦ୍‌ଯାପନୀ ଉତ୍ସବରେ 'ସକାଳ' ସିଇଓ ସୁବ୍ରତ ଦାସ, ପ୍ରକାଶକ ଅମିତ କୁମାର ମଲ୍ଲିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି, ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ, ନନ୍ଦିଘୋଷ ଟିଭିର ସିଓଓ ଜବରସିଂ ପନୱର, ସମ୍ପାଦକ ଶିଶିର ଭଟ୍ଟମିଶ୍ର, ବିଜ୍ଞାପନ ବିଭାଗ ମୁଖ୍ୟ ନରୋତ୍ତମ ଗୁରୁ, ବାର୍ତ୍ତା ବିଭାଗ ସଂଯୋଜକ ତୁଷାର ରଞ୍ଜନ ମହାନ୍ତିଙ୍କ ସହ ସକାଳ ଓ ନନ୍ଦିଘୋଷ ଟିଭିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳର ସହକାରୀ ବାର୍ତ୍ତା ସମ୍ପାଦକ ମହେଶ୍ୱର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅବସରରେ ପ୍ରାୟୋଜକ ଓ ସହପ୍ରୟୋଜକ ସଂସ୍ଥା ହିରୋ, ଅଜନ୍ତା, ଓମଫେଡ୍, ମଣିପାଲ ହସ୍ପିଟାଲ, ମେଫେୟାର ଗ୍ରୁପ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ମଞ୍ଜରୀ ଦେବୀ ନର୍ସିଂ ଏକାଡେମୀର ଉପସଭାପତି ଶରତ ବିଶ୍ୱାଳ, ନବଜ୍ୟୋତି କଲେଜ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ପ୍ରଧାନ, ବିନାୟକ କନସେପ୍ଟ ସ୍କୁଲ ପ୍ରତିଷ୍ଠାତା ସଞ୍ଜୟ ରାଜ୍, ଡିଓସି ବାଇକର ଗ୍ରୁପ୍, ସିଭି ରମଣ କଲେଜ, ୱିଙ୍ଗର ଭୁବନେଶ୍ୱର, ଫେଡ଼େରେସନ ଅଫ୍ ବ୍ଲଡ଼ ଡୋନେସନ ଅର୍ଗାନାଇଜେସନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଇଞ୍ଜିନିଅରିଂ ଓ ସେଫ୍ଟି ମ୍ୟାନେଜମେଣ୍ଟ ଆଦି ସଂସ୍ଥାକୁ ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଉପସ୍ଥିତଥିବା ଓଡ଼ିଆ ସିନେମା 'ମନ୍ତ୍ରମୁଗଧ' ଟିମ୍‌କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂଜୀବ ଓ ସୋନାଲୀ ସଂଯୋଜନା କରିଥିଲେ।

ପ୍ରସାର ବିଭାଗର ବରିଷ୍ଠ ଅଧିକାରୀ ପ୍ରିୟବ୍ରତ ଦାସ, ପ୍ରମୋଦ ନାୟକ, ସୁଧାଂଶୁ ସାହୁ, ବିଜ୍ଞାପନ ଅଧିକାରୀ ଅଭିଷେକ ସାହୁ, ନନ୍ଦିଘୋଷ ଟିଭିର ସତ୍ୟ ମହାନ୍ତି, ସନ୍ତୋଷ ପରିଡ଼ା, ଚନ୍ଦ୍ରକାନ୍ତ ପଣ୍ଡା, ମନୋଜ ସାହୁ, ସକାଳ ଡ଼ିଜିଟାଲ ମୁଖ୍ୟ ତାପସ କୁମାର, ବିତ୍ତ ବିଭାଗ ମୁଖ୍ୟ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୪୫ ମିନିଟରେ...

ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକାଂଶ ଟିକଟ ପାଇବା ଆଶା ଛାଡି ଦେଇଥିଲେ। ଅଗ୍ରୀମ ବୁକିଂ କରିଥିବା କ୍ରିକେଟପ୍ରେମୀ ଆସନ୍ତା ୮ ଏବଂ ୯ ତାରିଖରେ ଟିକଟର ହାର୍ଡକପି ପାଇବେ। ଏଥି ନିମନ୍ତେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଂଟର ଖୋଲାଯିବ।

ବାରବାଟୀରେ ଭାରତ ଓ ଦକ୍ଷିଣଆଫ୍ରିକା ମଧ୍ୟରେ ୯ ତାରିଖ (ମଙ୍ଗଳବାର) ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚ୍ ଦେଖିବା ନିମନ୍ତେ କ୍ରିକେଟପ୍ରେମୀଙ୍କ ଭିତରେ ଉତ୍କଣ୍ଠା ବହୁଗୁଣିତ ହେବାରେ ଲାଗିଲାଣି। ମ୍ୟାଚ୍ ଦିବସ ଯେତିକି ପାଖେଇଆସୁଛି ବାରବାଟୀ ମୁକାବିଲାକୁ ନେଇ ଆଲୋଚନା ସେତିକି ସରଗରମ ହେଉଛି। ଅନଲାଇନ ଟିକଟ ବିକ୍ରି ଶେଷ ହେବା ପରେ ଆସନ୍ତା ୩ ଏବଂ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟକୁ ଟିକଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲ୍ଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ହଜାର ଟିକଟ ବିକିବାକୁ ଓସିଏ ସ୍ଥିର କରିଛି। ପରେ ଅବଶିଷ୍ଟ ୧୦ହଜାର ଟିକଟ କାଉଣ୍ଟରକୁ ଚାଲିଯିବ। ଚଳିତଥର ୫ଟି କାଉଣ୍ଟର ଖୋଲିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ତନ୍ମଧ୍ୟରୁ ୨ଟି କାଉଣ୍ଟର କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ଅଫଲାଇନ୍ ଟିକଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି। ଟିକଟ ବିକ୍ରି ପାଇଁ ଦୁଇଟି କନଟେନର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା ରହିଛି। ଗତ ୨୦ଦିନ ହେବ ପିଚ୍ ଏବଂ ଆଉଟଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ କରାଯିବ ବୋଲି ଓସିଏ ପକ୍ଷରୁ ଜଣାପଡ଼ିଛି।

### ଡିଜିଟାଲ ଆରେଷ୍ଟ...

ଅଧିକାରୀଙ୍କୁ ଜେରା ଏବଂ ଫୋନ ତଥ୍ୟ ହାସଲ, ବ୍ୟାଙ୍କ ଆକାଉଣ୍ଟ ଜବତ କରିବାକୁ ଅଧିକାର ପ୍ରଦାନ କରିଛନ୍ତି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ।

ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ ଯେ ଡିଜିଟାଲ ଆରେଷ୍ଟରେ ଠକ ନିଜକୁ ପୁଲିସ, କୋର୍ଟ କିମ୍ବା ସରକାରୀ ଏଜେନ୍ସିର ଅଧିକାରୀ କହି ଭିଡିଓ/ଅଡିଓ କଲ୍ ମାଧ୍ୟମରେ ପୀଡ଼ିତଙ୍କୁ, ବିଶେଷ କରି ବରିଷ୍ଠ ନାଗରିକଙ୍କୁ ଧମକ ଦେଉଛନ୍ତି। ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ଆର୍‌ବିଆଇକୁ ମଧ୍ୟ ନୋଟିସ ଜାରି କରିଛନ୍ତି। ସାଇବର ଠକେଇରେ ବ୍ୟବହୃତ ବ୍ୟାଙ୍କ ଖାତାକୁ ତୁରନ୍ତ ଟ୍ରାକ୍ ଏବଂ ଜବତ କରିବାକୁ ଏଆଇ କିମ୍ବା ମେସିନ ଲର୍ଣ୍ଣିଂ ଜ୍ଞାନକୌଶଳର କାହିଁକି ବ୍ୟବହାର କରାଯାଉ ନାହିଁ ବୋଲି ପଚାରିଛନ୍ତି। ସେହିପରି ଆଇଟି ଇଣ୍ଟରମିଡିଆରିଜ ଆଇନ ଅଧିନରେ ସିବିଆଇକୁ ଆବଶ୍ୟକୀୟ ସହଯୋଗ ଏବଂ ତଥ୍ୟ ଦେବାକୁ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦେଶରେ ଥିବା ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବାକୁ ଇଣ୍ଟରପୋଲର ସହାୟତା ନେବା ପାଇଁ ସିବିଆଇକୁ କହିଛନ୍ତି।

ଟେଲିକମ ବିଭାଗ ଏବଂ ରାଜ୍ୟମାନଙ୍କୁ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ କିଛି ନିର୍ଦ୍ଦେଶ ଜାରି କରିଛନ୍ତି। ଏକ ବ୍ୟକ୍ତି କିମ୍ବା ସଂସ୍ଥାକୁ ଏକାଧିକ ସିମ୍ ଜାରି ନ କରିବା ପାଇଁ କହିଛନ୍ତି। କାରଣ ସାଇବର ଅପରାଧରେ ଏଗୁଡ଼ିକର ବହୁଳ ବ୍ୟବହାର କରାଯାଉଛି। ସାଇବର ଠକେଇର ମୁକାବିଲା ପାଇଁ କି ଯୋଜନା କରିଛ ତାହାର ଜବାବ ଦେବାକୁ କୋର୍ଟ ଟେଲିକମ ବିଭାଗକୁ କହିଛନ୍ତି। ଆଞ୍ଚଳିକ ଏବଂ ରାଜ୍ୟସ୍ତରରେ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟଗୁଡ଼ିକୁ କହିଛନ୍ତି। ଏହା ଦ୍ୱାରା ସିବିଆଇ ଏବଂ ପୁଲିସ ମଧ୍ୟରେ ଉତ୍ତମ ସହଯୋଗ ରହିବ। ଏହି ତଦନ୍ତରେ ସହାୟତା ପାଇଁ ରାଜ୍ୟଗୁଡ଼ିକରୁ ଅଧିକାରୀ ଚୟନ ଲାଗି ମଧ୍ୟ କୋର୍ଟ ସିବିଆଇକୁ ସ୍ୱାଧୀନତା ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର ସଂ.01
ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂ. ସନ୍ଦର୍ଭରେ ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ରୂପାନ୍ତରଣ କରାଯାଇଛି।

| ପ୍ରକାଶିତ ଅନୁଯାୟୀ | ପଢ଼ାଯିବା ଆବଶ୍ୟକ |
|---|---|
| 11.12.2025, 1200 ଘଟିକା | 27.01.2026, 1200 ଘଟିକା |

ବିସ୍ତୃତ ବିବରଣୀ ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-172/CI/25-26

**AFFIDAVIT**

By virtue of an affidavit before the Notary Public, Sonepur, dtd.01.12.2025. I, Priyanka Kaanr, resident of Bhajabajpur, PO-Dharmasala, PS-Birmaharajpur, Dist-Subarnapur, Odisha, PIN-767062, do hereby declare that my I have changed my name from Priyanka Kaanr to Priyankarani Kaanr. Henceforth I shall be known as Priyankarani Kaanr for all purposes.
Sd/- Priyankarani Kaanr

RAIN, SUN AND FIREPROOF
KONARK IS THE RIGHT ROOF

KONARK
Right at the top


USE
KONARK
AC SHEETS & ACCESSORIES

**UAL - ODISHA**
(PROP. : UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



WHILE SOME PERSUE FOR EXCELLENCE
WE ARE BORN TO EXCELL.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, vide No - 46, dtd 01/12/2025. I, Barun Kumar Sahoo, At/Po/Ps - Tamando, Pin - 752054, Dist - Khordha, Odisha, declare that I have changed my name from Barun Sahoo to Barun Kumar Sahoo. Henceforth I shall be known as Barun Kumar Sahoo for all purposes.

**NOTICE**

By virtue of an affidavit sworn before Executive Magistrate, Puri, Dated 27.11.2025, I, Susanta Sahoo, S/o- Rajkishore Sahoo, At-Tridev Nagar, Markandeswar Sahi, Puri, Po- Puri, Ps- Baseli sahi, Dist- Puri, Pin- 752001, Odisha declare that I have changed my name from Susanta Kumar Sahoo to Susanta Sahoo. Henceforth, I shall be known as Susanta Sahoo for all purposes.
(Susanta Sahoo)

**AFFIDAVIT**

I, Praduymnya Rout, S/o- Dolagobinda Rout, resident of At-Balabhadrapur, Cuttack sadar, Cuttack, Dist-Cuttack, PIN-753012, Odisha declared by this affidavit No-982, dtd-01/12/2025 that now onwards I shall be known as **PRADYUMNA ROUT** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 19/11/2025. Affidavit No.-3398, I Keshav Kelu Sahoo, Address- Govindapur, Po.- Parichhal, Ps.- Begunia, Dist.- Khordha, Pin-752062 declare that, my Name from **Keshav Chandra Sahu** to **Keshav Kelu Sahoo**. Henceforth, I shall be known as **Keshav Kelu Sahoo** for all purposes.

**AFFIDAVIT**

I Santosh Giri s/o- Krushna Prasad Giri - , resident of village - Sialia, Po-Pasarbindha Ps- Bhograi, Dist- Balasore, Odisha, declared by affidavit before Executive Magistrate , Bhograi No.6008/1.12. 2025, that my minor son's former name Aush Giri has changed to Ayush Giri form the date.Hence my son name shall be known as Ayush Giri for all future purpose.

**AFFIDAVIT**

I, Droupadi Agrawal, aged about 59 years, W/o- Binod Kumar Agrawal, resident of Ward No-8, Rajapada, Khariar, Po- Khariar, Ps- Khariar, Dist- Nuapada, Odisha, Pin- 766107 declare by this affidavit No. 2421, dtd- 30/11/2025, that now onwards I shall be known as **DROPTI DEVI AGRAWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 25.11. 2025 I, KEDARA SAHU, S/o - Late. Subash Chandra Sahoo, Residences of Bada Harijan Sahi, Nabarangpur, Po.- Nabarangpur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed the name of my Son from **SOUMYA HARIJAN SAHU** to **ANSUMAN SAHU**. Henceforth, he shall be known as **ANSUMAN SAHU** for all purposes.
Sd/- Kedara Sahu

**AFFIDAVIT**

I, Susmita Rout, W/o- Pradyumna Rout, resident of At- Balabhadrapur,Chhatra Bazar, Cuttack sadar, A D Market, Cuttack, Dist- Cuttack, PIN-753012, Odisha declared by this affidavit No-983, dtd- 01/12/2025 that now onwards I shall be known as **SUSHMITA ROUT** for all future purposes.

**AFFIDAVIT**

I, Anusmita Sahoo, D/o Seshadev Sahu, W/o- Debabrata Sahu, resident of AT/PO- Ekatara, PS- M Rampur, Dist- Kalahandi, PIN- 766102, Odisha, present resident of AT/PO- Titilagarh, Dist- Balangir, PIN- 767033, Odisha declared by this affidavit No. 72AA 949067, date- 12/11/2025 that now onwards I shall be known as **ANUSMITA SAHU** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela, vide no. 02, dated 20.11.2025 I, Kalachand Bhue, S/o - Sujan Bhue, R/o Village/ P.O.- Chhuriapali, Ps.- Sohela, Dist.- Bargarh, declare that, I have changed the name of my minor Son from **ROHIT BHUE** to **PRITAM BHUE**. Henceforth, he shall be known as **PRITAM BHUE** for all purposes.
Sd/- Kalachand Bhue

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**ପୌର ପରିଷଦ, ଖୋରଧା**
C-1584

ଦୈନିକ ଓଡ଼ିଆ ଖବର କାଗଜ "ସକାଳ"ର ପ୍ରତିଟି ଖବର ଖୋରଧା ତଥା ଓଡ଼ିଶାର ଜନସାଧାରଣଙ୍କ ନିକଟରେ ବେଶ୍ ପ୍ରିୟଭାଜନ ହୋଇପାରିଛି । ୫ମ ବାର୍ଷିକ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଖୋରଧା ପୌର ପରିଷଦ ଓ ଜନସାଧାରଣଙ୍କ ତରଫରୁ ଏହାର ଉତ୍ତରୋତ୍ତର ଉନ୍ନତି ଓ ଦୀର୍ଘ ସଫଳତା କାମନା କରୁଅଛି ।

ରିଜ୍ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା
OIPR-

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ,**

ପଟ୍ଟାମୁଣ୍ଡାଇ ପୌର ପରିଷଦ ତାହାର ଅଗଣିତ ଟିକସ ଦାତା, ପୌରବାସୀ, ବ୍ୟବସାୟୀ ଅନୁଷ୍ଠାନ ଓ ବୃଦ୍ଧିଜିବୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।

ନିବେଦନ
01. ପୌର ପରିଷଦ ଅଞ୍ଚଳର ଜନ ସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
02. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
03. ସହର ଓ ଆଭ୍ୟନ୍ତରିଣ ରାସ୍ତା ଗୁଡିକ ଉପରକୁ ଗୃହ ପାଳିତ ପଶୁମାନଙ୍କୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
04. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
05. ପତିତ ଜମି ଓ ରାସ୍ତା କଡରେ ବୃକ୍ଷ ରୋପଣ କରିବା କାର୍ଯ୍ୟରେ ନିଜକୁ ସାମିଲ କରି ପରିବେଶ ସୁରକ୍ଷାରେ ସହାୟକ ହୁଅନ୍ତୁ ।
06. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
07. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
08. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜ୍ଜନା ଜମା କରନ୍ତୁ ନାହିଁ କିମ୍ବା ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
09. ଡଷ୍ଟ ବିନକୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
10. ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ କରନ୍ତୁ । ବର୍ଷା ଜଳ ସଂରକ୍ଷଣ ନିମନ୍ତେ ନିଜ ଗୃହରେ Rain Water Harvesting ଉପାୟ ଅବଲମ୍ବନ କରନ୍ତୁ।

ଆମର ଲକ୍ଷ୍ୟ:-
- ବେକାର ଯୁବକ ଓ ଯୁବତୀଙ୍କ ଥଇଥାନ ପାଇଁ ରାମ ମନ୍ଦିର ନିକଟରେ ମାର୍କେଟ୍ କମ୍ପ୍ଲେକ୍ସ ଚଳିତ ବର୍ଷ ନିର୍ମାଣ କରାଯିବାକୁ ସ୍ଥିର କରାଯାଇଅଛି ।
- ପଟ୍ଟାମୁଣ୍ଡାଇ ତହସିଲ ପୋଖରୀର ପୁନଃଉଦ୍ଧାର ଓ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ଚଳିତ ବର୍ଷ ପୂର୍ଣ୍ଣାଙ୍ଗ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଉଅଛି ।
- ୱାର୍ଡ ନଂ-04,12,13, ଓ 15 ଠାରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ଓ.ଆର.ଏସ୍
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ
ଅଧ୍ୟକ୍ଷ
ଉପାଧ୍ୟକ୍ଷା ଓ ସମସ୍ତ ପାରିଷଦ ବୃନ୍ଦ

## ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ପ୍ରଥମ ସନ୍ଧ୍ୟା

# ସଂସ୍କୃତି ଓ ଅସ୍ମିତାକୁ ବଞ୍ଚାଏ ମହୋତ୍ସବ

■ ସୌରଭ ଓ ଦୀପ୍ତିରେଖାଙ୍କ ଗୀତରେ ଝୁମିଲେ ଦର୍ଶକ ■ ଖଡ଼ଖାଇ ବନ୍ଧ ଆକୃତିର ତୋରଣ ଏଥରର ଆକର୍ଷଣ

ବାରିପଦା,୧।୧୨(ସମିସ): ସଂସ୍କୃତି ଓ ଅସ୍ମିତାକୁ ବଞ୍ଚାଏ ମହୋତ୍ସବ। ଆହା ନ ଥିଲେ ଶରୀର ମୃତ। ସେହିପରି କଳା, ସଂସ୍କୃତି ଓ ପରମ୍ପରା ନ ଥିଲେ ଦେଶ ମୃତ। ମୟୂରଭଞ୍ଜ ଜିଲ୍ଲା କଳା ସଂସ୍କୃତିର ଏନ୍ତୁଡିଶାଳ। ଯାହା ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଏହାକୁ ବଳବତ୍ତର ରଖିବା ପାଇଁ ମୟୂରଭଞ୍ଜ ମହୋତ୍ସବ ଏକ ନିଆରା ପ୍ରୟାସ ବୋଲି ଅତିଥିମାନେ କହିଛନ୍ତି। ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସଏ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ, ଏସପି ବରୁଣ ଗୁଣ୍ଟୁପାଲ୍ଲୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମହୋତ୍ସବ କମିଟିର ଅଧ୍ୟକ୍ଷ ସିନେ ଅଭିନେତା ଅସିତ ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଂଜୀବ ଦ୍ୱିବେଦୀ, ସାଧାରଣ




ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡେଇ, ସୁଜିତ ମହାନ୍ତି, ଅମର ସେଠୀ, ଶୁଭେନ୍ଦୁ ସାହୁ, ସଞ୍ଜିବ ରାଉତ, କାଶୀନାଥ ରଣା, ଅମିତାଭ ସାହୁ, ତରୁଣ ମହାନ୍ତି, ସତ୍ୟ ସ୍ୱରୂପ ଦାଶ, ସତ୍ୟଜିତ ସୋମ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ପ୍ରାରମ୍ଭରେ ମୋହତ୍ସବ କମିଟିର ପ୍ରଥମ ଅଧ୍ୟକ୍ଷ ଦିବଂଗତ ଉତ୍ତମ ମହାନ୍ତି ଓ କପ୍ତିପଦା ଉପଖଣ୍ଡର ପ୍ରଥମ ସଭାପତି ନିରଞ୍ଜନ ସାହୁଙ୍କ ଆହାର ସତଗତି ନିମନ୍ତେ ଗୋଟିଏ ମିନିଟ ନିରବ ପ୍ରାଥନା କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଧରି ମହୋତ୍ସବ ଚାଲିବ। ଉଦଘାଟନୀ ସନ୍ଧ୍ୟାରେ ସୌରଭ ଓ ଦୀପ୍ତିରେଖା ସଙ୍ଗୀତରେ ସମସ୍ତେ ଝୁମିଥିଲେ। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଂଜିତ ସାହୁ ମଞ୍ଚ ପରିଚାଳନା କରିଥିଲେ। ସୁମଧୁର ସଂଗୀତ ଦର୍ଶକଙ୍କ ବିଭିନ୍ନ ସନ୍ଧ୍ୟାରେ ସହିତ ମୟୂରଭଞ୍ଜ ଜିଲ୍ଲାର କଳାକାର ମଧ୍ୟ ନିଜ ନିଜର କଳା ପ୍ରଦର୍ଶନ କରିବେ। ଏହି ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ, ତା'ସହ ଘରକରଣା ସାମଗ୍ରୀ ଓ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ୍ୟ ମଜା ଉଠାଉଛନ୍ତି ଦର୍ଶକ। ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ମହୋତ୍ସବରେ ଖୋଲିଛି। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଯୁବପିଢିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଲ୍‌ଫି ଜୋନର ବ୍ୟବସ୍ଥା କରାଯାଇଥିବାବେଳେ ଭିଡ ଦେଖିବାକୁ ମିଳିଛି। ଦ୍ୱିତୀୟ ସନ୍ଧ୍ୟା ମଙ୍ଗଳବାର ଝୁମର କଳାକାର ରଞ୍ଜିତ, ମୋନାଲିସା ଓ ଟ୍ୱିଙ୍କିଲ ସେମାନଙ୍କ ଟିମ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବେ।

## ବାରିପଦା ସଞ୍ଚାର ନିଗମ କର୍ଯ୍ୟାଳୟକୁ ସ୍ୱୟଂ ସମ୍ପୂର୍ଣ୍ଣ କରିବା ଦାବିରେ ଧାରଣା

ବାରିପଦା,୧।୧୨(ସମିସ): ବାରିପଦା ଭାରତୀୟ ଦୂରସଞ୍ଚାର ନିଗମ କର୍ଯ୍ୟାଳୟକୁ ପୂର୍ବ ପରି ସ୍ୱୟଂସମ୍ପୂର୍ଣ୍ଣ କରିବା ଦାବିରେ ଧାରଣା ଓ ପ୍ରତିବାଦ ସଭା ମଧୁବନ ସଂଚାର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟାଳୟକୁ ସ୍ଥାଣୁ କରିବାକୁ ଚକ୍ରାନ୍ତ କରି କ୍ଷମତା ଅପସାରଣ କରାଯାଇଥିବାରୁ ପ୍ରତିବାଦ କରାଯାଇଛି। ମଧୁବନଠାରେ ଥିବା ଦୂରସଂଚାର ନିଗମ କର୍ଯ୍ୟାଳୟର ପ୍ରଶାସନିକ କ୍ଷମତାଠାରୁ ଆରମ୍ଭ କରି ଆର୍ଥିକ କ୍ଷମତାକୁ ବେଆଇନ ଭାବେ ବାଲେଶ୍ୱର ଦୂରସଂଚାର ନିଗମ କର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିବାରୁ ଏହାର ପ୍ରତିବାଦରେ କର୍ଯ୍ୟାଳୟ ସମ୍ମୁଖରେ ବୁଦ୍ଧିଜୀବୀ, ନେତୃମଣ୍ଡଳୀ ଓ ସମବେତ ଜନତା ଏକାଠି ହୋଇ ଧାରଣା ଦେଇଥିଲେ। ବରିଷ୍ଠ ନାଗରିକ ସମିତି ସଭାପତି ଡଃ ଯୋଗେନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ସମିତି ସ୍ଥାନୀୟ ସଭାପତି ବସନ୍ତ ଦାସ, ରବୀନ୍ଦ୍ର ନାୟକ, ରଘୁନାଥ ପଣ୍ଡା, ସର୍ବେଶ୍ୱର ଭୂୟାଁ, କୁଞ୍ଜବନ ପୃଷ୍ଟି, ଈଶ୍ୱର ଦାସ, ବାରିପଦା ଓକିଲ ସଂଘ ସେକ୍ରେଟାରୀ ବିପ୍ଳବ ବାରିକ, ବଣିକ ସଂଘ ସଂପାଦକ ସରୋଜ ବୋଷ, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜଗବନ୍ଧୁ ମିଶ୍ର ପ୍ରମୁଖ ସାମିଲ ଥିଲେ। ପ୍ରତିବାଦକାରୀ ବାରିପଦା ସଂଚାର ନିଗମ କର୍ଯ୍ୟାଳୟକୁ ସଂକୁଚିତ କରିବା ଚକ୍ରାନ୍ତର ଦୃଢ଼ ନିନ୍ଦା କରିବା ସହ ସଂଚାର ନିଗମ କର୍ଯ୍ୟାଳୟର ସ୍ଥିତାବସ୍ଥା ବଜାୟ ରଖି ପୁନଃ ପୂର୍ଣ୍ଣ କ୍ଷମତା ପ୍ରଦାନ କରିବାକୁ ଦୃଢ ଦାବି କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ

ବାରିପଦା, ୧।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ସୋମବାର ସ୍ଥାନୀୟ ସହିଦ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ କାନ୍ଧ୍ରା ସୋରେନ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ମହାନ୍ତି ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିବିଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଲୋକନୃତ୍ୟ (ଗୋଷ୍ଠୀ), ଲୋକଗୀତ (ଗୋଷ୍ଠୀ), କାହାଣୀଲେଖା, ଚିତ୍ରକଳା, କବିତା ଲେଖା, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଉକ୍ତ ଉଦଘାଟନୀ ଉତ୍ସବକୁ ଶିକ୍ଷକ ସୋମନାଥ ସିଂ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ପାଇଁ ମୟୂରଭଞ୍ଜର ୧୬ଜଣିଆ ଦଳ

ବାରିପଦା,୧।୧୨(ସମିସ): ରାଜ୍ୟସ୍ତରୀୟ ବାଳିକା ଫୁଟବଲ ପ୍ରତିଯୋଗିତା ୨ରୁ ୫ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାସ୍ଥ ମାଣିକେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହେବ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗୀରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମୟୂରଭଞ୍ଜ ଜିଲ୍ଲାରୁ ୧୬ ଜଣ ଛାତ୍ରୀ ଯୋଗ ଦେଇଛନ୍ତି। ଜେନେରାଲ ମ୍ୟାନେଜର ଭାବେ ପିଇଟି ଜଗତଜିତ ମାଝୀ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ଗୀତାଞ୍ଜଳି ସିଂ ଦେବ ସଜନ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦଳକୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବାଲି ଚାଲାଣବେଳେ ୨ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/କରଞ୍ଜିଆ,୧।୧୨(ସମିସ): ବେଆଇନ ଲଘୁ ଖଣିଜ ଚୋରା ଚାଲାଣ ବେଳେ ପୁଲିସ ଦ୍ୱାରା ୨ଟି ଟ୍ରାକ୍ଟର ଜବତ କରାଯାଇଛି। ବାଲି ମାଫିଆଙ୍କ ଉପଦ୍ରବ ଜାରି ଥିବାବେଳେ ପୁଲିସ ପକ୍ଷରୁ କଡାକଡି ଚଢ଼ଉ କରାଯାଉଛି। ଜାମଦା ଥାନା ପୁଲିସ ପକ୍ଷରୁ କାଣ୍ଡସୋର ଗ୍ରାମ ଅଞ୍ଚଳରେ ପାଟ୍ରୋଲିଂ ବେଳେ ଏକ ବାଲି ବୋଝେଇ ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବାବେଳେ ପୁଲିସ ଦ୍ୱାରା ବାଲି ଓ ଟ୍ରାକ୍ଟର ଜବତ କରାଯାଇଛି। ଦହୁପାଣି ଗ୍ରାମର ଶମ୍ଭୁ ଦେହୁରୀ ନାମକ ଚାଳକଙ୍କୁ ଗିରଫ କରାଯାଇଛି। ସେହିପରି କରଞ୍ଜିଆ ଥାନା ପକ୍ଷରୁ ବଡ଼ଦେଉଳି ଅଞ୍ଚଳରେ ପାଟ୍ରୋଲିଂ ବେଳେ ହାଇୱା ଜବତ କରାଯାଇଛି।

## ମୋବାଇଲ ଝାମ୍ପିନେଲେ ଦୁର୍ବୃତ୍ତ

ବାରିପଦା,୧।୧୨(ସମିସ):ବାରିପଦା ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ଦୁର୍ବୃତ୍ତମାନେ ମୋବାଇଲ ଝାମ୍ପି ନେଇଛନ୍ତି। ଏ ନେଇ ତୁଳସୀଚୌରା ଅଞ୍ଚଳର ସ୍ୱାଧୀନ ସିଟ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସକାଳୁ ସେ କବରଖାନା ନିକଟରେ ଫୋନରେ କଥା ହୋଇଯାଉଥିବାବେଳେ ଦୁଇଜଣ ଦୁର୍ବୃତ୍ତ ମୋବାଇଲ ଝାମ୍ପିନେଇଥିଲେ।

## ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ

ବାରିପଦା, ୧।୧୨(ସମିସ): ସୋମବାର ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ସଭାପତି ଅରୁଣ ବେହେରାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ସମସ୍ତ ବିଭାଗର ଅଫିସର ଉପସ୍ଥିତିରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ କରିଥିଲେ। ଜିଲ୍ଲାରେ ୭୦ ହଜାରରୁ ଅଧିକ ଦିବ୍ୟାଙ୍ଗ ଥିବାବେଳେ ଜିଲ୍ଲା ପ୍ରଶାସନର ଖାମଖିଆଲି ନୀତି ଯୋଗୁଁ ଦିବ୍ୟାଙ୍ଗମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଏ ବିଷୟରେ ଆଲୋଚନା କରି ବିଫଳ ହେବାରୁ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ଜିଲ୍ଲା ପ୍ରଶାସନ। ଏମିତିକି ଦୁଇବର୍ଷ ତଳେ ହୋଇଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସାର୍ଟିଫିକେଟ ମିଳିପାରିନାହିଁ। ପୁଣି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଉଛି। ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଦିବ୍ୟାଙ୍ଗଙ୍କୁ ସାର୍ଟିଫିକେଟ ପାଇଁ ବାରିପଦା ରେଫର କରା ନ ଯାଇ ଶିବିରରେ ପରୀକ୍ଷା କରାଇ ସାର୍ଟିଫିକେଟ ପ୍ରଦାନ କରାଇବା, ଭତ୍ତା ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଇବା, ୩୦୦୦-୩୫୦୦ ଭତ୍ତା ରାଶି ପ୍ରଦାନ କରାଯାଇଥିବା ଦିବ୍ୟାଙ୍ଗଠାରୁ ଟଙ୍କା ଫେରସ୍ତ ନ ନେଇ ସମସ୍ୟାର ସମାଧାନ କରାଇବା, ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗଙ୍କୁ ନେଇ ଖେଳ ପ୍ରତିଯୋଗିତା ଗୋଟିଏ ନିର୍ଦ୍ଦିଷ୍ଟ ସ୍କୁଲକୁ ନେଇ କରା ନ ଯାଇ ଜିଲ୍ଲାରେ ଥିବା ଦିବ୍ୟାଙ୍ଗଙ୍କୁ ନେଇ ଖେଳ ପ୍ରତିଯୋଗିତା କରାଇବା, ବିଶ୍ୱ ଭିନ୍ନକ୍ଷମ ଦିବସ ନିର୍ଦ୍ଦିଷ୍ଟ ଏକ ସ୍କୁଲ ପିଲାଙ୍କୁ ନେଇ କରାଯାଉଥିବାରୁ ତାକୁ ବନ୍ଦ କରାଯାଇ ଜିଲ୍ଲାରେ ଥିବା ଦିବ୍ୟାଙ୍ଗଙ୍କୁ ନେଇ ପାଳନ ଆଦି ଦାବି କରାଯାଇଛି। ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଧାରଣାରେ ବସିଥିବା ଦିବ୍ୟାଙ୍ଗଙ୍କ ପାଖକୁ ଉପଜିଲ୍ଲାପାଳ, ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଟାଉନ ଥାନା ଅଧିକାରୀ ଓ ଅନ୍ୟ ଅଧିକାରୀ ଆସି ଆଲୋଚନା କରିବା ସହ କିଛି ସମସ୍ୟା ତୁରନ୍ତ ସମାଧାନ କରିବା ପରେ ଅନ୍ୟ ସମସ୍ୟା ସମ୍ପର୍କରେ ଦୁଇଦିନ ମଧ୍ୟରେ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସଭାପତି ଅରୁଣ ବେହେରାଙ୍କ ସହ କୁନୁ ବିନ୍ଧାଣି, ସାବିତ୍ରୀ ସିଂ, ରଞ୍ଜିତ ସିଂହ, ଛବି ସିଂ, ଲକ୍ଷ୍ମଣ ଦାସ, କଟିବାବୁ ଜେନା, ସତ୍ୟକିଙ୍କର ବେହେରା, ସଞ୍ଜୁ ମହାନ୍ତ, ନରେନ୍ଦ୍ର ସିଂ, ଶବର ସିଂ ସହିତ ଶତାଧିକ ଦିବ୍ୟାଙ୍ଗ ଉପସ୍ଥିତ ଥିଲେ।

## ମଧ୍ୟାହ୍ନ ଭୋଜନ ପାଇଁ ସ୍କୁଲରେ ତାଲା

ଉଦଳା, ୧।୧୨(ସମିସ): ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱୟଂସହାୟକ ଗୋଷ୍ଠୀ ଯୋଗାଉଥିଲେ ମଧ୍ୟାହ୍ନଭୋଜନ। ତେବେ ୬ ମାସ ଧରି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମଧ୍ୟାହ୍ନଭୋଜନ ଟଙ୍କା ମିଳି ନ ଥିବାରୁ ସ୍ୱୟଂସହାୟକ ଗୋଷ୍ଠୀ ଏହି ବିଦ୍ୟାଳୟରେ ତାଲା ପକାଇଛନ୍ତି। ଉଦଳା ବହୁବନ୍ଧ ଆଶ୍ରମ ବିଦ୍ୟାଳୟରେ ସ୍ୱୟଂସହାୟକ ମହିଳା ତାଲା ପକାଇଥିବାରୁ ବିଦ୍ୟାଳୟ ଗେଟ ବାହାରେ ରହିଛନ୍ତି ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ। ଏହି ବିଦ୍ୟାଳୟରେ ୨୭୨ ଛାତ୍ରଛାତ୍ରୀ ପଢୁଥିବାବେଳେ ସ୍ଥାନୀୟ ମା' ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଆସୁଛନ୍ତି। ୬ ମାସ ହେବ ସେମାନଙ୍କୁ ମିଳିପାରିନାହିଁ ମଧ୍ୟାହ୍ନଭୋଜନ ଟଙ୍କା। ଫଳରେ ମହିଳା ଗୋଷ୍ଠୀ ପକ୍ଷରୁ ସ୍କୁଲ୍‌ରେ ତାଲା ପକାଯାଇଥିବା ଜଣାପଡିଛି।

## ବିଶ୍ୱ ଏଡ୍‌ସ ଦିବସରେ ସଚେତନତା କାର୍ଯ୍ୟକ୍ରମ

# ୨୦୩୦ ସୁଦ୍ଧା ରୋଗର ନିରାକରଣ ଲକ୍ଷ୍ୟ











କେନ୍ଦୁଝର,୧।୧୨(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଓସାକ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ପ୍ରାତଃରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲା ପ୍ରଶିକ୍ଷଣ ୟୁନିଟ ହଲ୍‌ରେ ଏଡିପିଏଚଓ (ଯକ୍ଷ୍ମା) ଡ ନିଲମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଡିଏମଓ ମେଡିକାଲ ଡ ପ୍ରଦୀପ କୁମାର ମିଶ୍ର ମୁଖ୍ୟଅତିଥି, ଯୁଗ୍ମ ସମ୍ପାଦକ ଭାରତୀୟ ରେଡକ୍ରସ ସଂସ୍ଥା ଏଆର ଖାନ ସମ୍ମାନିତ ଅତିଥି, ଡିପିଏସିଓ ଭରତ କୁମାର ସାହୁ ଅନ୍ୟତମ ଅତିଥି, ଏଆଟି ମେଡିକାଲ ଅଫିସର ଅଶ୍ୱିନୀ କୁମାର ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୩୦ ସୁଦ୍ଧା ଏଡସ ନିରାକରଣ ଲକ୍ଷ୍ୟ ଉପରେ ଆଲୋଚନା କରାଯାଇଥିଲା। ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ଉତ୍ସବ ପରିଚାଳନା କରିଥିଲେ। ଆଇସିଟିସି କାଉନସିଲର ସୁଶ୍ରୀ ସଂଗୀତା ମହାନ୍ତି, ରଚିତା ଗୋସ୍ୱାମୀ, ଏଆରଟି କାଉନସେଲର ପ୍ରିୟଙ୍କା ଗିରି, ଡିଏସଆରସି କାଉନସେଲର ଚନ୍ଦନ ପାଣିଗ୍ରାହୀ, ଜିଏନଏମ ଟିଉଟର ପୁଷ୍ପରାଣୀ ମହାନ୍ତ, ଏସଏ ବୃନ୍ଦାବନ ସାହୁ, ଡିପିସି ତାପସ ରଞ୍ଜନ ଜେନା, ଲକ୍ଷ୍ମଣ ରାଉତ, ଦିଲୀପ ସାହୁ, ଅନିଲ ପାତ୍ର, ସତ୍ୟବ୍ରତ ସାହୁ, ରାଜେଶ ଦଳେଇ, ଗୋକୁଳନନ୍ଦ ମହାନ୍ତ, ୱାନଷ୍ଟପ ସେଣ୍ଟରର ଗୋକୁଳଚନ୍ଦ୍ର ପାତ୍ର, ପଲ୍ଲବଚନ୍ଦ୍ର ନାୟକ, ସୋମାଲି ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




ସେହିପରି କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ



ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡା.ପ୍ରିୟବ୍ରତ ରାଉତ ଯୋଗ ଦେଇଥିଲେ। ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଅର୍ପିତାରାଣୀ ମହାନ୍ତି ଛାତ୍ରଛାତ୍ରୀଙ୍କୁ ରୋଗ ସମ୍ପର୍କରେ ସଚେତନ କରିଥିଲେ। ଏକ କର୍ମଶାଳା ଏବଂ ସଚେତନତା ଶୋଭାଯାତ୍ରା ଛାତ୍ରଛାତ୍ରୀଙ୍କ ଦ୍ୱାରା ଅୟୋଜିତ ହୋଇଥିଲା। ଅଧ୍ୟାପକ ରାମଶଙ୍କର ସାହୁ, ପ୍ରସନ୍ନ ପ୍ରଧାନ, ସନତ ଦାସ, ଦୀପକ ଚାଓ୍ୱଡା, ତାପସ ଜେନା, ହରେରାମ ମାଝୀ, ଗୋଲକ ବିହାରୀ ସାହୁ, ଅଭୟ ଦେହୁରୀ, ପ୍ରକାଶ ପ୍ରଧାନ, ଅଧ୍ୟାପିକା ସୌମ୍ୟାରାଣୀ ପୃଷ୍ଟି, ବିନ୍ଦୁସ୍ମାତା ପାତ୍ର ସମେତ ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀଗଣ ସହଯୋଗ କରିଥିଲେ। ଯୁବରେଡକ୍ରସର ଉପଦେଷ୍ଟା ଅଧ୍ୟାପକ ସୁରେଶ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ, ଶୁଆକାଟିସ୍ଥିତ ପାଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହି ଉପଲକ୍ଷେ ୱାଇଆର୍‌ସି କାଉନସେଲର ଆନନ୍ଦଚନ୍ଦ୍ର ନନ୍ଦ, ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି ଶୁଆକାଟୀ ହାଟିଂ ପରିକ୍ରମା କରିଥିଲା। ପରେ ଏଡ୍ସ ଶୀର୍ଷକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପସ୍ଥିତ ସମସ୍ତ ଅଧ୍ୟାପିକା।ଅଧ୍ୟାପକ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ମିଶ୍ର ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା ଆନନ୍ଦପୁର ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲା। ପରେ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭାରେ ବିଶେଷ ଅତିଥି ଭାବେ ଆନନ୍ଦପୁର ଉପଖଣ୍ଡୀୟ ଚିକିତ୍ସାଳୟର ଅଧୀକ୍ଷକ ଡ କୃଷ୍ଣଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ଡ ଉଦୟ ଭାସ୍କର ପଣ୍ଡା, ସମ୍ମାନିତଅତିଥି ଭାବେ ଡ ନିମାଇ ଚରଣ ରାଉତ, ଶ୍ରୀଲେଖା ସାହୁ, ଅଧ୍ୟାପିକା ଭାରତୀ ସାହୁ, ଅନିତା ଦାସ, ମଧୁସ୍ମିତା ସାହୁ, ଅଧ୍ୟାପକ ପ୍ରକାଶ ସାହୁ, ଓଜେଲ ପଟ୍ଟନାୟକ ଅଧ୍ୟାପିକା ଆରତୀ ଲୁଗୁନ ପ୍ରାସଂଗିକ ମତ ରଖିଥିଲେ। ଅଧ୍ୟାପକ ରଘୁଦୀପ୍ତି ନାୟକ ସଂଯୋଜନା କରିଥିବା ବେଳେ ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିବା ବେଳେ ଅଧ୍ୟାପକ ପୂର୍ଣ୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ ଧନ୍ୟବାଦ ଦେଇଥିଲେ। ପ୍ରାଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏଡ୍ସ ସଚେତନତା ଡ୍ରାମା ପରିବେଷଣ କରାଯାଇଥିଲା। ପ୍ରଫୁଲ୍ଲ ପଣ୍ଡା, ଆଦ୍ୟଦେବ ମହାନ୍ତି, ମମତା ମିଶ୍ର, ସୁରୁଚି ସ୍ୱାଇଁ, ସବିନା ଆରା ବେଗମ୍, ଅଧ୍ୟାପକ ବିଶ୍ୱରଂଜନ ସାହୁ, ରୋଶନ୍ ଢେଂଗ୍ରା, ସୁବ୍ରତ ସାହାଣୀ, ପ୍ରତାପ କର, ଦେବାଶିଷ ଆଚାର୍ଯ୍ୟ, ରତିକାନ୍ତ ଦାସ, କାହ୍ନୁ ଚରଣ ଜେନା, ଡ ଶକ୍ତିପ୍ରସାଦ ମହାପାତ୍ର ସହିଯୋଗ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ୍, ଏନସିସି, ସ୍କାଉଟ୍, ଗାଇଡ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସେହିପରି ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂଯୋଜନା କରିଥିଲେ ଯୁବ ରେଡକ୍ରସ ପରାମର୍ଶଦାତା ମହେଶ୍ୱର ପାତ୍ର। ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ତଥା ମହିଳା ଯୁବ ରେଡ୍‌କ୍ରସ ପରାମର୍ଶଦାତା ଅଳକା ପାଢ଼ୀ ବିଷୟ ବିଶେଷଜ୍ଞ ରୂପେ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଭବାନୀ ପ୍ରସାଦ ବଳ, ଏନଏସଏସ ପ୍ରୋଗ୍ରାମ ଅଫିସରଦ୍ୱୟ ମିତା ପାତ୍ର, ଗଣେଶ ହେମ୍ବ୍ରମ, ଲିପି ସାହୁ ଉପସ୍ଥିତ ଥିଲେ। ପୂର୍ବରୁ ଏକ ଏଡସ ସଚେତନତା ଶୋଭାଯାତ୍ରା ସଚେତନତାର ବାର୍ତ୍ତା ବାଣ୍ଟିଥିଲା। ଏନସିସି କ୍ୟାଡେଟ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀଙ୍କ ସମେତ ମାମୁନି ଦାସ, ଶ୍ରୀକାନ୍ତ ସାହୁ, ନନ୍ଦିନୀ ଓଝା, ରାଜଲକ୍ଷ୍ମୀ ରାଉତ, ଜ୍ୟୋତି ମହାରଣା, ବିଭୂତି ଜେନା, ନମିତା ସାହୁ, ବର୍ଷା ଜେନା, ଶିବାନୀ ସେଠୀ, ଜସ୍ମିନ ସେଠୀ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରୀତି ପରମିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

**ହାଟଡ଼ିହୀ:** ହାଟଡ଼ିହୀ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଉପଦେଷ୍ଟା ଅଜୟ କୁମାର ଦାଶ, ବିଶ୍ୱରଞ୍ଜନ ଜେନା, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଏକ ପଦଯାତ୍ରାରେ ବାହାରି ଅଣା ଛକ ଏବଂ ସେଠାରୁ ତହସିଲ ଛକ ପର୍ଯ୍ୟନ୍ତ ସ୍ଲୋଗାନ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଥିଲେ। ଏନେଇ ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇ ଏଡ଼ସ୍ ଦିବସ ବାବଦରେ ସଚେତନ କରାଯାଇଥିଲା।

## ଖଣି ଅଞ୍ଚଳରେ ଜେଏସ୍‌ଡବ୍ଲୁ, ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ



ଯୋଡ଼ା, ୧।୧୨(ସମିସ): ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ସୋମବାର ବିଶ୍ୱ ଏଡ୍ସ ଦିବସ ୨୦୨୫ ପାଳନ କରିଛି। କମ୍ପାନୀ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଏହାର କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକରେ ସଚେତନତା ଏବଂ ପ୍ରସାର କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ନୂଆଗାଁ ଖଣି, ନାରାୟଣପୋଷି ଖଣି, ଗଣୁଆ ଖଣି, ବଡ଼ବିଲ କେନ୍ଦ୍ରୀୟ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। "ବିଘ୍ନ ଦୂର କରିବା, ଏଡ୍‌ସ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା' ବିଶ୍ୱବ୍ୟାପୀ ବିଷୟବସ୍ତୁ ସହିତ ସମନ୍ୱିତ ହୋଇ କମ୍ପାନୀ କର୍ମଚାରୀ କଲ୍ୟାଣ, ଜନସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସମ୍ପ୍ରଦାୟ ସଶକ୍ତିକରଣ ପ୍ରତି ଏହାର ସମର୍ପଣକୁ ପୁନଃନିର୍ଦ୍ଦେଶ କରିଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ଶିବିର, ଡାକ୍ତରୀ ବୃତ୍ତିଗତଙ୍କ ନେତୃତ୍ୱରେ ଶିକ୍ଷାଗତ କର୍ମଶାଳା ଏବଂ ବାର୍ବିଲ




ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହାସହ ବହୁଭାଷୀ ଶିକ୍ଷାଗତ ସାମଗ୍ରୀ ମଧ୍ୟ ବଣ୍ଟନ କରିଥିଲା। ଓଡ଼ିଶା ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡାଙ୍କ ସହ ଚିତ୍ତରଞ୍ଜନ ବାହିନୀପତି, ଅଙ୍କୁର ଡୋକାନିଆଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ସ୍ଥାନୀୟ ଏନଜିଓ ଏବଂ ସ୍ୱାସ୍ଥ୍ୟ ବିଭାଗ ସହ ସହଯୋଗରେ ଜେଏସଡବ୍ଲୁ ଷ୍ଟିଲ୍ ଠିକା ଶ୍ରମିକ, ଟ୍ରକ୍ ଡ୍ରାଇଭର ଏବଂ ଗ୍ରାମାଞ୍ଚଳ ବାସିନ୍ଦା ସମେତ ଦୁର୍ବଳ ଗୋଷ୍ଠୀ ପର୍ଯ୍ୟନ୍ତ ଏହା ପରିବ୍ୟାପ୍ତ ହୋଇଥିଲା। ସ୍କୁଲ ଏବଂ କଲେଜରେ ସ୍ୱତନ୍ତ୍ର ଅଧିବେଶନଗୁଡ଼ିକ ସହାନୁଭୂତି, ପ୍ରତିରୋଧ ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ବିଷୟରେ ଯୁବପିଢ଼ିଙ୍କ ସହଭାଗିତାକୁ ଉତ୍ସାହିତ କରିଥିଲା।

ସେହିପରି ଟାଟା ଷ୍ଟିଲ ଯୋଡ଼ାଠାରେ ସୋମବାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟାଟା ମେନ ହସ୍ପିଟାଲ, ଯୋଡା, ଖଣ୍ଡବନ୍ଧ ଲୌହ ଖଣି, ଯୋଡା ଇଷ୍ଟ ଲୌହ ଖଣି, ବିଚାକୁଣ୍ଡି, ବାମେବାରି ଲୌହ ଖଣି ଏବଂ ନିକଟସ୍ଥ ବିଲେଇପଦଓ ସ୍ୱଞ୍ଜ କାରଖାନାଠାରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଆୟୋଜିତ ହୋଇଯାଇଥିଲା ଯେଉଁଥିରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏବଂ ଅଧିକାରୀ ଉପସ୍ଥିତ ଥିଲେ। ଟାଟା ମେନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡ ତାପସ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଗୁଡିକ ଆୟୋଜିତ ହୋଇଥିଲା। ବିଶେଷ କରି ପାଠ୍ୟକ୍ରମରେ ଯୌନଶିକ୍ଷା, ସଚେତନତା କାର୍ଯ୍ୟକ୍ରମ, ରୋଗ ସମ୍ବନ୍ଧୀୟ ପରାମର୍ଶ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# 'ସକାଳ'ର ୫ମ ସ୍ୱନକ୍ଷତ୍ରରେ ବାଲେଶ୍ୱରରେ ଗଣଦୌଡ଼












ବାଲେଶ୍ୱର, ୧।୧୨(ସମିସ)

ସୁସ୍ଥ ଜୀବନଯାପନ ସହ ସୁସ୍ଥ ସମାଜ ଗଠନ ପାଇଁ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଉଦ୍ୟମ ପ୍ରଶଂସନୀୟ। ପ୍ରତିବର୍ଷ ସ୍ୱନକ୍ଷତ୍ର ଦିବସରେ ଗଣଦୌଡ଼ ମାଧ୍ୟମରେ ସ୍ୱାସ୍ଥ୍ୟ ହିଁ ସମ୍ପଦର ବାର୍ତ୍ତା ଦେଇ ଆସୁଛି। ଯେଉଁଥିରେ ବିଭିନ୍ନ ବର୍ଗର ଲୋକ ଅଂଶ ଗ୍ରହଣ କରୁଛନ୍ତି। ଏକ ଗଣମାଧ୍ୟମ ଏଭଳି କାର୍ଯ୍ୟକ୍ରମ କରିବା ସହିତ ନିରପେକ୍ଷ ଖବର ପରିବେଷଣରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ସୋମବାର ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପ୍ରାଙ୍ଗଣରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କହିଛନ୍ତି।

'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ, ମୟୂରଭଞ୍ଜ-୨ ବିଜେଡି ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି, ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବାଲେଶ୍ୱର ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ସଂସ୍କୃତି ଓ ସାହିତ୍ୟ ସମୃଦ୍ଧ ଜିଲ୍ଲାରେ ଏଭଳି ଆୟୋଜନ ବାସ୍ତବିକ ସ୍ୱାଗତଯୋଗ୍ୟ। ଗଣମାଧ୍ୟମ କେବଳ ଖବର ପରିବେଷଣରେ ସୀମିତ ନ ରହି ସାମାଜିକ ଦାୟିତ୍ୱବୋଧ ସ୍ୱରୂପ ସୁସ୍ଥ ସମାଜ ଗଠନ ଅତୀବ ପ୍ରଶଂସନୀୟ ବୋଲି କହିଛନ୍ତି। ମାରାଥନ କେବଳ ଏକ ପ୍ରତିଯୋଗିତା ନୁହେଁ, ଏହା ଆମ ସମସ୍ତଙ୍କ ପାଇଁ ଏକତାର ଆହ୍ୱାନ ଦେଇଥାଏ। ସାମ୍ବାଦିକତା ଏକ ବୃତ୍ତି ନୁହେଁ, ଏହା ହେଉଛି ଏକ କ୍ରାନ୍ତି। 'ସକାଳ' ପକ୍ଷରୁ ଆୟୋଜିତ ହେଉଥିବା ମାରାଥନ ବର୍ତ୍ତମାନ ସମୟରେ ନିହାତି ଆବଶ୍ୟକ। ପ୍ରତିବର୍ଷ ବିଶ୍ୱ ଏଡ୍‌ସ ଦିବସରେ ଏପରି ଉଦ୍ୟମ ପ୍ରଶଂସନୀୟ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ, ବିଜେଡି ଗଣମାଧ୍ୟମ ସଂଯୋଜକ ଧୀରେନ ନାୟକ, ଗୌରାଙ୍ଗ ପାଣିଗ୍ରାହୀ, ଟିପିଏନଓଡିଏଲ୍‌ର ମାନବ ସମ୍ବଳ ବିଭାଗର ଅବିନାଶ ମହାପାତ୍ର, ଫକୀରମୋହନ ବିଶ୍ୱବିଦ୍ୟାଳୟର ଲୋକସଂପର୍କ ଅଧିକାରୀ ଶର୍ମିଷ୍ଠା ମହାରଣା, ଶରତ ଚନ୍ଦ୍ର ଦଳେଇ, ପୂର୍ଣ୍ଣଚନ୍ଦ୍ର ପାତ୍ର, ସଲିମ ରାଜା, ବାଲେଶ୍ୱର ମାରାଥନ୍ ଆସୋସିଏସନ୍‌ର ସନ୍ତୋଷ ବେହେରା, ଅରବିନ୍ଦ ସାହୁ, ଜ୍ୟୋତି ପ୍ରକାଶ ସିଂ, ବିଶ୍ୱଜିତ ବେହେରା, ସର୍ବେଶ୍ୱର ଜେନା, ସତ୍ୟେନ୍ଦ୍ର ଦାସ, ହ୍ରିତିକ ନାୟକ, ଜୀବନ ସଂଗ୍ରାମ ମିଶ୍ର, ବାଲେଶ୍ୱର ଇନୋଭେଟିଭ ଆବାସିକ ବିଦ୍ୟାଳୟର ଶିକ୍ଷକ ମାନସ କୁମାର ରାଉଳ, ପବିତ୍ର ବିଶ୍ୱାଳ, ସଙ୍ଗୀତା ସେଠୀ ଓ ଛାତ୍ରଛାତ୍ରୀ, ମାଇଁ ଭାରତ ଆଣ୍ଡ ଉତ୍କଳ କଲଚୁରାଲ ଏକାଡେମି ଭଲ୍ୟୁଣ୍ଟର ବିକ୍ରମ ବାରିକ, ଅମିରନ ରାଉତ, ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଚନ୍ଦ୍ରଜିତ ନାୟକ, ମନୋଜ ପଲାଇ, ସନ୍ତୋଷ ନାୟକ, ଆଶୁତୋଷ ବେହେରା, ପବିତ୍ର ପଣ୍ଡା, ଅଜୟ ଜେନା, ବାଲେଶ୍ୱର ହସ ପରିବାରର ସଦସ୍ୟ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଉପସ୍ଥାପକ ଅମୟ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ 'ସକାଳ' ବିଜ୍ଞାପନ ବିଭାଗର ଧୃତିସୁନ୍ଦର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। 'ନନ୍ଦିଘୋଷ ଟିଭି'ର ସୁବ୍ରତ କୁମାର ଦାସ, ସହର ପ୍ରତିନିଧି ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, କଳିଙ୍ଗ କୁମାର ସାହୁ, ରାଇରଙ୍ଗପୁର ଉପଜିଲ୍ଲା ପ୍ରତିନିଧି ବିଶ୍ୱଜିତ ଭୂୟାଁ, ପ୍ରସାରଣ ବିଭାଗର ରବିଚନ୍ଦ୍ର ବେହେରା, ଦକ୍ଷିଣ ବାଲେଶ୍ୱର ପ୍ରତିନିଧି ଅଶୋକ କୁମାର ପ୍ରଧାନ, ନନ୍ଦିଘୋଷ ଟିଭିର ଭିଡ଼ିଓ ଜର୍ଣ୍ଣାଲିଷ୍ଟ ଭବାନୀ ଶଙ୍କର ବେହେରା, ରମେଶ ଚନ୍ଦ୍ର ଦାସ, ନୀଳଗିରି ପ୍ରତିନିଧି ଜଗନ୍ନାଥ ପାତ୍ର, ବାହାନଗା ପ୍ରତିନିଧି ରୁଚିକ ରଞ୍ଜନ ମହାପାତ୍ର, ବସ୍ତା ପ୍ରତିନିଧି ଦୀପକ କୁମାର ପରିଡା, ଭୋଗରାଇ ପ୍ରତିନିଧି ଦିଲ୍ଲୀପ କୁମାର ଦାସ, ଜଳେଶ୍ୱର ପ୍ରତିନିଧି ଜଗନ୍ନାଥ ଗୋଛାୟତ, ଦୋବଲ ପ୍ରତିନିଧି ପ୍ରଶାନ୍ତ କୁମାର ସାହୁ, ବସନ୍ତ ଭଦ୍ର, ଲୋକନାଥ ପରିଡା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ କାର୍ତ୍ତିକ ଚନ୍ଦ୍ର ନାୟକ, ଚିତରଞ୍ଜନ ପାଣା, ଜଗଦିଶ ବେହେରା, ଏସ୍‌କେ ଅବଦୁଲ ହାକିମ, ଅପୂର୍ବ ରଞ୍ଜନ ଖୁଣ୍ଟିଆ, ରିତେଶ କୁମାର ରାୟ, ଚିରଞ୍ଜୀବ କୁମାର ପାତ୍ର ପ୍ରମୁଖ ଗଣଦୌଡ଼ର ପଞ୍ଜୀକରଣ କରିବା ସହ ବିଜୟୀ ପ୍ରତିଯୋଗୀଙ୍କୁ ଚିହ୍ନଟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ପୁଲିସ ପ୍ରଶାସନ ଓ ଆମ୍ବୁଲାନ୍ସ ସହ ଡାକ୍ତରୀ ଟିମ୍ ସହଯୋଗ କରିଥିଲେ।





## ଗଣଦୌଡ଼ର କୃତୀ ପ୍ରତିଯୋଗୀ

'ସକାଳ'ର ୫ମ ସ୍ୱନକ୍ଷତ୍ର ଦିବସ ଅବସରରେ ଗାନ୍ଧିସ୍ମୃତି ଭବନ ସମ୍ମୁଖରୁ ସକାଳ ୭ଟାରେ ଗଣଦୌଡ଼ ଆରମ୍ଭ ହୋଇଥିଲା। ଏଥିରେ ଅତିଥିମାନେ ମାରାଥନକୁ ଫ୍ଲାଗ୍ ଅଫ୍ କରିବା ପରେ ଗାନ୍ଧିସ୍ମୃତି ଭବନ ସମ୍ମୁଖରୁ ଏହି ଦୌଡ଼ ଆରମ୍ଭ ହୋଇ ଷ୍ଟେସନ ଛକ, ପୁଲିସ ଲାଇନ ଛକ ହୋଇ ଫକୀରମୋହନ ଗୋଲେଇ ଦେଇ ପୁଣି ଗାନ୍ଧିସ୍ମୃତି ଭବନ ପରିସରରେ ପହଁଚିଥିଲା। ଏହି ପ୍ରତିଯୋଗିତାରେ ମହିଳା ବର୍ଗରେ ନେହା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚନ୍ଦ୍ରକାନ୍ତି ଦାସ ଦ୍ୱିତୀୟ ଏବଂ କାଜଲ ମହାନ୍ତି ତୃତୀୟ ସ୍ଥାନ ହାସଲ କରିଛନ୍ତି। ପୁରୁଷ ବର୍ଗରେ ମନୋଜ ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସଞ୍ଜୟ ବେହେରା ଦ୍ୱିତୀୟ ଏବଂ ଅରବିନ୍ଦ କୁମାର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।











# ମନ ଜିଣିଲା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯୋଗ ଏରୋବିକ୍







ବାଲେଶ୍ୱର, ୧।୧୨(ସମିସ)

'ସକାଳ'ର ସ୍ୱନକ୍ଷତ୍ର ଅବସରରେ ଅନୁଷ୍ଠିତ ମିନି ମାରାଥନରେ ସୁସ୍ଥ ଓ ନିରାମୟ ସମାଜ ଗଠନ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମନ ଜିଣିଥିଲା। ଯୋଗା ଏରୋବିକ ପ୍ରଦର୍ଶନ ମାଧ୍ୟମରେ ଶାରୀରିକ ବ୍ୟାୟାମ ସାଙ୍ଗକୁ ମାନସିକ ଶାନ୍ତି ମିଳିଥାଏ ବୋଲି ମଞ୍ଚରୁ ବାର୍ତ୍ତା ଦେଇଥିଲେ। ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟର ଅଧ୍ୟକ୍ଷ ଡାକ୍ତର ଚିତ୍ତରଞ୍ଜନ ସାହୁଙ୍କ ସହଯୋଗୀଙ୍କ ଦ୍ୱାରା ଯୋଗା ଏରୋବିକ୍ କାର୍ଯ୍ୟକ୍ରମ କରାଯାଇଥିଲା।

**ଗୀତ ମାଧ୍ୟମରେ ବାନ୍ଧି ରଖିଲେ କଣ୍ଠଶିଳ୍ପୀ**

'ସକାଳ' ଓ 'ନନ୍ଦିଘୋଷ ଟିଭି'ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଗଣଦୌଡ଼ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀଙ୍କ ଠାରୁ ଆରମ୍ଭ କରି ବାଦ୍ୟକାରମାନେ ଯୋଗ ଦେଇଥିଲେ। ବିଶେଷ କରି ଭୁବନେଶ୍ୱରର ଯୁବ କଣ୍ଠ ଶିଳ୍ପୀ ମନଦୀପ ଓ ସୋନା ସଙ୍ଗୀତ ପରିବେଷଣ କରିଥିବା ବେଳେ ବାଲେଶ୍ୱର କୁନି କଣ୍ଠ ଶିଳ୍ପୀ ସୁହାନି ସାଇ ଜେନା ସୁମଧୁର କଣ୍ଠରେ ସଙ୍ଗୀତ ପରିବେଷଣ କରିଥିଲେ।

**ନୃତ୍ୟର ତାଳେ ତାଳେ ଝୁମିଲେ**

'ସକାଳ'ର ୫ମ ସ୍ୱନକ୍ଷତ୍ରରେ ଅନୁଷ୍ଠିତ ମିନି ମାରାଥନ୍ ପରେ ଜନ୍ମଦିନ କେକ୍ କାଟି ପରସ୍ପରକୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି କେକ୍ କଟା କାର୍ଯ୍ୟକ୍ରମରେ ସମସ୍ତ ଅତିଥିଙ୍କ ସହ ଶୁଭେଚ୍ଛୁମାନେ ଉପସ୍ଥିତ ସଦସ୍ୟଙ୍କୁ କେକ୍ ଖୁଆଇବା ସହ 'ସକାଳ'ର ଦୀର୍ଘାୟୁ କାମନା କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀ ଏବଂ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର ସମସ୍ତ କର୍ମକର୍ତ୍ତା ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ନୃତ୍ୟର ତାଳେ ତାଳେ ଛାତ୍ରଛାତ୍ରୀ ଝୁମିଥିଲେ।







## ସମ୍ବର୍ଦ୍ଧିତ ଅନୁଷ୍ଠାନ ଓ ବ୍ୟକ୍ତିତ୍ୱ

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତ ବିଶେଷ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁସ୍ଥ ସମାଜ ଗଠନ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ପରିବେଶବିତ ତଥା ଲକ୍ଷ୍ମୀନାରାୟଣ ହାଡୱେୟାର ପ୍ରୋପାଇଟର ସୁମନ୍ତ କୁମାର ଜେନା, ଆରଜି ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଫିଲାନଥ୍ରୋପିଷ୍ଟ, ରମେଶ କୁମାର ଗୁପ୍ତା, ଲାଇଫ ସ୍ପାର୍କ ଇନଫ୍ରାର ନିର୍ଦ୍ଦେଶକ ସନ୍ଦୀପ୍ତ କୁମାର ଦାସ, ପୂର୍ବୀ ବିଚ ରିସୋର୍ଟର ମ୍ୟାନେଜିଂ ପାର୍ଟନର ସଞ୍ଜୀବ କୁମାର ମହାପାତ୍ର, ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ଡା. ଚିତରଞ୍ଜନ ସାହୁ, ସମାଜସେବୀ ଅମର କୁମାର ପାଲ, ଶିକ୍ଷାବିତ ତଥା କଲାମ ମେମୋରିଆଲ ଚେରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଡ. ପଙ୍କଜ କୁମାର ଜେନା, ଡ୍ରିମ ଇଣ୍ଡିଆ ସ୍କୁଲର ନିର୍ଦ୍ଦେଶିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଶ୍ରୀ ରାଜ ମେମୋରିଆଲ ହସ୍‌ପିଟାଲର ମ୍ୟାନେଜର ଜଗନ୍ନାଥ ଦାଶ, ଲକ୍ଷ୍ମୀ ନାରାୟଣ ଜୁଏଲାରୀର ପ୍ରୋପାଇଟର ଦୀପକ କୁମାର ରଣା, ସାଇ ହସପିଟାଲ ଆଣ୍ଡ ନର୍ସିଂ ହୋମର ନିର୍ଦ୍ଦେଶକ ଡା. ଐଶ୍ୱର୍ଯ୍ୟରାଜ ପତି, ସମାଜସେବୀ ଆଶ୍ରିତା ତରେଇ, ପକ୍ଷୀ ବିଶେଷଜ୍ଞ ତଥା କୁଲଡ଼ିହା ଅଭୟାରଣ୍ୟର ଟୁରିଷ୍ଟ ଗାଇଡ୍ ମନୋରଞ୍ଜନ ଦାସ, ଜିଏଲଆର ଇନଫ୍ରାର ଜିଏମ୍ ନିମାଇଁ ଚରଣ ଦାସ, ସାୟନ ବାୟୋଭେନଚର ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ଗୌତମ କୁମାର ମହାନ୍ତିଙ୍କ ସମେତ ସ୍ୱତନ୍ତ୍ର ଭାବେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ୨୦୨୫ ଇଜିପ୍ଟ ଆର୍ନ୍ତଜାତୀୟ ଜୁନିୟର ବ୍ୟାଡମିଂଟନସିପ ଏବଂ ପୂର୍ବ ଜୋନ ସିଙ୍ଗଲ୍ସ୧୯ ବର୍ଷରୁ କମ୍ ବାଳକ ବର୍ଗରେ ଯଥାକ୍ରମେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ବିଜେତା ମୟଙ୍କ ଭରଦ୍ୱାଜ ଏବଂ 'ସକାଳ' ଉତ୍ତର ଓଡ଼ିଶା ସଂସ୍କରଣର ବେଷ୍ଟ ପରଫର୍ମର-୨୦୨୫ ଭାବେ ସାମ୍ବାଦିକା ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତିଙ୍କୁ ଅତିଥିଗଣ ଟ୍ରଫି, ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।




























# ଚିନ୍ତା ବଢ଼ାଇଲାଣି ବିଏଲ୍ଓଙ୍କ ମୃତ୍ୟୁ

## ଆତ୍ମହତ୍ୟା କଲେଣି ୨୯, ହୃଦ୍‌ଘାତ ନେଲାଣି ୪୧ ଜଣଙ୍କ ଜୀବନ

ମୁରାଦାବାଦ, ୧।୧୨ (ଏଜେନ୍ସି): ମୁଁ ବଞ୍ଚିବାକୁ ଚାହୁଁଛି। ମାତ୍ର କାମର ଚାପ ବଞ୍ଚିବାକୁ ଦେବ ନାହିଁ। ଏଭଳି କହି ଏସ୍ଆଇଆର ପ୍ରକ୍ରିୟାରେ ସାମିଲ ଜଣେ ବୁଥ୍ ଲେଭୁଲ ଅଫିସର (ବିଏଲଓ) ଆତ୍ମହତ୍ୟା କରିଛନ୍ତି। ମୃତ୍ୟୁ ପୂର୍ବରୁ ସେ କରିଥିବା ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହା ଏସ୍ଆଇଆରକୁ ନେଇ ବିଏଲଓଙ୍କ କିଭଳି ଭାବେ ଚାପ ରହିଛି ତାହା ଦର୍ଶାଉଛି। ସୂଚନା ଅନୁଯାୟୀ, ମୃତକ ହେଉଛନ୍ତି ଉତ୍ତର ପ୍ରଦେଶ ମୁରାଦାବାଦର ସର୍ବେଶ ସିଂହ। ସେ ସରକାରୀ ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାମ କରୁଥିଲେ। ଅକ୍ଟୋବର ୭ରେ ସେ ବିଏଲଓ ଭାବେ ନିଯୁକ୍ତ ହୋଇଥିଲେ। ଏସ୍ଆଇଆର ପାଇଁ ତାଙ୍କୁ ଘର ଘର ବୁଲି ଭୋଟରଙ୍କ ସୂଚନା ଓ ପ୍ରମାଣପତ୍ର ସଂଗ୍ରହ କରିବାକୁ ପଡୁଥିଲା। ରବିବାର ସକାଳେ ତାଙ୍କ ମୃତଦେହ ମିଳିଥିଲା। ପ୍ରଥମେ ସ୍ତ୍ରୀ ବବ୍‌ଲି ତାଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ ଜବତ କରାଯାଇଛି। ଏଥିରେ କାର୍ଯ୍ୟଚାପ ସହ୍ୟ କରିପାରୁ ନ ଥିବା ସେ ଲେଖିଥିଲେ।

ମୃତ୍ୟୁ ପୂର୍ବରୁ କରିଥିବା ଭିଡିଓରେ ସର୍ବେଶ କହୁଛନ୍ତି ଯେ 'ଦିଦି, ମୋତେ କ୍ଷମା କରିଦେବ। ମାଆ ଦୟାକରି ମୋ ପିଲାଙ୍କ ଯତ୍ନ ନେବ। ଏହି ନିର୍ବାଚନ କାର୍ଯ୍ୟ କରିବାରେ ମୁଁ ବିଫଳ ହୋଇଛି। ତେଣୁ ଏକ ପଦକ୍ଷେପ ନେବାକୁ ଯାଉଛି। ଏଥିପାଇଁ କେବଳ ମୁଁ ଦାୟୀ ରହିବି। ଆଉ କାହାର କୌଣସି ଦୋଷ ନାହିଁ। ମୁଁ ଅତ୍ୟନ୍ତ ଦୁଃଖିତ। ୨୦ ଦିନ ହେଲାଣି ମୁଁ ଭଲ ସେ ଶୋଇ ପାରିନାହିଁ। ଯଦି ପାଖରେ ସମୟ ଥାଆନ୍ତା ତେବେ ଏହି କାମ ସାରିଦେଇଥାନ୍ତି। ମୋର ୪ଟି ଛୋଟ ଝିଅ ଅଛନ୍ତି। ଦୟାକରି ମୋତେ କ୍ଷମା କରିଦେବ। ମୁଁ ତୁମମାନଙ୍କ ଠାରୁ ବହୁତ ଦୂରକୁ ଚାଲିଯାଉଛି। ବଞ୍ଚିବାକୁ ଚାହୁଁଥିଲେ ବି କିଛି କରିପାରିବି ନାହିଁ।



ବିଏଲଓଙ୍କ ଆତ୍ମହତ୍ୟା ପୂର୍ବର ଭିଡିଓ ଭାଇରାଲ

ବହୁତ ଦୁଃଖ କଷ୍ଟରେ ଫସି ରହିଥିବା ମୁଁ ଅନୁଭବ କରୁଛି। ଦୁଃଖଦ ସ୍ଥିତି ମୋତେ ଘେରେ ରହିଛି। ଗଭୀର ଯନ୍ତ୍ରଣା ଭୋଗ କରୁଛି' ବୋଲି ସର୍ବେଶ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଜାରି ରହିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ ସାରିବା ପାଇଁ ବିଏଲଓଙ୍କ ଉପରେ ଚାପ ରହିଛି। ଏହା ସହିତ କ୍ଷମତାସୀନ ଦଳର ନେତା ଏବଂ କର୍ମୀ ମଧ୍ୟ ଧମକାଉଛନ୍ତି। ଏହି କାରଣ ଏ ପର୍ଯ୍ୟନ୍ତ ୨୯ ବିଏଲଓ ଆତ୍ମହତ୍ୟା କଲେଣି। ଆଉ କିଛି ରିପୋର୍ଟରେ ଏସଆଇଆର ଭୟରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଭୟ, ଚିନ୍ତା, ଚାପ ଏବଂ ଅବସାଦ ଯୋଗୁଁ ବିଏଲଓଙ୍କ ମୃତ୍ୟୁ ହେଉଥିବା କୁହାଯାଉଛି। ତେବେ ଏଭଳି ମୃତ୍ୟୁକୁ ନିର୍ବାଚନ କମିଶନଙ୍କ ପକ୍ଷରୁ ଖାରଜ କରାଯାଇଛି। କାର୍ଯ୍ୟ ଚାପ ଯୋଗୁଁ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଉଛି। ଅନ୍ୟପଟେ ଇସି ୧୨ ରାଜ୍ୟରେ ଏସଆଇଆର ଅବଧିକୁ ୭ ଦିନ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।


### ପଶ୍ଚିମବଙ୍ଗରେ ଏସଆଇଆର ବିରୋଧରେ ବିଏଲଓଙ୍କ ବିକ୍ଷୋଭ

ଅକ୍ଟୋବର ୨୮ ତାରିଖରୁ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ଙ୍କୁ ନିଯୁକ୍ତ କରାଯାଇଛି। ଏହା ସତ୍ତ୍ୱେ ଅନେକ ରାଜ୍ୟରୁ ବିଏଲଓଙ୍କ ଆତ୍ମହତ୍ୟା ଏବଂ ମୃତ୍ୟୁର ଖବର ସାମ୍ନାକୁ ଆସୁଛି। ଆଜି ଉତ୍ତର ପ୍ରଦେଶର ସମ୍ବଲରେ ଜଣେ ସହାୟକ ବିଏଲଓ ଶୋଇଥିବା ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହା ପୂର୍ବରୁ ନଭେମ୍ବର ୩୦ ତାରିଖରେ, ମୋରାଦାବାଦରେ ନିୟୋଜିତ ଜଣେ ଶିକ୍ଷକ ଆତ୍ମହତ୍ୟା କରିଥିଲେ। ରାଜ୍ୟରେ ଏପର୍ଯ୍ୟନ୍ତ ଆଠ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ତିନି ଜଣ ଆତ୍ମହତ୍ୟା କରିଥିବାବେଳେ ତିନି ଜଣ ହୃଦଘାତରେ ଏବଂ ଜଣେ ବ୍ରେନ ହ୍ୟାମରେଜରେ ପ୍ରାଣ ହରାଇ ଥିଲେ। ଏ ପର୍ଯ୍ୟନ୍ତ ୭ ରାଜ୍ୟରେ ୨୯ ବିଏଲଓଙ୍କ ମୃତ୍ୟୁ ହୋଇଥିବାବେଳେ ମଧ୍ୟପ୍ରଦେଶ ସର୍ବାଧିକ ନଅ ଜଣ ସାମିଲ ଅଛନ୍ତି। ଏପରି ସମୟରେ ସୋମବାର କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ବାହାରେ ବିଏଲଓ ଅଧିକାର ସୁରକ୍ଷା କମିଟିର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଏବଂ ଅନେକ ଦଳୀୟ ବିଧାୟକ ନିର୍ବାଚନ ଅଧିକାରୀଙ୍କ ସହ ବୈଠକ ପାଇଁ ପହଞ୍ଚିଥିଲେ। ବିକ୍ଷୋଭକାରୀମାନେ ଏଠାରେ ଉପସ୍ଥିତ ବିଜେପି କର୍ମୀଙ୍କ ସହ ଧସ୍ତାଧସ୍ତି ହୋଇଥିଲେ। ସିଇଓଙ୍କ ସହ ବିଜେପିର ବୈଠକକୁ ସେମାନେ ବିରୋଧ କରିଥିଲେ। ବିଏଲଓମାନେ କାମ କରିବା ସ୍ଥିତିରେ ସୁଧାର ଦାବି କରି କିଛି ଦିନ ହେଲା ବିକ୍ଷୋଭ କରି ଆସୁଛନ୍ତି। ସୋମବାର ଏହି ଆନ୍ଦୋଳନ ଜୋରଦାର ହୋଇଥିଲା। ମୃତ ବିଏଲଓଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଥିଲା। ଏ ନେଇ ସିଇଓଙ୍କୁ ଭେଟିବା ପାଇଁ ସେମାନେ ଦାବି କରିଥିଲେ।

## ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ: ୬ ସୈନିକଙ୍କ ମୃତ୍ୟୁ

ଇସଲାମାବାଦ, ୧।୧୨ (ଏଜେନ୍ସି): ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନରେ ପୁଣି ଆତ୍ମଘାତୀ ଆକ୍ରମଣ ହୋଇଛି। ବେଲୁଚିସ୍ତାନ ପ୍ରଦେଶର ନୋକୁଣ୍ଡି ଅଞ୍ଚଳରେ ଅବସ୍ଥିତ ଚାଗାଇରେ ଫ୍ରଣ୍ଟିୟର୍ କର୍ପସ୍ (ଏଫସି) ମୁଖ୍ୟାଳୟର ମୁଖ୍ୟ ଫାଟକରେ ସୋମବାର ସକାଳେ ଆତ୍ମଘାତୀ ବିସ୍ଫୋରଣ ଘଟି ଛଅ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏହି ଆକ୍ରମଣ ପାଇଁ ବେଲୁଚିସ୍ତାନ ଲିବରେସନ୍ ଫ୍ରଣ୍ଟ (ବିଏଲଫ)ର ସାଦଓ ଅପରେସନାଲ୍ ବାଟାଲିଅନ୍ (ଏସଓବି) ନିଜକୁ ଦାୟୀ କରିଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବିପୁଳ କ୍ଷୟକ୍ଷତି ହୋଇଛି। ପାକିସ୍ତାନୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମୁଖ୍ୟ ଫାଟକ ଉପରେ ଆକ୍ରମଣ ପରେ ସଶସ୍ତ୍ର ଆକ୍ରମଣକାରୀମାନେ ନୋକୁଣ୍ଡିରେ ଥିବା ଏଫସି ମୁଖ୍ୟାଳୟରେ ପ୍ରବେଶ କରିଥିଲେ। ଏଠାରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଆକ୍ରମଣକୁ ଦେଖି ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଅନ୍ୟପଟେ ସୁରକ୍ଷାବାହିନୀକୁ ସହାୟତା ପାଇଁ କ୍ୱେଟାରୁ ଦୁଇଟି ହେଲିକପ୍ଟର ପଠାଯାଇଛି। ଏହା ପୂର୍ବରୁ ଗତ ୨୪ ଘଣ୍ଟା ତଳେ ପାକିସ୍ତାନର ୭ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା।

## ଦ୍ୱିତୀୟ ବିବାହ କଲେ ସାମନ୍ଥା



କୋଏମ୍ବାଟୁର, ୧।୧୨ (ଏଜେନ୍ସି): ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ସୋମବାର ଦ୍ୱିତୀୟ ବିବାହ କରିଛନ୍ତି। ସେ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ହାତ ଧରିଛନ୍ତି। କୋଏମ୍ବାଟୁରର ଈଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ପ୍ରାଚୀନ ଯୋଗିନୀ ପରମ୍ପରାରେ ଉଭୟେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହର ଫଟୋ ପୋଷ୍ଟ କରି ସାମନ୍ଥା ଏହି ସୂଚନା ଦେଇଛନ୍ତି। ଏହି ବିବାହରେ କେବଳ ପରିବାର ଲୋକେ ଏବଂ ଘନିଷ୍ଠ ବନ୍ଧୁ ସାମିଲ ହୋଇଥିଲେ। ଓସୋଙ୍କ ଈଶା ଫାଉଣ୍ଡେସନର ଲିଙ୍ଗ ଭୈରବୀ ମନ୍ଦିରରେ ଯୋଗିନୀ ପରମ୍ପରରା ଭୂତ ସୁଦ୍ଧି ବିବାହ କରିଛନ୍ତି। ଏହା ଏଭଳି ଏକ ବିବାହ ଯେଉଁଥିଲେ ଦମ୍ପତ୍ତିଙ୍କ ମଧ୍ୟରେ ଗଭୀର ସମ୍ପର୍କ ସୃଷ୍ଟି ହୋଇଥାଏ। ଏହା କେବଳ ଚିନ୍ତାଧାରା କିମ୍ବା ଶରୀର ମଧ୍ୟରେ ସୀମିତ ନ ହୋଇ ଶରୀରର ପଞ୍ଚ ଭୂତ ସହ ଯୋଡ଼ି ଥାଏ। ଏହି ବିବାହ ପାଞ୍ଚ ଭୂତ୍ୱକୁ ଶୁଦ୍ଧି କରିଥାଏ। ସମ୍ପର୍କରେ ଶାନ୍ତି, ସମୃଦ୍ଧି ଏବଂ ଆଧ୍ୟାତ୍ମିକ ସନ୍ତୁଳନ ସୃଷ୍ଟି କରିଥାଏ। ଏହି ବିବାହକୁ ନେଇ ରାଜ୍‌ଙ୍କ ପୂର୍ବତନ ପତ୍ନୀ ଶ୍ୟାମଲୀ ଡେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରିଛନ୍ତି। ଧୈର୍ଯ୍ୟ ନ ଥିବା ଲୋକେ ଅଧୈର୍ଯ୍ୟପୂର୍ଣ୍ଣ କାମ କରନ୍ତି ବୋଲି ସେ ଲେଖିଛନ୍ତି।

## କଂଗ୍ରେସର ରଣନୀତି ବୈଠକରେ ସାମିଲ ହେଲେନି ଥରୁର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ତଥା ସାଂସଦ ଶଶୀ ଥରୁର ପୁଣି ଥରେ ଦଳର ରଣନୀତି ଗ୍ରୁପର ଜରୁରୀ ବୈଠକରେ ସାମିଲ ହୋଇ ନାହାନ୍ତି। ସଂସଦର ଶୀତ ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏକ ବୈଠକ ବସିଥିଲା। ତେବେ କେରଳରେ ନିଜ ୯୦ ବର୍ଷୀୟ ମାଆଙ୍କ ପାଖରେ ଥିବାରୁ ଏଥିରେ ଅନୁପସ୍ଥିତ ଥିଲେ ବୋଲି ଶଶୀ ଥରୁରଙ୍କ ଅଫିସ ପକ୍ଷରୁ କୁହାଯାଇଛି। ଥରୁର ଦ୍ୱିତୀୟ ଥର ପାଇଁ ଦଳୀୟ ବୈଠକରେ ଅନୁପସ୍ଥିତ ରହିଛନ୍ତି। ପୂର୍ବରୁ ସେ ଅସୁସ୍ଥ ଥିବା ଦର୍ଶାଇ ଏସଆଇଆର ପ୍ରସଙ୍ଗରେ କଂଗ୍ରେସ ବୈଠକରେ ଯୋଗ ଦେଇ ନ ଥିଲେ। ସେ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ କାର୍ଯ୍ୟକ୍ରମରେ ଯୋଖ ଥରୁର ଯୋଗ ଦେଇଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

## ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା

ନାଗପୁର, ୧।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ପୁଣି ବଡ଼ ଟିପ୍ପଣୀ ଦେଇଛନ୍ତି। ରାଜନୀତିରେ ପରିବାରବାଦକୁ ସେ ସମାଲୋଚନା କରିଛନ୍ତି। ନିଷ୍ପାପର କର୍ମୀଙ୍କ ଅଣଦେଖା କଲେ ବିରକ୍ତି ଲାଗେ ବୋଲି ସେ କହିଛନ୍ତି। ରାଜନେତାଙ୍କ ପାରିବାରିକ ଉତ୍ତରାଧିକାରୀଙ୍କୁ



ନିର୍ବାଚନରେ ହରାଇବା ପାଇଁ ସେ ଜନତାଙ୍କୁ ଆହ୍ୱାନ ଦେଇଛନ୍ତି। ରବିବାର ନାଗପୁର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ। ଏଠାରେ ସେ ଅମଲାତନ୍ତ୍ରକୁ କଟାକ୍ଷ କରି ଅଧିକାରୀମାନଙ୍କୁ ବ୍ୟଙ୍ଗ ଛଳରେ ସମାଲୋଚନା ମଧ୍ୟ କରିଛନ୍ତି। ସଙ୍କେତରେ ନିଜ ଦଳର କିଛି ନୀତିକୁ ମଧ୍ୟ ସମାଲୋଚନା କରିଥିବା କୁହାଯାଉଛି।

ଗଡ଼କରୀ କହିଥିଲେ ଯେ ରାଜନୀତିରେ ବଡ଼ ନେତାଙ୍କ ସମ୍ପର୍କୀୟଙ୍କ ଲାଗି ଯୋଗ୍ୟ କର୍ମୀଙ୍କୁ ଅଣଦେଖା କରାଯାଇଥାଏ। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଯେଉଁ ନେତାମାନେ ବଂଶବାଦକୁ ସମାଲୋଚନା କରୁଥିଲେ, ସେମାନେ ପରେ ନିଜ ସମ୍ପର୍କୀୟଙ୍କୁ ଟିକଟ ଦେବା ପାଇଁ ଦାବି କରିଥାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଏଭଳି ଆଭିମୁଖ୍ୟ ଦ୍ୱାରା ଦଳର ପୁରୁଖା କର୍ମୀଙ୍କ ସହ ଅନ୍ୟାୟ ହେଉଛି। ୨୦-

### ଯିଏ ବଂଶବାଦକୁ ସମାଲୋଚନା କରୁଛି ସେ ସମ୍ପର୍କୀୟଙ୍କ ପାଇଁ ଟିକଟ ମାଗୁଛି: ଗଡ଼କରୀ

୩୦ ବର୍ଷ ହେଲା ଦଳ ପାଇଁ କାମ କରୁଥିବା ବ୍ୟକ୍ତି ଟିକଟ ମାଗିବାକୁ ଆସିଲେ ତାଙ୍କୁ ନ ଦେଇ ନେତା ନିଜ ପତ୍ନୀ, ପୁଅ କିମ୍ବା ଅନ୍ୟ ସମ୍ପର୍କୀୟଙ୍କୁ ଦେଉଛନ୍ତି। ଏହା ଗଭୀର ଭାବେ ବ୍ୟଥିତ କରୁଛି। ବଂଶବାଦ ଅପେକ୍ଷା ଯୋଗ୍ୟତାକୁ ପ୍ରାଥମିକତା ଦିଆଯିବା ଉଚିତ୍। ଏବେ ଏହି ପ୍ରସଙ୍ଗରେ ଜନସାଧାରଣଙ୍କୁ ନିଷ୍ପତ୍ତି ନେବାକୁ ପଡିବ। ବଂଶବାଦ ରାଜନୀତି ଦ୍ୱାରା ଦଳ ଏବଂ ଜନସାଧାରଣଙ୍କ କ୍ଷତି ହେଉଛି। ଏହାର ସମାଧାନ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଗଡ଼କରୀ କହିଛନ୍ତି।

ଗଡ଼କରୀଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରତି ଏକ କଟାକ୍ଷ ଭାବରେ ଦେଖାଯାଉଛି। କାରଣ ଏହି ଦଳ ବଂଶବାଦକୁ ବିରୋଧ କରୁଥିଲେ ବି ନେତାଙ୍କ ପତ୍ନୀ, ପୁତ୍ର ଏବଂ ସମ୍ପର୍କୀୟଙ୍କୁ ଟିକଟ ଦେଉଥିବା ଦେଖାଯାଉଛି। କଂଗ୍ରେସ, ଠାକରେ ପରିବାର ଏବଂ ମୁଲାୟମ ସିଂହ ଯାଦବ ତଥା ଲାଲୁ ଯାଦବଙ୍କ ଭଳି ରାଜନୈତିକ ପରିବାର ଉପରେ ବଂଶବାଦକୁ ନେଇ ବିଜେପି ଅଭିଯୋଗ ଲଗାଇ ଥିଲା। ମାତ୍ର ମହାରାଷ୍ଟ୍ରରେ ସ୍ଥାନୀୟ ସଂସ୍ଥା ନିର୍ବାଚନରେ ଅନେକ ବିଜେପି ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କ ପରିବାର ସଦସ୍ୟ ଯଥା ମା, ସ୍ତ୍ରୀ, ପିଲା କିମ୍ବା ନିକଟ ସମ୍ପର୍କୀୟଙ୍କୁ ପ୍ରାର୍ଥୀ କରାଯାଇଛି। ଏହା ଦ୍ୱାରା ବିଜେପିର ବିଶ୍ୱସ୍ତ କର୍ମୀ ନିରାଶ ହୋଇଛନ୍ତି। ସେମାନେ ଏହାକୁ ଦଳର ନୀତି ବିରୋଧୀ ବୋଲି କହୁଛନ୍ତି। ମନ୍ତ୍ରୀ ଗିରୀଶ ମହାଜନଙ୍କ ପତ୍ନୀ ସାଧନା ମହାଜନ ବିନା ନିର୍ବାଚନରେ ନଗର ପରିଷଦର ଅଧ୍ୟକ୍ଷ ପଦ ଜିତିବାରୁ ବିଜେପିରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ନିର୍ବାଚନରୁ କଂଗ୍ରେସ, ଏନ୍‌ସିପି (ଏସପି) ଏବଂ ଅଜିତ ପାୱାର ଗୋଷ୍ଠୀ ଓହରିଯିବାରୁ ସାଧନା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ମନ୍ତ୍ରୀ ଜୟକୁମାର ରାୱଲଙ୍କ ମା ନୟନ କୁଅଁର ଡୋଣ୍ଡିୟାଚା-ବରବାଡେ ନଗର ପରିଷଦର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। କାରଣ ତାଙ୍କ ବିରୋଧରେ ଛିଡ଼ା ହୋଇଥିବା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଖାରଜ ହୋଇ ଯାଇଥିଲା।

## ବିମାନ ଉପରେ ହୋଇଥିଲା ସାଇବର ଆକ୍ରମଣ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଶେଷରେ କେନ୍ଦ୍ର ସରକାର ସତ ସ୍ୱୀକାର କରିଛନ୍ତି। ଗତ ୭ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ)ର ଅଟୋମେଟିକ ମେସେଜ ସ୍ୱିଚିଂ ସିଷ୍ଟମ (ଏଏମଏସଏସ) ରେ ସାଇବର ଆକ୍ରମଣ ହୋଇଥିଲା ବୋଲି ମାନିଛନ୍ତି। ରାଜ୍ୟସଭାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ ଏହା ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ 'ଆଇଜିଆଇର ରନୱେ ୧୦ରେ ବିମାନ ଜିପିଏସ ଆଧାରିତ ଅବତରଣ ପ୍ରକ୍ରିୟା ଆପଣାଉ ଥିବାବେଳେ ଜିପିଏସ ସ୍ପୁଫିଂ ହୋଇଥିଲା। ସାଇବର ଆକ୍ରମଣ ଯୋଗୁଁ ଭୁଲ୍ ସିଗ୍‌ନାଲ ମିଳିଥିଲା। ଏହା ପରେ ପାଇଲଟ ତୁରନ୍ତ ବ୍ୟାକ୍ଅପ ବ୍ୟବହାର କରିଥିଲେ। ତେବେ ଅନ୍ୟ ରନୱେ ଉପରେ ଏହି ସ୍ପୁଫିଂର କୌଣସି ପ୍ରଭାବ ପଡ଼ି ନ ଥିଲା। କାରଣ ସେଗୁଡ଼ିକରେ 'ଟ୍ରାଡିସନାଲ ଗ୍ରାଉଣ୍ଡ ବେସ୍‌ଡ ନେଭିଗେସନ ସିଷ୍ଟମ' ବ୍ୟବହାର କରାଯାଉଥିଲା'। ଏହି ଘଟଣା ଯୋଗୁଁ ଗତ ୭ ତାରିଖରେ ଦିଲ୍ଲୀ ବିମାନବନ୍ଦରରେ ବିମାନ ପରିଚାଳନା ୧୨ ଘଣ୍ଟାରୁ ଅଧିକ ସମୟ ପ୍ରଭାବିତ ହୋଇଥିଲା। ୮୦୦ରୁ ଅଧିକ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ବିଳମ୍ବରେ ଉଡ଼ାଣ କରିଥିଲା। ୨୦ଟି ଉଡ଼ାଣକୁ ବାତିଲ କରିବାକୁ ପଡ଼ିଥିଲା। ନାଇଡୁ ସଦନକୁ ସୂଚନା ଦେଇଛନ୍ତି ଯେ ସାରା ବିଶ୍ୱରେ ର୍‍ୟାନସମୱେୟର-ମାଲୱେୟର ଆକ୍ରମଣର ବିପଦ ବୃଦ୍ଧି ପାଇଛି।

**ବିଳମ୍ବିତ ହୋଇଥିଲା ୮୦୦ ବିମାନ**

## ବନ୍ୟା ବିପ୍ଳବ: ହଜାରେ ମୃତ; ଶତାଧିକ ନିଖୋଜ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଏସିଆରେ ବନ୍ୟା ବିପ୍ଳବ ସୃଷ୍ଟି କରିଛି। ଇଣ୍ଡୋନେସିଆ, ଶ୍ରୀଲଙ୍କା, ମାଲେସିଆ ଏବଂ ଥାଇଲାଣ୍ଡରେ ଆସିଥିଲା ଏହି ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ ଜନିତ ମୃତ୍ୟୁସଂଖ୍ୟା ହଜାରେ ପାର୍ କରିଛି। ଶତାଧିକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ଅନେକ ଦେଶରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ଇଣ୍ଡୋନେସିଆରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୦୨ରେ ପହଞ୍ଚି ଯାଇଛି। ଏବେ ବି ୫୦୮ ଜଣ ନିଖୋଜ ଅଛନ୍ତି। ଇଣ୍ଡୋନେସିଆର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ସେହିପରି ଶ୍ରୀଲଙ୍କାରେ ୩୪୦ ଜଣ ପ୍ରାଣ ହରାଇଛନ୍ତି। ରାଜଧାନୀ କଲମ୍ବୋରେ ରବିବାର ରାତିସାରା ଜଳସ୍ତର ବଢ଼ି ଚାଲିଥିଲା। ସକାଳେ ବର୍ଷା ଥମିଯିବାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହା ଦ୍ୱାରା ପାଣି ଛାଡ଼ିଯିବ ବୋଲି ଆଶା କରାଯାଉଛି। ଶ୍ରୀଲଙ୍କା ଏବଂ ଇଣ୍ଡୋନେସିଆରେ ଉଦ୍ଧାରକାର୍ଯ୍ୟ ପାଇଁ ସେନା ମୁତୟନ କରାଯାଇଛି। ଅନ୍ୟପଟେ ଥାଇଲାଣ୍ଡର ଦକ୍ଷିଣ ଭାଗରେ ଆସିଥିବା ବନ୍ୟା ୧୭୬ ଜଣଙ୍କ ଜୀବନ ନେଇଛି। ଏହାକୁ ଗତ ଦଶ ବର୍ଷ ମଧ୍ୟରେ ଆସିଥିବା ସବୁଠାରୁ ଭୟଙ୍କର ବନ୍ୟା ଧରାଯାଉଛି। ସେହିପରି ମାଲେସିଆର ପେରଲିସ ରାଜ୍ୟରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦକ୍ଷିଣ ଏସିଆରେ ଆସିଥିବା ଏହି ବନ୍ୟା ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଅନେକ କୋଠାବାଡ଼ି ଭୁଶୁଡ଼ି ପଡ଼ିଥିବାବେଳେ ପୋଲ ଭାଙ୍ଗି ଯାଇଛି। ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ଶ୍ରୀଲଙ୍କାରେ ବାତ୍ୟା ଦାତୱା ପ୍ରଭାବରେ ହେଉଥିବା ବର୍ଷା ଥମିବାରେ ଲାଗିଛି। ଏହା ତାମିଲନାଡୁକୁ ମଧ୍ୟ ପ୍ରଭାବିତ କରିଥିଲା। ବର୍ଷା ଜନିତ ଦୁର୍ଘଟଣାରେ ତିନି ଜଣଙ୍କ ଜୀବନ ଯାଇଥିଲା।



## କୁକୁର ଧରି ସଂସଦରେ ପହଞ୍ଚିଲେ ରେଣୁକା

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କୁ ନେଇ ବିବାଦ ହୋଇଛି। ସେ କୁକୁରକୁ ସାଙ୍ଗରେ ଧରି ସଂସଦ ପରିସରରେ ପହଞ୍ଚିଛନ୍ତି। ଏ ବିଷୟରେ ପଚାରିବାରୁ ସେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ନେଇ ହଙ୍ଗାମା ହୋଇଛି। ସେ କହିଛନ୍ତି ଯେ 'ସରକାରଙ୍କୁ ପଶୁ ପସନ୍ଦ ନୁହେଁ। ଏହା ଅତ୍ୟନ୍ତ ଛୋଟ ଏବଂ କାହାର କ୍ଷତି କରୁ ନ ଥିବା ପଶୁ। କାମୁଡୁ ଥିବା ଏବଂ ଦଂଶନ କରୁଥିବା ବ୍ୟକ୍ତି ସଂସଦ ଭିତରେ ଅଛନ୍ତି। କୁକୁର ଏଭଳି କରେ ନାହିଁ।' ଏହି ଘଟଣାକୁ ବିଜେପି ତୀବ୍ର ବିରୋଧୀ କରିଛି। ଏହା ଦ୍ୱାରା ସଂସଦ ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କୁହାଯାଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।



**'କୁକୁର କାମୁଡୁନି; କାମୁଡ଼ିବା ଲୋକ ସଂସଦରେ ଅଛନ୍ତି'**

ବିବାଦ ହେବାପରେ ରେଣୁକା ଏ ନେଇ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଘଟଣାକୁ ଅଯଥାରେ ଆଲୋଚନାର ପରିସରକୁ ଅଣାଯାଉଛି। ଯଦି କୁକୁର ଗୃହ ଭିତରକୁ ପଶିଆସିଲା ତେବେ ସମସ୍ୟା କ'ଣ? ଏହି କୁକୁର କାହାକୁ କାମୁଡ଼ିବ ନାହିଁ ବୋଲି ବିଶ୍ୱାସ ମୋର ଅଛି। କୁକୁରକୁ ଗୃହ ଭିତରକୁ ନ ନେବାର କୌଣସି ପ୍ରୋଟୋକଲ କି ଆଇନ ଅଛି କି? ରାସ୍ତାରେ ଆସିବା ବେଳେ କାର୍ ଏବଂ ସ୍କୁଟର ଧକ୍କା ହେବାରୁ କୁକୁର ଛୁଆଟି ପଳେଇ ଆସିଥିଲା। ରାସ୍ତାରେ ସେ ବୁଲୁଥିବାବେଳେ ଗାଡ଼ି ତଳେ ଚାପି ହୋଇଯିବ ଭାବି ତାକୁ ଆଣି ଆସିଥିଲି। ପହଞ୍ଚିବା ପରେ ତାକୁ ପଠାଇ ଦେଲି। ଗାଡ଼ି ଏବଂ କୁକୁର ଉଭୟ ପଳେଇ ଗଲେଣି। ଏବେ କାହାକୁ ନେଇ ଚର୍ଚ୍ଚା ହେଉଛି। ଯେଉଁମାନେ ବାସ୍ତବରେ କାମୁଡୁଛନ୍ତି ସେମାନେ ସଂସଦରେ ବସିଛନ୍ତି। ସେ ସରକାର ଚଳାଉଛନ୍ତି। ଏଥିରେ ତ କାହାର ସମସ୍ୟା ନାହିଁ। କୌଣସି ନେଇ ଆସିଗଲେ ତାହା ଚର୍ଚ୍ଚା ପାଲଟି ଯାଉଛି। ଲାଗୁଛି ସରକାରଙ୍କ ପାଖରେ ଚର୍ଚ୍ଚା ପାଇଁ କିଛି ପ୍ରସଙ୍ଗ ନାହିଁ। ଯଦି ସରକାର ସଂସଦ ଅଧିବେଶନକୁ ନେଇ ଚିନ୍ତିତ ତେବେ ଅବଧି କାହିଁକି ହ୍ରାସ କଲେ। ମାସକର ଅଧିବେଶନକୁ ପନ୍ଦର ଦିନକୁ କାହିଁକି ହ୍ରାସ କରାଗଲା? ଆମେ ଗୃହରେ କେଉଁ ପ୍ରସଙ୍ଗ ଉଠାଇବୁ ତାହାକୁ ନେଇ ଆପଣମାନେ ଚିନ୍ତିତ କାହିଁକି? ସୂଚନାଯୋଗ୍ୟ ଯେ ସଂସଦରେ ପୋଷା ପଶୁପକ୍ଷୀ ନେଇଯିବାକୁ ନିୟମର ଉଲ୍ଲଙ୍ଘନ ଧରାଯାଏ। ଏହା ସଂସଦ ଭବନ ପରିସରର ଆଚର ନିୟମ ଏବଂ 'ଲୋକସଭା ହ୍ୟାଣ୍ଡବୁକ ଫର ମେମ୍ବର୍ସ' ଅଧୀନରେ ଏହା ଭୁଲ୍।

## ବିହାର: ଶପଥପତ୍ର ପଢ଼ିପାରିଲେନି ବାହୁବଳୀଙ୍କ ପତ୍ନୀ ବିଭା ଦେବୀ



ପାଟନା, ୧।୧୨ (ଏଜେନ୍ସି): ଅନେକ ସମୟରେ ନେତା, ମନ୍ତ୍ରୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରିବାକୁ ଦାବି ହେଉଛନ୍ତି। କିନ୍ତୁ ପ୍ରାୟ ସବୁ ଦଳ ଏହି ଦାବିକୁ ଏଡ଼ାଇ ଚାଲିଛନ୍ତି। ତଳସ୍ତରର ସରକାରୀ କର୍ମଚାରୀ ହେବାକୁ ନିର୍ଦ୍ଦିଷ୍ଟ ଯୋଗ୍ୟତା ଏବଂ ଅପରାଧିକ ପୃଷ୍ଠଭୂମିରୁ ନ ଆସୁଥିବାର ନିୟମ ଥିବାବେଳେ ନେତାଙ୍କ ପାଇଁ ଏଭଳି କୌଣସି ନିୟମ ନାହିଁ କହିଲେ ଚଳେ। ଏବେ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ତଥା ପଢ଼ି ନ ପାରିବାରୁ ଜଣେ ନବ ନିର୍ବାଚିତ ବିଧାୟିକା କିଭଳି ହଟହଟା ହୋଇଛନ୍ତି ତାହାର ଭିଡିଓ ସାରା ଦେଶରେ ଭାଇରାଲ ହେବାରେ ଲାଗିଛି। ବିହାର ବିଧାନସଭାରେ ଏଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ୧୮ତମ ବିଧାନସଭାର ପ୍ରଥମ ଅଧିବେଶନରେ ନବ ନିର୍ବାଚିତ ସଦସ୍ୟ ଶପଥ ନେଉଛନ୍ତି। କିନ୍ତୁ ବାହୁବଳୀ ରାଜବଲ୍ଲଭଙ୍କ ପତ୍ନୀ ତଥା ନୱାଦାର ଜେଡିୟୁ ବିଧାୟିକା ବିଭା ଦେବୀ ଶପଥ ପତ୍ର ପଢ଼ି ନ ପାରି ସର୍ବସମ୍ମୁଖରେ ହଟହଟା ହୋଇଛନ୍ତି।

ବିଭା ଦେବୀ ଶପଥ ନେବାକୁ ଛିଡ଼ା ହୋଇଥିଲେ। ସେ ଭୁଲ୍ ଶବ୍ଦ ଉଚ୍ଚାରଣ କରି ଶପଥ ପାଠ ଆରମ୍ଭ କରିଥିଲେ। ଶପଥ ନେଉଛି ବଦଳରେ ସତତ ନେଉଛୁ ବୋଲି କହିଥିଲେ। ରହି ରହି ସେ ଶପଥ ପତ୍ର ପଢ଼ି ଚାଲିଥିଲେ। କ୍ରମାଗତ ଭାବେ ସଠିକ ଶବ୍ଦ ଉଚ୍ଚାରଣ କରିପାରୁ ନ ଥିଲେ। ମଝିରେ ମଝିରେ ଅଟକି ଯାଉଥିଲେ। ତାଙ୍କର ସ୍ଥିତି ସଦନରେ ଉପସ୍ଥିତ ଥିବା ସବୁ ଲୋକଙ୍କ ପାଇଁ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଇଥିଲା। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ବିଭା ଦେବୀ କଷ୍ଟେ ମଷ୍ଟେ ଶପଥ ନେବାକୁ ପ୍ରୟାସ କରିଥିଲେ। ଏହି ସମୟରେ ତାଙ୍କ ନିକଟରେ ଜେଡିୟୁ ବିଧାୟିକା ମନୋରମା ଦେବୀ ବସିଥିଲେ। ଶପଥ ପତ୍ର ପଢ଼ି ଦେବାକୁ ପ୍ରଭା ଦେବୀ ତାଙ୍କୁ ଅନୁରୋଧ କରିଥିଲେ। ଛୁଟକୀ ପଢ଼ି ଦେ, କହି ଦେ ବୋଲି କହିଥିଲେ। ମନୋରମା ଦେବୀ କହିବା ସତ୍ତ୍ୱେ ବି ବିଭା ଠିକ୍‌ରେ ପଢ଼ି ପାରି ନ ଥିଲେ। ଯେନତେନ ପ୍ରକାରରେ ଖଣ୍ଡି ଅକ୍ଷରରେ ଶପଥ ନେଇଥିଲେ। ଏହି ଭିଡିଓକୁ ନେଇ ସାମାଜିକ ଗଣମାଧ୍ୟମରେ ମେମେର ବନ୍ୟା ଆସିଛି। ଶପଥ ପତ୍ର ପଢ଼ି ପାରୁ ନ ଥିବା ମହିଳା ବିହାରର କେମିତି ବିକାଶ କରିବେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ସୂଚନାଯୋଗ୍ୟ ଯେ ସ୍ୱାମୀଙ୍କ ରାଜନୈତିକ ପ୍ରଭାବକୁ ଆଗକୁ ବଢ଼ାଇ ବିଭା ଦେବୀ ନୱାଦା ସିଟ୍‌ରୁ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ଅନ୍ୟ ପଟେ ଆଜି ଆରଜେଡି ନେତା ତେଜସ୍ୱୀ ଯାଦବ, ବିଜେପି ବିଧାୟିକା ମୈଥିଲୀ ଠାକୁର, ବାହୁବଳୀ ଅଶୋକ ମାହୋତଙ୍କ ପତ୍ନୀ ଅନିତା ଦେବୀ ପ୍ରମୁଖ ଶପଥ ଗ୍ରହଣ କରିଛନ୍ତି।

## ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ପାଇଁ ଖାଲି ଚାଷୀ ଦାୟୀ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦିଲ୍ଲୀ-ଏନସିଆରରେ ବାୟୁ ପ୍ରଦୂଷଣକୁ ନେଇ ସୋମବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ବାୟୁ ପ୍ରଦୂଷଣ ପାଇଁ କେବଳ ଚାଷୀଙ୍କୁ ଦାୟୀ କରିବାରୁ କୋର୍ଟ ଆପତ୍ତି ଉଠାଇଛନ୍ତି। ଏମସି ମେହତାଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜାଳିବା ଘଟଣା ନୂଆ ନୁହେଁ। ୪-୫ ବର୍ଷ ତଳେ କୋଭିଡ୍ ଏବଂ ଲକଡାଉନ୍ ସମୟରେ ମଧ୍ୟ ନଡ଼ା ପୋଡ଼ା ଯାଉଥିଲା। ଏହା ସତ୍ତ୍ୱେ ଆକାଶ ସ୍ୱଚ୍ଛ ଏବଂ ନୀଳ ଦେଖାଯାଉଥିଲା। ଏବେ କାହିଁକି ନୁହେଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି? ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପାଳ ପୋଡ଼ିବା ଉପରେ ବିତର୍କ ରାଜନୈତିକ କିମ୍ବା ଅହଂକାରରର ପ୍ରସଙ୍ଗ ହେବା ଉଚିତ୍ ନୁହେଁ। ଦିଲ୍ଲୀର ବିଷାକ୍ତ ବାୟୁର ଅନେକ କାରଣ ଅଛି। ନଡ଼ା ପୋଡ଼ିବା ବ୍ୟତୀତ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣର କାରଣଗୁଡ଼ିକ ଉପରେ ବୈଜ୍ଞାନିକ ବିଶ୍ଳେଷଣ କରାଯିବା ଉଚିତ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ଅନୁଷ୍ଠିତ ହେବ।


# ବିଶ୍ୱକପ୍ ବିଜୟ ପରେ ସ୍ନେହ ରାଣାଙ୍କ ପଦୋନ୍ନତି



ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଐତିହାସିକ ବିଶ୍ୱକପ୍ ବିଜୟ ପରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଅଲ୍‌ରାଉଣ୍ଡର ସ୍ନେହ ରାଣାଙ୍କୁ ପଦୋନ୍ନତି ମିଳିଛି। ୩୧ ବର୍ଷୀୟା ସ୍ନେହଙ୍କୁ ବର୍ତ୍ତମାନ ଭାରତୀୟ ରେଳବାଇରେ ଅଫିସର ଇନ୍ ସ୍ପେଶାଲ ଡ୍ୟୁଟି (କ୍ରୀଡ଼ା) ପଦକୁ ପଦୋନ୍ନତି ଦିଆଯାଇଛି। ସ୍ନେହଙ୍କ କର୍ମକ୍ଷେତ୍ର ନର୍ଦନ ରେଲୱେ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ସ୍ନେହ ଏଥିପୂର୍ବରୁ ନର୍ଦନ ରେଲୱେରେ 'କମର୍ସିଆଲ୍ କମ୍ ଟିକଟ୍ କ୍ଲର୍କ' ପଦରେ ଚାକିରି କରୁଥିଲେ। ଏହି ପଦୋନ୍ନତି ଲାଗି ସ୍ନେହ ଭାରତୀୟ ରେଳ ମନ୍ତ୍ରଣାଳୟକୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶଯୋଗ୍ୟ, ଗତ ମହିଳା ଦିନିକିଆ ବିଶ୍ୱକପ୍‌ରେ ଅଫ୍-ସ୍ପିନ ଅଲ୍‌ରାଉଣ୍ଡର ସ୍ନେହ ୬ଟି ମ୍ୟାଚ୍ ଖେଳି ୭ଟି ୱିକେଟ୍ ନେବା ସହ ମୋଟ୍ ୯୯ ରନ ସଂଗ୍ରହ କରିଥିଲେ।

# 'କୋହଲିଙ୍କ ଭବିଷ୍ୟତ ନେଇ ପ୍ରଶ୍ନ ଉଠାଇବା ଅନାବଶ୍ୟକ'

ନୂଆଦିଲ୍ଲୀ,୧।୧୨(ଏଜେନ୍ସି): ଫର୍ମ ହେଉ ଅବା ଫିଟ୍‌ନେସ, ୩୭ ବର୍ଷରେ ବିରାଟ କୋହଲି ଯେପରି ଖେଳୁଛନ୍ତି ତାଙ୍କର ଭବିଷ୍ୟତ ନେଇ ଆଲୋଚନା କରିବା କିମ୍ବା ପ୍ରଶ୍ନ ଉଠାଇବା ଅପ୍ରାସଙ୍ଗିକ ଓ ଅନାବଶ୍ୟକ ବୋଲି କହିଛନ୍ତି ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟକ। ରାଞ୍ଚିରେ ଗତକାଲି ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ସେ ଯେପରି ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରିଥିଲେ, ସେଥିରୁ ସେ ତାଙ୍କ ଉପସ୍ଥିତି ଜାହିର କରିଛନ୍ତି। ବିରାଟ କୋହଲି ଏବେ କେବଳ ଦିନିକିଆ ଫର୍ମାଟରେ ଖେଳୁଛନ୍ତି। ଟେଷ୍ଟ ଓ ଟି-୨୦ର ଅନ୍ତର୍ଜାତୀୟ ଫର୍ମାଟରୁ ସେ ଅବସର ନେଇସାରିଛନ୍ତି। ଭାରତୀୟ ଦଳର ନିରାଶାଜନକ ପ୍ରଦର୍ଶନ ପରେ କୋହଲି ଟେଷ୍ଟ ଫର୍ମାଟକୁ ଫେରିବେ ବୋଲି ଜୋର କଳ୍ପନା ଜଳ୍ପନା ଚାଲିଛି। ସେ ନିଜେ ଏହାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଗତକାଲି ସେ କହିଥିଲେ, ଭାରତ ଲାଗି ଖେଳିବାକୁ ଗଲାବେଳେ ସେ ସର୍ବଦା ୧୨୦ ଭାଗ ଚେଷ୍ଟା କରିଥାନ୍ତି। ଏବେ ମୁଁ କେବଳ ଦିନିକିଆ ଫର୍ମାଟରେ ଖେଳ ଜାରି ରଖିବି ବୋଲି କହିବା ପରେ ଟେଷ୍ଟକୁ ତାଙ୍କର ପ୍ରତ୍ୟାବର୍ତ୍ତନ ଆଉ ସମ୍ଭବ ନୁହେଁ ବୋଲି ଏଥିରୁ ସ୍ପଷ୍ଟ ହୋଇଛି।



୨୦୨୭ରେ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯିବ। ବିରାଟ କୋହଲି ଏବଂ ରୋହିତ ଶର୍ମା ଏହି ବିଶ୍ୱକପ୍ ଖେଳି ଅବସର ନେବାକୁ ଆଗ୍ରହୀ ବୋଲି ଆଲୋଚନା ହେଉଛି। ଉଭୟ ଅନ୍ତର୍ଜାତୀୟ କ୍ରିକେଟର ଅନ୍ୟ ଦୁଇ ଫର୍ମାଟରୁ ଅବସର ନେଇ ସାରିଥିବାରୁ ଏବେ କେବଳ ଦିନିକିଆ ଖେଳୁଛନ୍ତି। ଏହା ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ସେ ଯେତିକି ପରିମାଣରେ କ୍ରିକେଟ ଖେଳୁଛନ୍ତି, ସେଥିରୁ ବିଶ୍ୱକପ ପର୍ଯ୍ୟନ୍ତ ତାଙ୍କ ଫିଟ୍‌ନେସ ସ୍ତରରେ କିଛି ପରିବର୍ତ୍ତନ ହେବାର ଆଶଙ୍କା ନାହିଁ। ଏଣୁ ତାଙ୍କ ଭବିଷ୍ୟତ ସମ୍ପର୍କରେ କଳ୍ପନା ଜଳ୍ପନା, ଆଲୋଚନା କିମ୍ବା ପର୍ଯ୍ୟାଲୋଚନା କରିବା ଅନୁଚିତ ହେବ ବୋଲି କୋଟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଟିମ୍ ମ୍ୟାନେଜ୍‌ମେଣ୍ଟ ଏ ସମ୍ପର୍କରେ କଥାବାର୍ତ୍ତା ହେବା ତ ଦୂରର କଥା, ଭାବିବାକୁ ମଧ୍ୟ ଉଚିତ ମନେକରିନାହିଁ।

ରାଞ୍ଚିରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ କୋହଲି ତାଙ୍କ ଚିରାଚରିତ ଶୈଳୀରେ ବ୍ୟାଟିଂ କରି ଜୀବନର ୫୨ତମ ଶତକ ହାସଲ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ଏହା ସର୍ବାଧିକ ଶତକ। ଟେଷ୍ଟ କ୍ରିକେଟରେ ସଚିନ ତେନ୍ଦୁଲକର ୫୧ଟି ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେ ୧୦୨ଟି ବଲ୍‌ରୁ ଶତକ ହାସଲ କରିଥିଲେ। ସେ ମୋଟ ୧୨୦ଟି ବଲ୍ ଖେଳି ୧୩୫ ରନ୍ କରିଥିଲେ। ଏହା ମଧ୍ୟରେ ୧୧ଟି ସୁଦୃଶ୍ୟ ଚୌକା ଓ ୭ଟି ବିରାଟ ଛକା ରହିଥିଲା। ଏଥିରୁ ତାଙ୍କ ଫର୍ମ ଓ ଫିଟ୍‌ନେସ୍‌ର ପ୍ରମାଣ ମିଳିଥାଏ। ତାଙ୍କ ଶତକ ଓ ଅନ୍ୟତମ ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କ ସହ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୧୩୬ ରନ୍ ସଂଗୃହୀତ ହୋଇଥିଲା। ଏହି ରନ୍ ବଳରେ ଭାରତ ଏକ ବିଶାଳ ସ୍କୋର (୮ୱିକେଟରେ ୩୪୯ ରନ୍) କରିଥିଲା। କୁଲଦୀପ ଯାଦବ ୪ଟି ଓ ହର୍ଷିତ ରାଣା ୩ଟି ୱିକେଟ ନେବା ଫଳରେ ଭାରତ ଏହି ମ୍ୟାଚ୍‌କୁ ୧୭ ରନ୍‌ରେ ଜିତିନେଇଥିଲା।

### ସେହ୍ୱାଗଙ୍କ ପ୍ରଶଂସା

ବିରାଟ କୋହଲି ପୁଣିଥରେ ପ୍ରମାଣିତ କରିଛନ୍ତି ଯେ, ଚା' ତିଆରି କରିବା ଆମ ଲାଗି ଯେତିକି ସହଜ, ବିରାଟଙ୍କ ଲାଗି ରନ୍ ସଂଗ୍ରହ କରିବା ସେତିକି ସହଜ। ସେ ଆହୁରି କହନ୍ତି, ରେକର୍ଡ ପଛରେ କୋହଲି ଦୌଡ଼ୁନାହାନ୍ତି, ବରଂ ରେକର୍ଡ ତାଙ୍କ ପଛରେ ଦୌଡ଼ୁଛି। ଆଜ୍ ଭି ଭୁକ୍ ୱହି, ଜୁନୁନ ୱହି ବୋଲି ସେ କହିଛନ୍ତି। କିଙ୍ଗ୍ ଷ୍ଟେଜ୍ କିଙ୍ଗ୍ ବା ରାଜା ସର୍ବଦା ରାଜା ଭଳି ରହିବ ବୋଲି ସେହ୍ୱାଗ ତାଙ୍କ ପ୍ରଶଂସାରେ କୋହଲିଙ୍କୁ ପୋତିଦେଇଛନ୍ତି।

# ମହିଳା ହକି ଦଳର କୋଚ୍ ପଦ ଛାଡ଼ିଲେ ହରେନ୍ଦ୍ର

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଏକ ଅପ୍ରତ୍ୟାଶିତ ଘଟଣାକ୍ରମେ ଭାରତୀୟ ସିନିଅର ମହିଳା ହକି ଦଳର ମୁଖ୍ୟ ପ୍ରଶିକ୍ଷକ ହରେନ୍ଦ୍ର ସିଂହ ସୋମବାର ନିଜ ପଦରୁ ଇସ୍ତଫା



ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ହରେନ୍ଦ୍ର ନିଜର ନିଷ୍ପତ୍ତି ମେଲ୍ ଯୋଗେ ହକି ଇଣ୍ଡିଆକୁ ଜଣାଇ ଦେଇଛନ୍ତି। ୫୬ ବର୍ଷୀୟ ହରେନ୍ଦ୍ର ଗତବର୍ଷ ଏପ୍ରିଲରେ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ୨୦୨୮ ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଟିମ୍ ସହ ଜଡ଼ିତ ରହିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଅଚାନକ ପଦ ଛାଡ଼ିବା ନେଇ ନାନା ଆଲୋଚନା ହେଉଛି। ରିପୋର୍ଟ ଅନୁସାରେ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳର କୋଚ୍ ରହିଥିବା ନେଦରଲାଣ୍ଡସର ଶୋଡ୍ ମାରିନ ପୁଣିଥରେ ଏହି ସମ୍ମାନଜନକ ପଦ ସମ୍ଭାଳିବେ। ତାଙ୍କ ତତ୍ତ୍ୱାବଧାନରେ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ୪ର୍ଥ ସ୍ଥାନରେ ରହିଥିଲା। ତେବେ ହକି ଇଣ୍ଡିଆ ପକ୍ଷରୁ ଏନେଇ ଅଫିସିଆଲ୍ ଭାବେ କିଛି ଘୋଷଣା କରାଯାଇନାହିଁ। ସ୍ମରଣଯୋଗ୍ୟ, ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ୨୦୧୬ରେ ଭାରତୀୟ ଦଳ ଜୁନିଅର ପୁରୁଷ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ୨୦୨୧ରୁ ୨୦୨୪ ପର୍ଯ୍ୟନ୍ତ ସେ ଆମେରିକା ପୁରୁଷ ଦଳର କୋଚ୍ ଦାୟିତ୍ୱ ସମ୍ଭାଳିଥିଲେ।

# ଦୃଷ୍ଟିହୀନ ମହିଳା ବିଶ୍ୱଚାମ୍ପିଅନ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା

ଭୁବନେଶ୍ୱର,୧।୧୨(ସମିସ): ଶ୍ରୀଲଙ୍କାରେ ଅନୁଷ୍ଠିତ ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ଭାରତ ଚାମ୍ପିଅନ ହୋଇଛି। ଏହି ଚାମ୍ପିଅନ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାଲେଶ୍ୱରର ଫୁଲ ସୋରେନ୍। ଏମାନଙ୍କ ବ୍ୟତୀତ ଆଉ ୩ଜଣ ଖେଳାଳି ମୟୂରଭଞ୍ଜ ଜିଲ୍ଲାର। ସେମିଫାଇନାଲରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବାସନ୍ତୀ ହାଁସ୍‌ଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାର୍ଣ୍ଡି। ଏ ସମସ୍ତ ଖେଳାଳି ଓଡ଼ିଶାରେ ପହଞ୍ଚିବା ପରେ ବିମାନବନ୍ଦରରେ ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୧ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏହି ଖେଳାଳିଙ୍କ ସହ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ତଥା କମିଶନର ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ଡଃ. ୟେଦୁଲା ବିଜୟ, ଦଳର କୋଚ୍ ଦେବାଶିଷ ଜେନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କିନ୍ତୁ ଅନ୍ୟ ଖେଳାଳିମାନଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ତୁଳନାରେ ଏହା ବହୁତ କମ୍ ବୋଲି ଆଲୋଚନା ହେଉଛି।



■ ୨୩ ବର୍ଷରୁ କମ୍ ମହିଳା ଟି-୨୦

# ମୁମ୍ବଇଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧।୧୨(ସମିସ): କେରଳର ତିରୁଅନନ୍ତପୁରମଠାରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଏଲିଟ୍ ବିଭାଗ ମୁକାବିଲାରେ ଓଡ଼ିଶା ୧୮ ରନ୍‌ରେ ମୁମ୍ବଇଠାରୁ ହାରିଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୪୦ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଥମ ୩ ବ୍ୟାଟର ୦, ୪, ୬ରେ ଆଉଟ ହେବା ପରେ ଦଳ ୧୫ ରନ୍‌ରେ ୩ ୱିକେଟ ହରାଇଥିଲା। ଏହା ପରେ ନଂ-୮ ବ୍ୟାଟର ହର୍ଲି ଗାଲା ଅପରାଜିତ ୩୦, ନଂ-୪ ଓ ୫, ତୁଶି ଶାହ ଓ ସାଧବୀ ସଞ୍ଜୟ ୨୪ ରନ୍ ଲେଖାଏଁ, ନଂ-୮ ଶ୍ରଦ୍ଧା ୨୩ ରନ୍ କରିଥିଲେ। ଓଡ଼ିଶାର ଶ୍ରେୟା ପ୍ରିୟଦର୍ଶିନୀ ୨ଟି, ଅନନ୍ୟା ମିଶ୍ର, ଶୁଭ୍ରନିର୍ଝରିଣୀ ସ୍ୱାଇଁ ଓ ଏସ୍‌ବି ଲରେନ୍ସ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



ଶ୍ରେୟା ପ୍ରିୟଦର୍ଶିନୀ



ତନ୍ମୟୀ ବେହେରା

ଜବାବରେ ଓପନର ତନ୍ମୟୀ ବେହେରାଙ୍କ ୩୯ ବଲ୍‌ରେ ୪୪ ଓ ନଂ-୩ ବ୍ୟାଟର ତଥା ଅଧିନାୟିକା ଅଲିପ୍ସା ବିଶ୍ୱାଳଙ୍କ ୩୯ ବଲ୍‌ରେ ୩୮ ରନ୍ ସତ୍ତ୍ୱେ ଦଳ ସମାନ ସଂଖ୍ୟକ ଓଭର ଖେଳି ୬ ୱିକେଟରେ ୧୨୨ ରନ୍ କରିବାକୁ ସମର୍ଥ ହୋଇଥିଲା। ସିନିୟର ଖେଳାଳିଙ୍କୁ ନେଇ ଗଠିତ ଓଡ଼ିଶା ଦଳର ବ୍ୟାଟିଂ ଏଠାରେ କାମ ଦେଇ ନ ଥିଲା। ମୁମ୍ବଇର ଜିଲ ଡିମେଲୋ ଓ କାଶିଶ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ଜୁନିଅର ମହିଳା ହକି ବିଶ୍ୱକପ୍ ଉଦ୍‌ଘାଟିତ

# ବିଜୟରୁ ଭାରତର ଅଭିଯାନ

ସାଣ୍ଟିଆଗୋ, ୧।୧୨ (ଏଜେନ୍ସି): ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ସୋମବାରଠାରୁ ଚିଲିରେ ଆରମ୍ଭ ହୋଇଛି। ଡିସେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ଭାରତୀୟ ମହିଳା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତ ପ୍ରଥମ ମ୍ୟାଚରେ ନାମ୍ବିଆକୁ ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଏଥିସହ ପୁଲ୍-ସି'ରେ ସ୍ଥାନ ପାଇଥିବା ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ବୁଧବାର ଜର୍ମାନୀକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପ୍ରଥମ ଦିବସରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜର୍ମାନୀ ୭-୧ ଗୋଲ୍‌ରେ ଏକପାଖିଆ ଭାବେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥର ବିଶ୍ୱକପ୍‌ରେ ୫ଟି ମହାଦେଶର ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ୧୯୮୯ରୁ ଏହି ମେଗା ଇଭେଣ୍ଟ ଖେଳାଯାଇ ଆସୁଥିଲେ ମଧ୍ୟ ଭାରତ ଥରେ ହେଲେ ଫାଇନାଲରେ ପ୍ରବେଶ କରିବାରେ ସଫଳ ହୋଇନାହିଁ।

### ଏଫ୍‌ଆଇଏଚ୍ ପୁରୁଷ ହକି ଜୁନିଅର ବିଶ୍ୱକପ୍

# କ୍ୱାର୍ଟରରେ ଜର୍ମାନୀ

ମଦୁରାଇ,୧।୧୨(ଏଜେନ୍ସି): ବିଶ୍ୱର ନଂ-୧ ଟିମ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ହକି ଜୁନିଅର ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜି ଏଠାରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମୁକାବିଲାରେ ଜର୍ମାନୀ ୫-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରି ଗ୍ରୁପ୍-ଏ'ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ଜର୍ମାନୀ ଏବେ ଚେନ୍ନଇରେ କ୍ୱାର୍ଟର ଫାଇନାଲ ଖେଳିବ। ସେହିପରି ଏହି ଗ୍ରୁପ୍‌ରେ କାନାଡାକୁ ୯-୧ ଗୋଲରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍-ବି'ରେ ଆସନ୍ତାକାଲି ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବ।

# ଓଡ଼ିଶା-୧୪୬, ଉତ୍ତରାଖଣ୍ଡ-୧୪୯/୨

### କୁଚ୍‌ବିହାର ଟ୍ରଫି

ଭୁବନେଶ୍ୱର, ୧।୧୨(ସମିସ): ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ୧୯ ବର୍ଷରୁ କମ୍ ୩ ଦିନିଆ କୁଚ୍‌ବିହାର ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଉତ୍ତରାଖଣ୍ଡର କାଶିପୁରଠାରେ ଆଜି ଅନୁଷ୍ଠିତ ପ୍ରଥମ ଦିନ ଖେଳରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମାତ୍ର ୧୪୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଜବାବରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ୨ ୱିକେଟରେ ୧୪୯ ରନ୍ କରିଛି। ଉତ୍ତରାଖଣ୍ଡ ପକ୍ଷରୁ ଅଧିନାୟକ ତଥା ଓପନର ରକ୍ଷିତ ଡାଲାକୋଟି ସର୍ବାଧିକ ୬୪ ଓ ୱିକେଟରକ୍ଷକ ଆଦିତ୍ୟ ନାଇଥାନି ୫୯ ରନ୍‌ରେ ବ୍ୟାଟିଂ କରୁଥିଲେ। ପ୍ରିୟାଂଶୁ ମହାନ୍ତି ଓ ସମ୍ବିତ ବେଜା ୱିକେଟ ଦୁଇଟି ସମାନ ଭାବେ ବାଣ୍ଟି ନେଇଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରତିପକ୍ଷ ଫାଷ୍ଟ ବୋଲି ପ୍ରିୟାଂଶୁ ସିଂଙ୍କ ବୋଲିଂର ମୁକାବିଲା କରି ନ ପାରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରିୟାଂଶୁ ୧୫.୧ ଓଭରରେ ୩୩ ରନ୍ ଦେଇ ସର୍ବାଧିକ ୮ଟି ୱିକେଟ ନେଇଥିଲେ। ନିଶୁ ପଟେଲଙ୍କୁ ଅନ୍ୟ ୨ଟି ୱିକେଟ ମିଳିଥିଲା। ଓଡ଼ିଶା ଇନିଂସରେ ଦଳର ପ୍ରଥମ ୪ଜଣ ଓ ନଂ-୬ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିପାରି ନ ଥିଲେ। ନଂ-୫ ମାତ୍ର ୧୧ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ନଂ-୭, ୮ ଓ ୯ ବ୍ୟାଟରଙ୍କ ପ୍ରଦର୍ଶନ ଯୋଗୁଁ ଦଳ ପ୍ରଥମ ଇନିଂସରେ ଶହେ ରନ୍ ପୂରଣ କରିଥିଲା। ସେମାନଙ୍କ ମଧ୍ୟରୁ ନଂ-୯ରେ ବ୍ୟାଟିଂ କରିବାକୁ ଆସିଥିବା ପୀୟୁଷ ରଞ୍ଜନ ମନ୍ତ୍ରୀ ସର୍ବାଧିକ ୬୧ ରନ୍ କରିଥିଲେ। ଏଥିରେ ସେ ୫ଟି ଚୌକା ଓ ୬ଟି ଛକା ମାରିଥିଲେ। ସେ ୮ମ ୱିକେଟରେ ସୟଦ ତୁଫାଏଲ ଅହମ୍ମଦ୍‌ଙ୍କ ସହ ୬୦ ରନ୍ ଉଠାଇ ଓଡ଼ିଶାର କିଛି ସମ୍ମାନ ରକ୍ଷା କରିଥିଲେ। ନଂ-୮ ତୁଫାଏଲ ୨୨ ଓ ନଂ-୭ ଆଦିତ୍ୟ ଆନନ୍ଦ ୧୯ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ।

# ବାରବାଟୀରେ ଖେଳିବେ ଗିଲ୍, ପାଣ୍ଡ୍ୟା!

ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ ପୂର୍ବରୁ ଆହତ ସମସ୍ୟା ଦେଇ ଗତି କରୁଥିବା ଭାରତର ଦୁଇ ପ୍ରମୁଖ ଖେଳାଳି ଶୁବମନ ଗିଲ୍ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଧିରେ ଧିରେ ସୁସ୍ଥ ହୋଇଛନ୍ତି। ପାଣ୍ଡ୍ୟାଙ୍କୁ ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବରୋଦା ପକ୍ଷରୁ ଖେଳିବାକୁ ବିସିସିଆଇ ସୋମବାର ସବୁଜ ସଙ୍କେତ ପ୍ରଦାନ କରିଛି। ଫଳରେ ସେ ମଙ୍ଗଳବାର ବରୋଦା-ପଞ୍ଜାବ ମୁକାବିଲାରେ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଗିଲ୍ ସୋମବାର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ନିୟମିତ ଫିଟନେସ ଯାଞ୍ଚ ପାଇଁ ରିପୋର୍ଟ କରିଛନ୍ତି। ଏହାପରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଖେଳିବେ କି ନାହିଁ ସ୍ପଷ୍ଟ ହେବ। ତେବେ ରିପୋର୍ଟ ଅନୁଯାୟୀ ଟି-୨୦ ସିରିଜ ଲାଗି ଦଳ ଘୋଷଣା ବେଳକୁ ଉଭୟ ପାଣ୍ଡ୍ୟା ଓ ଗିଲ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଥିବେ ବୋଲି କୁହାଯାଉଛି। ଏଭଳି ହେଲେ କଟକର ବାରବାଟୀରେ ଖେଳାଯିବାକୁ ଥିବା ସିରିଜର ପ୍ରଥମ ମ୍ୟାଚରେ ଉଭୟ ତାରକା ଖେଳାଳିଙ୍କୁ କ୍ରିକେଟ୍‌ପ୍ରେମୀ ଦେଖିବାକୁ ପାଇବେ।

### ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି

# ତାମିଲନାଡୁ ଚାମ୍ପିଅନ

ମୁମ୍ବଇ, ୧।୧୨ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫିରେ ତାମିଲନାଡୁ ଚାମ୍ପିଅନ ହୋଇଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଫାଇନାଲରେ ତାମିଲନାଡୁ ୫୬ ରନରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ତାମିଲନାଡୁ ଏସଆର୍ ଆଥିଶ (୫୩ ରନ), ଏସ୍ ମହମ୍ମଦ ଅଲି (୫୭) ଓ ମାନବ ପ୍ରକାଶ (୫୭)ଙ୍କ ଅର୍ଦ୍ଧଶତକ ବଳରେ ୪୯.୩ ଓଭରରେ ୨୯୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ବୋଲର ପ୍ରଶାନ୍ତ ବୀରଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ଉତ୍ତର ପ୍ରଦେଶ ୪୭.୫ ଓଭରରେ ୨୪୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବୋଲିଂ ଭଳି ବ୍ୟାଟିଂରେ ମଧ୍ୟ ପ୍ରଶାନ୍ତ ବୀର ୬୫ ବଲରେ ୮୭ ରନର ଦ୍ରୁତ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ।

### ଲିସବନ୍ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍ ଜିମ୍ନାଷ୍ଟିକ୍

# ଏଏମ୍‌/ଏନ୍‌ଏସ୍ ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ



ଭୁବନେଶ୍ୱର, ୧।୧୨ (ସମିସ): ପର୍ତ୍ତୁଗାଲର ଲିସବନରେ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫରମାନ୍ସ ସେଣ୍ଟର (ଏଚ୍‌ପିସି)ର ଆଥ୍‌ଲେଟ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୨୦ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ରହିଛି। ବିଶ୍ୱର ୧୮ଟି ଇଲାଇଟ୍ ଜିମ୍ନାଷ୍ଟିକ କ୍ଲବ ବିପକ୍ଷରେ ଖେଳି ଜିଏଚପିସି ଆଥ୍‌ଲେଟ୍‌ମାନେ ଏହି ପଦକ ସଫଳତା ପାଇଛନ୍ତି।

ଜୁନିଅର ପୁରୁଷ ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସ ବର୍ଗରେ ଅଂଶୁମାନ ସୁନ୍ଦରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ରେଡ୍ଡୀ ଓ ବିରୁଙ୍କୁ ନେଇ ଗଠିତ ଦଳ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲା। ତୃତୀୟ ସ୍ୱର୍ଣ୍ଣପଦକ ସିନିଅର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସର ଦଳଗତ ଇଭେଣ୍ଟରୁ ଆସିଥିଲା। ସୁମିତ ଧଳ, ମୃତ୍ୟୁଞ୍ଜୟ ପଟ୍ଟନାୟକ ଓ ଜଗଦୀଶ ବାରିକ ସଦସ୍ୟ ରହିଥିଲେ।

### ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ା

# ଫାଇନାଲରେ କିଟ୍ ମହିଳା ହକି ଦଳ



ଭୁବନେଶ୍ୱର, ୧।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ାରେ କିଟ୍ ମହିଳା ହକି ଦଳ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ଫାଇନାଲରେ ପ୍ରବେଶ କରିଛି। ସୋମବାର ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ କିଟ୍ ପେନାଲ୍ଟି ସୁଟ୍ ଆଉଟ୍‌ରେ ୩-୨ ଗୋଲ୍‌ରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ବୁଧବାର ମହିଳା ହକି ଫାଇନାଲ ଖେଳାଯିବ। ଏଥିରେ ଆଇଟିଏମ୍ ଗ୍ୱାଲିଅର ଓ କିଟ୍ ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ସେହିଭଳି ଦେବାଶିଷ ସାହୁ ଓ କବୀର ହଂସଙ୍କୁ ନେଇ ଗଠିତ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ଅପରପକ୍ଷରେ କିଟ୍ ମହିଳା ଭଲିବଲ୍ ଦଳ ମଧ୍ୟ ପ୍ରଥମ ମ୍ୟାଚରେ ୩-୧ ସେଟରେ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ହରାଇ ଅଭିଯାନ ଆରମ୍ଭ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS